ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୨୬/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 26/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 181 | ମୂଲ୍ୟ ₹୭/-

150+ bona fide YUVODAYANS - Now and Always

NEET-2024

YUVODAYA
NON-NEGOTIABLE ACADEMICS




AIIMS & GOVT. MEDICAL COLLEGE PROBABLES

680 TULESWAR MEHER, 676 V. KIRTIRAJ RAJU, 675 SIDDHANT MEHER, 672 SHUBHAM SAHU, 672 NISHARANI SA, 671 PREETIMAYEE SAHU, 670 PAYAL PADHAN, 670 SAMYAK SAHU, 668 OMKAR DANI, 668 SHUBHASHREE SAHOO, 666 RANKESH SAHU, 666 SOURAV HOTA (EWS), 666 OMSHREE ADARSH PANDA

665 SARTHAK NANDA, 665 ASHIRBAD SAHU, 664 SWAGATIKA NAYAK, 662 LIPIKA SAHU, 661 SHREYAN DAS, 660 THANASUNDAR MEHER, 660 BADAL K. SAHU, 660 PRITAM KUMAR MEHER, 657 SPANDITA SWARUPA, 657 NAMITA SAHU, 656 SUBHASHREE SWAIN, 653 ANNADA PR. SINGH, 652 OM PRAKASH PRADHAN

652 JHANSIRANI BAG (CAT), 652 ANUSKA PANIGRAHI, 651 SHUBHANKAR SATPATHY, 651 OMKAR RANA, 650 AYUSHMAN SAHU, 650 SONAMI BARIK, 650 ARCHIC MISHRA, 650 ASHWIN ROUTRAY, 650 SHAKTIDUTTA BHATTA, 649 PREETI PRAJNA PATRA, 649 SAHIL KUMAR BEHERA, 646 SOUMYA RANJAN SAHU, 645 ASHARANI PUROHIT

645 SUBHRANSU S. BASTIA (EWS), 643 ASTHARANI SAHU, 643 SOUMYA P. PANDA, 641 SOUJANYA S. SARANGI, 641 SWARUP SAHOO, 641 SURYAKANTA MAITY, 640 AMAN KUMAR NAIK, 640 NAMRATA SINGH, 640 SOUMYA PRIYADARSHINI DASH (EWS), 640 SUSHREEABHILIPSA BAL (EWS), 640 ARPIT MEHER, 638 SAHIL KUMAR SAHOO, 637 TOSMINI MEHER

Itishree Sahu – 636, Gourishankar Meher – 636, Sahu Rohit Kumar – 635, Tushar Ranjan Podh – 635, Swayambhu Panigrahi – 635, Sthitiprangya Behera – 635, Itishree Padhan – 634, Pragya Pandey – 634 (CAT), Rudra Nanda – 633, Chandan Meher – 633, Lena Linali Patel – 633, Basanti Meher – 633, Laxmisagar Dehuri – 632, Anwesha Meher – 632, Shibashish Meher – 631, Pritika Parida – 631 (EWS), Soumya R. Swain – 631, Abhisek Sahu – 630, Om Pr. Sahu – 630, Subhranshu Dash – 630, Sunil Karna – 629, Dwijeshraj Das – 628 (CAT), Biswa Pr. Meher – 627, Mahesh Meher – 625, Sanjana Singh – 622, Sandeep Hota – 621, Rudra Jena – 621 (CAT), Barsharani Padhan – 620, Anshuman Maharaj – 620 (CAT), Ghanashyam Jyotish – 620, Chandrakanti Karmi – 619, Sibani Satpathy – 618, Priti Patel – 618, Rajib Moharana – 617, Subhransu Sekhar – 617, Ananya Mishra – 617, Devi Pr. Sahoo – 616, Pratikshya Priyadarshini – 615, Suchitra Panda – 615, Gatikrushna Mohanty – 615, Pratik Sahu – 615, Sagarika Naik – 615, Anwesh Acharya – 614, Jayakrushna Sahu – 614, Roshi P. Dhar – 613, Srabani Mahakur – 613, Pranati Sahu – 613, Kiran Agrawal – 613, Om Pratik Maharana – 612, Anukoola Joshi – 612, Haripriya Meher – 610, Subhasmita Sahu – 610, Raj Kathar – 610, Alibha Biswal – 610, Sasmita Khamari – 610, Soumya Seth – 609, Sumit Nanda – 609 (EWS), Sambit Biswal – 606, Biswaranjan Prusty – 606, Nihar Padhan – 605, Subhashree Padhan – 605, Soumyajit Mishra – 605, Sarthak Sahu 604, Manjushree Mishra – 602, Adyasha Panda – 600, Swastika SinghDeo – 600, Pratyush Dash – 600, Diptiranjan Mallick – 594 (CAT), Runu Meher - 586 (CAT), Sahiban Jena – 568 (CAT), Binit Bhue – 549 (CAT), Mili Meher - 548 (CAT), Tapaswini Suna - 540 (CAT), Arati Seth - 529 (CAT), Rakshi Dharua - 526 (CAT), Bharati Bhue – 523 (CAT), Parthasarathi Tarai - 519 (CAT), Harish Rajhans - 511 (CAT), Subha Sourav Singh - 510 (CAT), Neelam Biswal - 500 (CAT)

675 above - 11 | 650 above - 45
600 above - 138 and awaiting more

Course Fee : ₹1,07,000/- (Only for Bhubaneswar Centre)

580 above at NEET 100% Scholarships

550 - 579 at NEET Course Fee: ₹30,000/-

525 - 549 at NEET Course Fee: ₹50,000/-

500 - 524 at NEET Course Fee: ₹60,000/-

FOR ONE YEAR COURSE : BHUBANESWAR - Jayadev Vihar ☎ 9437330577 / 7381064208 BALANGIR - Shanti Pada ☎ 9777884488 / 9938086842

FRESHER 697 ARYAN SUMAN JOSHI, FRESHER 665 AYUSH MEHER, FRESHER 650 KRISHNA SAGAR MISHRA, FRESHER 645 NIKITA SWAIN, FRESHER 640 SUBHAM SAHOO, FRESHER 618 PRAJNA PARAMITA PADHAN, FRESHER 615 SWAPNIL SAHU, FRESHER 610 DHEERAJ PADHAN, FRESHER 607 SAISRITA JENA (EWS), FRESHER 600 SHREYANSHI BOHIDAR, FRESHER 600 SRITAM KUMAR PANDA, FRESHER 600 BHARATI RATH

FRESHERS STRIKE AGAIN AT NEET - 2024

FRESHERS: JEE CHAMPS - 2024

99.57 AYUSH NAIK, 99.32 PRAVEEN KU. PATRO, 97.90 S.P. PULAKIT BARIK, 97.63 KRISHNA SAGAR MISHRA, 97.22 OM SAI S. BISWAL, 97.19 NIKITA SWAIN, 97.09 ROSHAN MAHAPATRA, 96.91 KRISHNANS MISHRA, 96.83 SAIRAM SAMAL, 96.68 RACHIT KU. PADHAN, 96.44 BHARATI RATH, 96.36 MANORANJAN PADHAN, 96.23 BIDYASAGAR NAIK, 96.22 SWAPNIL KU. SAHU

95.97 RITTU RATH, 95.61 PRAGNYA PANDA, 95.49 PRAJNA PARIMITA PADHAN, 95.41 ARADHANA SAHU, 95.39 SURAJ KUMAR SAHU, 95.05 SUBHASHISH SAHU, 94.51 SMARAK SANGAM BARIK, 94.09 SUBHAPRADA SAHU, 93.70 RITESH PADHAN, 93.56 RUDRANARAYAN PATRO, 92.90 OM PRASAD MISHRA, 92.83 AYUSHMAN SUNDARAY, 92.68 SURYA NARAYAN BARAD, 92.62 SUBHAM PADHAN

92.53 RUCHISMITA PRADHAN, 92.43 SUBHAM PRADHAN, 92.21 NISHANT NAYAK, 92.12 ROUMYA RANJAN BANSH MISHRA, 91.65 SHRABANI MAHAPATA, 91.62 AMBIKA PRASAD MAJHI, 91.30 AMAR KU. MAHAPATRA, 91.23 JASHOBANTA BISWAL, 91.10 BISWAJIT RATH, 90.91 DILLIP KUMAR SAHU, 90.88 OM PRAKASH SAHA, 90.87 SWAYANSHU SARTHAK SADANGI, 90.34 DEBASIS JOSHI, 90.30 ABHISEK PATI

SiP SCHOOL INTEGRATED PROGRAM — WHERE RESULT IS RELIGION

Integrated XI - XII (Science) CBSE CURRICULUM Residential & Day-Boarding

BHUBANESWAR : NEW AIRPORT SQUARE, UNIT 6, EKAMRA MARG ☎ 9937438936 / 9040064200
BERHAMPUR : UTKAL ASHRAM ROAD, OPP. PANI TANKI ☎ 9777765444 / 8658265444
BALANGIR : HATISAL PADA, NEAR TREASURY OFFICE ☎ 9777884488 / 9938086842

**ଭାରତୀୟ ମହାକାଶଚାରୀଙ୍କୁ ତାଲିମ ଦେବ ନାସା** | ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଆଇଏସ୍ଏସ୍)କୁ ମିଳିତ ମିଶନ ପଠାଇବା ନିମନ୍ତେ ଆମେରିକା ମହକାଶ ପ୍ରତିଷ୍ଠାନ ନାସା ଭାରତୀୟ ମହାକାଶଚାରୀମାନଙ୍କୁ ଅଗ୍ରୀମ ପ୍ରଶିକ୍ଷଣ ପ୍ରଦାନ କରିବ। ଚଳିତ ବର୍ଷ କିମ୍ବା ଏହାର ଠିକ୍ ପରେ ନାସା ଆଇଏସ୍ଏସ୍‌କୁ ମିଶନ ପଠାଇବ ବୋଲି ଭାରତରେ ଆମେରିକାର ରାଷ୍ଟ୍ରଦୂତ ଏରିକ ଗାର୍‌ସେଟ୍ଟି କହିଛନ୍ତି।

# ୟୁପି, ଦିଲ୍ଲୀରେ କମ୍ ଭୋଟିଂ ଭାଜପାକୁ କ୍ଷତି

ନୂଆଦିଲ୍ଲୀ,୨୫।୫

ଲୋକସଭା ନିର୍ବାଚନ ଶେଷହେବାକୁ ଆଉ ମାତ୍ର ଗୋଟିଏ ପର୍ଯ୍ୟାୟ ବାକି ଥିବାବେଳେ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶ ଏବଂ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ମତଦାନ ହାର କମିଥିବାରୁ ଏହା ଶାସକ ଦଳ ଭାଜପା ପାଇଁ ଚିନ୍ତାର ବିଷୟ ହୋଇଛି। ମତଦାନ କମିଲେ, ଭାଜପା ଜିତିବା କଷ୍ଟକର ହୋଇପାରେ ବୋଲି କେତେଜଣ ମତ ଦେଇଛନ୍ତି। ସାଧାରଣ ନିର୍ବାଚନ ଫଳାଫଳରେ ଉତ୍ତରପ୍ରଦେଶ ପ୍ରମୁଖ ଭୂମିକା ନେଇଥାଏ। ୨୦୧୯ରେ ଭାଜପା ଏହି ରାଜ୍ୟରୁ ୬୪ ଆସନ ଜିତିଥିବାବେଳେ ଦିଲ୍ଲୀର ସମସ୍ତ ୭ ଆସନ ଦଖଲ କରିଥିଲା। ଶନିବାର ସୁଦ୍ଧା ଉତ୍ତରପ୍ରଦେଶରେ ୬ଟି ପର୍ଯ୍ୟାୟ ଭୋଟିଂ ଶେଷ ହୋଇଥିବା ମତଦାନ ହାରକୁ ଦେଖିଲେ, ଏହା ପୂର୍ବାପେକ୍ଷା ଯଥେଷ୍ଟ କମ୍ ରହିଛି। ଷଷ୍ଠ ପର୍ଯ୍ୟାୟରେ ୟୁପିରେ ୫୪.୦୩ ପ୍ରତିଶତ ମତଦାନ ହୋଇଛି। ସେହିପରି ରାଜଧାନୀ ଦିଲ୍ଲୀରେ ଶନିବାର ଅନୁଷ୍ଠିତ ନିର୍ବାଚନରେ ୫୪.୪୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। କମ୍ ମତଦାନ ବିରୋଧୀ ମେଣ୍ଟ ପାଇଁ ଲାଭଦାୟକ ହେବ ବୋଲି ଅନେକେ ମତ ଦେଇଛନ୍ତି। ମତଦାନ ପାଇଁ ଭୋଟରଙ୍କ ମଧ୍ୟରେ ଆଗ୍ରହ କମୁଥିବା ସ୍ପଷ୍ଟ ହୋଇଛି। ୫୪୩ ଆସନ ମଧ୍ୟରୁ ୫ ପର୍ଯ୍ୟାୟରେ ୪୨୭ଟି ଆସନରେ ମତଦାନ ଶେଷ ହୋଇଥିବାବେଳେ ସେଥିରୁ ଏକତୃତୀୟାଂଶ ବା ୧୧୫ଟି ନିର୍ବାଚନମଣ୍ଡଳୀରେ କମ୍ ଭୋଟିଂ ହୋଇଛି।

ମତଦାନ ହାର କମିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୁନଃନିର୍ବାଚିତ ହେବା ସମ୍ଭାବନାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ମତଦାନ ପ୍ରତି ଆଗ୍ରହ କରିବାର କେତେକ କାରଣ ମଧ୍ୟରେ ରହିଛି, ଏଥର ସେଭଳି କୌଣସି ବଡ଼ ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇ ନାହିଁ। ଦେଶରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଲୋକେ ଭୋଟ ଦେବା ପାଇଁ ବୁଥ୍‌କୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିପରି ଗ୍ରାମାଞ୍ଚଳରୁ ବହୁ ଲୋକ କାମଧନ୍ଦା ପାଇଁ ସହର ଏବଂ ବାହାର ରାଜ୍ୟରେ ରହୁଥିବାରୁ ଚାକିରି ହରାଇବା ଆଶଙ୍କାରେ ସେମାନେ ଭୋଟ ଦେବା ପାଇଁ ନିଜ ଅଞ୍ଚଳକୁ ଆସିପାରୁ ନାହାନ୍ତି। ଏହିଭଳି ବିଭିନ୍ନ କାରଣରୁ ମତଦାନ ହ୍ରାସ ପାଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ପଶ୍ଚିମବଙ୍ଗରେ ସର୍ବାଧିକ ୭୮%

ଷଷ୍ଠ ପର୍ଯ୍ୟାୟରେ ଶନିବାର ୬ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ନିର୍ବାଚନ ମଣ୍ଡଳୀରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ଯ୍ୟାୟରେ ମତଦାନ ହାର ୫୯.୦୬ ପ୍ରତିଶତ ରହିଥିବା ଜଣାପଡ଼ିଛି। ଦିଲ୍ଲୀରେ ୫୪.୪୮% ଭୋଟିଂ ହୋଇଥିବାବେଳେ ପଶ୍ଚିମବଙ୍ଗରେ ସର୍ବାଧିକ ୭୮.୧୯% ମତଦାନ ହୋଇଛି। ଝାଡ଼ଖଣ୍ଡରେ ୬୨.୭୪, ଉତ୍ତରପ୍ରଦେଶରେ ୫୪.୦୩, ବିହାରରେ ୫୩.୩୦, ଜମ୍ମୁ-କଶ୍ମୀରରେ ୫୨.୨୮ ଓ ହରିୟାଣାରେ ୫୮.୩୭ ପ୍ରତିଶତ ମତଦାନ ହୋଇଥିବା ରାତି ୮ଟା ସୁଦ୍ଧା ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ବହୁ ଦଶନ୍ଧି ମଧ୍ୟରେ ଜମ୍ମୁ-କଶ୍ମୀରର ଅନନ୍ତନାଗ-ରାଜୌରୀ ଆସନରେ ସର୍ବାଧିକ ମତଦାନ ହୋଇଥିବା ନିର୍ବାଚନ କମିଶନ କହିଛନ୍ତି। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ସହ ମୋଟ ୪୮୬ ଆସନରେ ମତଦାନ ସମ୍ପୂର୍ଣ୍ଣ ହୋଇଛି। ଜୁନ୍ ୧ରେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ପରେ ୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଓ ଇନ୍ଦ୍ରଜିତ ସିଂ, ଭାଜପାର ମାନେକା ଗାନ୍ଧୀ, ମନୋହର ଖଟ୍ଟାର, ମନୋଜ ତିୱାରୀ, ପିଡିପିର ମେହବୁବା ମୁଫ୍ତି ଏବଂ କଂଗ୍ରେସର କହ୍ନେୟା କୁମାରଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଥିବାବେଳେ ପଶ୍ଚିମବଙ୍ଗର ଘଟଲ ଏବଂ କାନ୍ଥି ନିର୍ବାଚନମଣ୍ଡଳୀରେ ଶାସକ ତୃଣମୂଳ କଂଗ୍ରେସ ଏବଂ ଭାଜପା ମଧ୍ୟରେ ସଂଘର୍ଷ ଘଟିଥିଲା। ଝାରଗ୍ରାମରେ ଭାଜପା ପ୍ରାର୍ଥୀ ପ୍ରନତ ଟୁଡୁଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଛି। ଷଷ୍ଠ ପର୍ଯ୍ୟାୟରେ ୧୧.୧୩ କୋଟିରୁ ଊର୍ଦ୍ଧ୍ୱ ଭୋଟର ଥିବାବେଳେ ସେମାନଙ୍କ ପାଇଁ ୧.୧୪ ଲକ୍ଷ ବୁଥ୍‌ର ଆୟୋଜନ କରାଯାଇଥିଲା।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନ ପରିସରରେ ପିଙ୍କ ପୋଲିଂ ବୁଥରେ ମତଦାନ କରୁଛନ୍ତି।



ଭୋଟ ଦେବା ପରେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମା' ସୋନିଆ ଗାନ୍ଧୀଙ୍କ ସହିତ ସ୍ୟାହି ଲାଗିଥିବା ଅଙ୍ଗୁଳି ସହ ସେଲଫି ନେଉଛନ୍ତି।

# ରାଷ୍ଟ୍ରପତି, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ମତଦାନ

ନୂଆଦିଲ୍ଲୀ, ୨୫।୫(ପି.ଟି.)

ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନୂଆଦିଲ୍ଲୀରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଶନିବାର ଷଷ୍ଠ ପର୍ଯ୍ୟାୟରେ ୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୮ ଆସନରେ ମତଦାନ ହୋଇଛି। ରାଷ୍ଟ୍ରପତି ଭବନ ପରିସରରେ ମହିଳା ପୋଲିଂ ଅଫିସରମାନଙ୍କୁ ନେଇ ସ୍ଥାପନ କରାଯାଇଥିବା ସ୍ୱତନ୍ତ୍ର ବୁଥ୍‌ରେ ରାଷ୍ଟ୍ରପତି ମୁର୍ମୁ ଭୋଟ ଦେଇଥିଲେ। ସେହିପରି ଦିଲ୍ଲୀର ନର୍ଥ ଆଭେନ୍ୟୁସ୍ଥିତ ସିପିଡବ୍ଲ୍ୟୁଡି ସର୍ଭିସ ସେଣ୍ଟରଠାରେ ଥିବା ଭୋଟ କେନ୍ଦ୍ରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ମତଦାନ କରିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଦିଲ୍ଲୀରେ ଭୋଟ ଦେଇଥିଲେ। ସେହିପରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ମଧ୍ୟ ଦିଲ୍ଲୀରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି।

# ପ୍ରଥମ ୫ ପର୍ଯ୍ୟାୟରେ ୫୦.୭୨% ଭୋଟ ଦେଇଛନ୍ତି: ଇସି

ନୂଆଦିଲ୍ଲୀ,୨୫।୫(ପି.ଟି.)

ଦେଶରେ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ ୫ ପର୍ଯ୍ୟାୟର ଭୋଟ ହାର ଭାରତର ନିର୍ବାଚନ କମିଶନ (ଇସିଆଇ) ଶନିବାର ଜାରି କରିଛନ୍ତି। ଦେଶରେ ମୋଟ ଭୋଟର ସଂଖ୍ୟା ୯୬.୮୮ କୋଟି ହୋଇଥିବାବେଳେ ୫ ପର୍ଯ୍ୟାୟର ୭୬.୪୧ କୋଟି ଭୋଟରଙ୍କ ମଧ୍ୟରୁ ୫୦.୭୨ ପ୍ରତିଶତ ଭୋଟ ଦେଇଛନ୍ତି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ୧୦୨ଟି ଆସନରେ ଅନୁଷ୍ଠିତ ହୋଇଥିବାବେଳେ ମୋଟ ୧୬.୬୪ କୋଟି ଭୋଟରଙ୍କ ମଧ୍ୟରୁ ୧୧ କୋଟି ଭୋଟ ଦେଇଥିଲେ। ଅର୍ଥାତ୍ ମତଦାନ ହାର ୬୬.୧୪% ରହିଥିଲା। ସେହିପରି ଏପ୍ରିଲ ୨୬ରେ ୮୮ ଆସନରେ ୬୬.୭୧ ପ୍ରତିଶତ ମତଦାନ ହୋଇଥିଲା। ଉକ୍ତ ପର୍ଯ୍ୟାୟର ୧୫.୮୬ କୋଟି ଭୋଟରଙ୍କ ମଧ୍ୟରୁ ୧୦.୫୮ କୋଟି ମତାଧିକାର ସାବ୍ୟସ୍ତ କରିଥିଲେ। ମେ' ୭ରେ ତୃତୀୟ ପର୍ଯ୍ୟାୟରେ ୯୪ ଆସନରେ ୬୫.୬୮ ପ୍ରତିଶତ ମତଦାନ ହୋଇଥିଲା। ଉକ୍ତ ପର୍ଯ୍ୟାୟର ମୋଟ ୧୭.୨୪ କୋଟି ଭୋଟରଙ୍କ ମଧ୍ୟରୁ ୧୧.୩୨ କୋଟି ଭୋଟ ଦେବାକୁ ଆସିଥିଲେ। ସେହିପରି ମେ' ୧୩ରେ ଚତୁର୍ଥ ପର୍ଯ୍ୟାୟରେ ୯୬ ଆସନରେ ମତଦାନ ହୋଇଥିବାବେଳେ ଭୋଟ ହାର ୬୬.୭୧% ଥିଲା। ଏହି ପର୍ଯ୍ୟାୟର ମୋଟ ୧୭.୭୧ କୋଟି ଭୋଟରଙ୍କ ମଧ୍ୟରୁ ୧୨.୨୫ କୋଟି ମତାଧିକାର ସାବ୍ୟସ୍ତ କରିଥିଲେ। ମେ' ୨୦ରେ ୪୯ ଆସନ ଲାଗି ପଞ୍ଚମ ପର୍ଯ୍ୟାୟ ଭୋଟରେ ମତଦାନ ହାର ଥିଲା ୬୨.୨୦%। ୮.୯୬ କୋଟି ଭୋଟରଙ୍କ ମଧ୍ୟରୁ ୫.୫୭ କୋଟି ଭୋଟ ଦେଇଥିଲେ। ବୁଥ୍‌ୱାରି ମତଦାନ ରିପୋର୍ଟ ଇସିଆଇ ୱେବ୍‌ସାଇଟରେ ଅପ୍‌ଲୋଡ୍ ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଏକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିବାବେଳେ ଅଦାଲତ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ। ନିର୍ବାଚନ ପ୍ରକ୍ରିୟାକୁ ବିଗାଡ଼ିବା ପାଇଁ ମିଥ୍ୟା ପ୍ରଚାର କରାଯାଉଥିବା ନିର୍ବାଚନ କମିଶନ କହିଛନ୍ତି।

# ପୋର୍ଶ ଦୁର୍ଘଟଣା: ଅଭିଯୁକ୍ତ ନାବାଳକଙ୍କ ଜେଜେବାପା ଗିରଫ

**ଦୋଷ ନିଜ ଉପରକୁ ନେବାକୁ ଡ୍ରାଇଭରଙ୍କୁ ଧମକାଉଥିଲେ**

ପୁଣେ, ୨୫।୫

ପୁଣେ ପୋର୍ଶ କାର୍ ଦୁର୍ଘଟଣା ମାମଲାରେ ଅଭିଯୁକ୍ତ ନାବାଳକଙ୍କ ଜେଜେବାପା ସୁରେନ୍ଦ୍ର ଅଗ୍ରୱାଲଙ୍କୁ ଶନିବାର ପୁଣେ କ୍ରାଇମବ୍ରାଞ୍ଚ ଗିରଫ କରିଛି। ପୁଣେର ସେସନ୍ କୋର୍ଟ ତାଙ୍କୁ ଆସନ୍ତା ୨୮ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ଗତ ୧୯ରେ ଅଭିଯୁକ୍ତ ନାବାଳକ ନିଶାସକ୍ତ ଅବସ୍ଥାରେ ପୋର୍ଶ ଗାଡ଼ି ଚଳାଇ ବାଇକରେ ଯାଉଥିବା ୨ ଜଣ ଇଞ୍ଜିନିୟରଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ତେବେ ଉକ୍ତ ପୋର୍ଶ କାରରେ ଅଭିଯୁକ୍ତ ନାବାଳକ ସହ କାର୍‌ର ଡ୍ରାଇଭର ଗଙ୍ଗାରାମ ମଧ୍ୟ ଉପସ୍ଥିତ ଥିଲେ। ତେବେ ଦୁର୍ଘଟଣା ଘଟିବା ସମୟରେ ଉକ୍ତ ପୋର୍ଶ କାରକୁ ଚଳାଉଥିବା ନେଇ ପୋଲିସ ସମ୍ମୁଖରେ ବୟାନ ରଖିବାକୁ ଗଙ୍ଗାରାମଙ୍କ ଉପରେ ଚାପ ପକାଉଥିବା ଅଭିଯୋଗରେ ସୁରେନ୍ଦ୍ରଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଏହି ମାମଲାରେ ଦୋଷ ନିଜ ଉପରକୁ ନେବାକୁ ଗଙ୍ଗାରାମଙ୍କୁ ସୁରେନ୍ଦ୍ର ବାଧ୍ୟ କରୁଥିଲେ ବୋଲି ଶୁଣାଣି ସମୟରେ ପୋଲିସ କହିଛି। ପୂର୍ବରୁ ଦୁର୍ଘଟଣା ଦିନ ପୁଅ ଓ ନାତିଙ୍କ ସହ ହୋଇଥିବା କଥାବାର୍ତ୍ତା ଏବଂ ଅନ୍ୟାନ୍ୟ ବିବରଣୀ ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ସୁରେନ୍ଦ୍ରଙ୍କୁ ପଚରାଉଚରା କରିଥିଲା। ଦୁର୍ଘଟଣା ଘଟିବା ପରେ ସୁରେନ୍ଦ୍ର ଗଙ୍ଗାରାମଙ୍କ ମୋବାଇଲ ଫୋନ୍ ଜବରଦସ୍ତ ଛଡ଼ାଇନେବା ସହ ତାଙ୍କୁ ଘର ମଧ୍ୟରେ ବନ୍ଦୀ କରି ରଖିଥିବା ପୁଣେ ପୋଲିସ କମିଶନର ଅମିତେଶ କୁମାର ସୂଚନା ଦେଇଛନ୍ତି।



# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ମେ ୨୬/୨୦୨୪ | Bhubaneswar, Sunday, May 26/2024 | ପୃଷ୍ଠା-୧




ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏରୋଡ୍ରମ୍ ପ୍ରାଇମେରୀ ସ୍କୁଲର ୧୧୪ ନଂ ବୁଥ୍‌ରେ ଶନିବାର ଭୋଟ୍ ଦେବା ପରେ ଅଙ୍ଗୁଳିର କାଳି ଚିହ୍ନ ଦେଖାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଆଜି ମାଟ୍ରିକ, ଯୁକ୍ତ୨ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୫।୫ (ଅସମାପିକା ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇବ। ମାଟ୍ରିକ୍ ଫଳ ପୂର୍ବାହ୍ଣ ସାଢ଼େ ୧୦ଟାରେ ବୋର୍ଡ କାର୍ଯ୍ୟାଳୟରେ ଘୋଷଣା କରାଯିବ। ପୂର୍ବାହ୍ଣ ସାଢ଼େ ୧୧ଟାରେ ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ଫଳ ଉପଲବ୍ଧ ହେବ। ଛାତ୍ରୀଛାତ୍ର ବୋର୍ଡ ୱେବ୍‌ସାଇଟ୍, ମୋବାଇଲ ଏସ୍ଏମ୍ଏସ୍ ସହ ପ୍ରଥମଥର ପାଇଁ ହ୍ୱାଟ୍ସଆପ୍ ଜରିଆରେ ପରୀକ୍ଷାଫଳ ଜାଣିପାରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଯୁକ୍ତ୨ ପରୀକ୍ଷା ଫଳ ପରିଷଦ କାର୍ଯ୍ୟାଳୟରେ ଅପରାହ୍ଣ ୩ଟାରେ ଘୋଷଣା କରାଯିବ। ଛାତ୍ରୀଛାତ୍ରମାନେ www.orissaresults.nic.in ☞ପୃଷ୍ଠା-୨

# ୩ୟ ପର୍ଯ୍ୟାୟରେ ୬୧.୮୧% ମତଦାନ

## ଇଭିଏମ୍‌ରେ ୪୪୭ ପ୍ରାର୍ଥୀଙ୍କ ଭାଗ୍ୟ

**ଭୁବନେଶ୍ୱର,୨୫।୫ (ଅନୀଲ ଦାସ)**

ଶନିବାର ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ଏବଂ ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୬ ଲୋକ ସଭା ଆସନ ସମ୍ବଲପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦୁଝର ଏବଂ ଏହା ଅଧୀନ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହୋଇଛି। ରାତି ୧୦ଟା ସୁଦ୍ଧା ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ରାଜ୍ୟର ମୋଟ ଭୋଟହାର ଆପାତତଃ ୬୧.୮୧% ରହିଛି। ୬ ଲୋକ ସଭା ଆସନ ମଧ୍ୟରୁ ଭୁବନେଶ୍ୱରରେ ୫୩.୫୪%, କଟକରେ ୫୪.୩୬%, ଢେଙ୍କାନାଳରେ ୬୦.୮୮%, କେନ୍ଦୁଝରରେ ୬୫.୨୪%, ପୁରୀରେ ୬୬.୫% ଏବଂ ସମ୍ବଲପୁରରେ ୬୯.୧୯% ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଣବ ପ୍ରକାଶ ଦାସ, ଭର୍ତ୍ତୃହରି ମହତାବ, ସଂତୃପ୍ତ ମିଶ୍ର, ସମ୍ବିତ୍ ପାତ୍ର, ଅରୂପ ପଟ୍ଟନାୟକ, ଅପରାଜିତା ଷଡ଼ଙ୍ଗୀ, ମନ୍ମଥ ରାଉତରାୟ, ବିଧାନସଭାର ବହୁ ହେଭିୱେଟ୍‌ଙ୍କ ସମେତ ୪୪୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଛି। ୨୦୧୯ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର ଅଧିକ ରହିଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ମତଦାନ ହାର ଆହୁରି ଅଧିକ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

ମକ ପୋଲିଂ ପରେ ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ, ବିଭିନ୍ନ ଦଳର ପ୍ରାର୍ଥୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୋଟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଏରୋଡ୍ରମ୍ ପ୍ରାଇମେରୀ ସ୍କୁଲର ୧୧୪ ନଂ. ବୁଥ୍‌ରେ ଭୋଟ ଦେଇଛନ୍ତି। ସେହିପରି ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ କ୍ୟାମ୍ପସ-୨ରେ ବୁଥ୍ ନଂ. ୫୯ରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ମୃଦୁଳା ଠାକୁର ପ୍ରଧାନ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି।

ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ବେଗୁନିଆରେ ୬୫.୭%, ଭୁବନେଶ୍ୱର-ମଧ୍ୟ ଆସନରେ ୪୪.୧୨%, ଭୁବନେଶ୍ୱର-ଉତ୍ତରରେ ୪୫%, ଭୁବନେଶ୍ୱର-ଏକାମ୍ରରେ ୪୯.୫%, ଜଟଣୀରେ ୫୨.୪%, ଜୟଦେବରେ ୬୪.୮% ଏବଂ ଖୋର୍ଦ୍ଧାରେ ୫୮.୧୨% ☞ପୃଷ୍ଠା-୨

# ଇଭିଏମ୍ ଭାଙ୍ଗି ପ୍ରଶାନ୍ତ ଜଗଦ୍ଦେବ ଗିରଫ



**ଖୋର୍ଦ୍ଧା/ ବୋଲଗଡ଼, ୨୫।୫ (ପ୍ରଭାତ ପାଣିଗ୍ରାହୀ/ ଦେବବ୍ରତ ହୋତା)**

ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ଼ ବ୍ଲକ ଅନ୍ତର୍ଗତ ରାଜସୁନାଖଳା ନିକଟ କାଉଁରିପାଟଣାର ୧୧୪ ନମ୍ବର ବୁଥରେ ଶନିବାର ଭାଜପା ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। ବୁଥ୍‌ରେ ପଶି ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ଆକ୍ରମଣ କରିବା ସହ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ପୋଲିସ ଜଗଦ୍ଦେବଙ୍କୁ ଗିରଫ କରିଛି। ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗକ୍ରମେ ବୋଲଗଡ଼ ଥାନାରେ ଏକ ମାମଲା(ନଂ.୧୧୭/୨୦୨୪) ରୁଜୁ କରାଯାଇ ଜଗଦ୍ଦେବଙ୍କୁ ଗିରଫ କରାଯାଇଥିବା ବୋଲଗଡ଼ ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ ସୂଚନା ଦେଇଛନ୍ତି।

ଜଣେ ପ୍ରତ୍ୟକ୍ଷଦର୍ଶୀ ମହିଳାଙ୍କ କହିବା ଅନୁଯାୟୀ, କାଉଁରିପାଟଣା ୧୧୪ ନମ୍ବର ବୁଥରେ ମତଦାନ ଚାଲିଥିଲା। ଭୋଟରମାନେ ଲମ୍ୱାଧାଡ଼ିରେ ଛିଡ଼ା ହୋଇଥିଲେ। ଏହି ସମୟରେ ☞ପୃଷ୍ଠା-୨






# ୫୮ ଆସନରେ ୬୦%

## ପଶ୍ଚିମବଙ୍ଗରେ ଭାଜପା ପ୍ରାର୍ଥୀଙ୍କୁ ଟେକାମାଡ଼

**କୋଲକାତା,୨୫।୫**

ଲୋକ ସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଶନିବାର ଉତ୍ତରପ୍ରଦେଶର ୧୪ ଏବଂ ପଶ୍ଚିମବଙ୍ଗର ୮ ଆସନ ସମେତ ୬ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୫୮ଟି ଆସନରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ରାଜ୍ୟ ମଧ୍ୟରେ ହରିୟାଣାର ୧୦ଟି ଆସନ, ବିହାରର ୮, ଦିଲ୍ଲୀର ୭, ଓଡ଼ିଶାର ୬, ଝାଡ଼ଖଣ୍ଡର ୪ ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ଭୋଟିଂ ହୋଇଥିଲା। ଅପରାହ୍ଣ ୫ଟା ସୁଦ୍ଧା ମତଦାନ ହାର ୬୦% ଥିବାବେଳେ ପଶ୍ଚିମବଙ୍ଗରେ ୭୮ ପ୍ରତିଶତ ଭୋଟିଂ ହୋଇଥିବା ଜଣାପଡ଼ିଛି। ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ** | ବୌଦ୍ଧିକ ଆକ୍ରମଣ


# ଗେମିଂ ଜୋନ୍‌ରେ ନିଆଁ: ୨୪ ମୃତ

**ରାଜକୋଟ,୨୫।୫**

ଗୁଜରାଟର ରାଜକୋଟସ୍ଥିତ ଗେମିଂ ଜୋନ୍‌ରେ ଶନିବାର ଅପରାହ୍ଣରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ କେତେଜଣ ପିଲା ରହିଛନ୍ତି। ଟିଆର୍‌ପି ଗେମିଂ ଜୋନ୍‌ରେ ପିଲାମାନଙ୍କ ସମେତ ବହୁ ଲୋକ ଗ୍ରୀଷ୍ମାବକାଶର ମଜା ନେଉଥିବାବେଳେ ଫାଇବର ଡୋମ୍‌ରେ ନିଆଁ ଲାଗିଯାଇଥିଲା। ବ୍ୟାପକ ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଢାଞ୍ଚା ଭୁଶୁଡ଼ି ପଡ଼ିଛି। ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ପରେ ଜଣାପଡ଼ିବ ବୋଲି ରାଜକୋଟ ପୋଲିସ କମିଶନର ରାଜୁ ଭାର୍ଗବ ଗଣମାଧ୍ୟମକୁ କହିଛନ୍ତି। ସହରର ସମସ୍ତ ଗେମିଂ ଜୋନ୍‌କୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଟୁଇଟ୍ କରି ତୁରନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ କରିବା ପାଇଁ ସହର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଉକ୍ତ ଗେମିଂ ଜୋନ୍‌ଟି ଯୁବରାଜ ସିଂ ସୋଲାଙ୍କିଙ୍କ ମାଲିକାନାରେ ରହିଛି। ଅବହେଳା ପାଇଁ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଗଲା। ସେଥିପାଇଁ ସୋଲାଙ୍କିଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ପୋଲିସ କମିଶନର କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇଟିକିଲି ମିଟିକିଲିର ୨୯ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ବିଳାସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୬ଷ୍ଠ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଶ୍ରୀରାଧା ମାଧବଙ୍କ ଚନ୍ଦନଯାତ୍ରା ଅବସରରେ କୁଶଭଦ୍ରା ନଦୀରେ ଚାପଖେଳ ଓ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ହାଟ ପଡ଼ିଆ ନିକଟ, ସମୟ: ରାତି ୯ଟା।

## ପୁରୀ

- ହାଇସ୍କୁଲ ପରୀକ୍ଷା ଫଳ ପ୍ରକାଶନ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ମନ୍ଦିର, ମଧୁବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ଅପରାହ୍ନ ୪ଟା।
- ପ୍ରଭୁ ଶ୍ରୀକପିଳେଶ୍ୱରଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ, ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା ଓ ରାତି ଚାପ ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜିଲା କଂଗ୍ରେସ ତରଫରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଟପ୍ ଆଣ୍ଡ ଟେଷ୍ଟି ହୋଟେଲ ସମ୍ମିଳନୀ କକ୍ଷ, ମିଶନ ପଡ଼ିଆ ନିକଟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗଡ଼ପଦା ପଞ୍ଚାୟତ ଭାଜପା ପକ୍ଷରୁ 'ମୋଦୀ ମହୋତ୍ସବ', ସ୍ଥାନ: ଲଛମନଖୁଣ୍ଟା ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜେଡ଼ି ପାଠଶାଳା, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ର ଗଠନରେ ଭୋଟରମାନଙ୍କର ସ୍ୱେଚ୍ଛାକୃତ ସ୍ୱଚ୍ଛ, ନିରପେକ୍ଷ ବିଚାରମୂଳକ ମତଦାନର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କରୁଣାଗୌରୀ ଆଶ୍ରୟ ସ୍ଥଳ, ଅରଡ଼ବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଯୋଗ, ନେଚରପାଥି ଚିକିତ୍ସା ଓ ପରାମର୍ଶ ଶିବିର, ସ୍ଥାନ: ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର, ବିଜିପୁର(ମାନଗୋବିନ୍ଦପୁର), ବାରିପଦା, ସମୟ: ସକାଳ ୬ଟାରୁ ୯ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର, ବିଜିପୁର(ମାନଗୋବିନ୍ଦପୁର), ବାରିପଦା, ସମୟ: ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- କଂଗ୍ରେସର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଓରାସାହି, କାଣ୍ଡଗରଡ଼ି, ବିଜୟନଗର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆଗାଁ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ରୋଡ୍ ଶୋ', ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା କର୍ମୀ ବୈଠକ, ସ୍ଥାନ: ଭାଜପା ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି ଏନ୍‌ଏସି, ସମୟ: ସନ୍ଧ୍ୟା ୬ଟା।
- ଭାଜପା ମହିଳା ମୋର୍ଚ୍ଚାର ସମ୍ମିଳନୀ, ସ୍ଥାନ: ଖେରଙ୍ଗ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ, ସମ୍ପାଦକ ସମ୍ମିଳନୀ, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ମା'ନାରାୟଣୀଙ୍କ ନଗର ପରିକ୍ରମା, ସ୍ଥାନ: ଇଲେକ୍ଟ୍ରିକକଲୋନୀ, ଆମ୍ବେଦକର ଛକ। ସମୟ: ରାତି ୭ଟା ୧୫ମି।
- କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ, ସ୍ଥାନ: ନାରାୟଣୀ ଯାତ୍ରା ମଣ୍ଡପ, ସମୟ: ରାତି ୭ଟା।

## ରାୟଗଡ଼ା

- ଗୁଣପୁର ଆଦର୍ଶ ଥାନା ପାକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୁଣପୁର ଟାଉନ ହଲ୍, ସମୟ: ସକାଳ ୯ଟା।

## କୋରାପୁଟ

- ଡାଲି ଜାତୀୟ ଫସଲ ଅମଳ ନେଇ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ବ୍ଲକ କୁମ୍ଭାରୀପୁଟ, ସମୟ: ସକାଳ ୯ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: କୋରାପୁଟ ଜେଇଏଲ୍‌ସି ପଡ଼ିଆ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଗ୍ରୀଷ୍ମକାଳୀନ ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ :ଡା.ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।
- ଭାରତୀୟ ଜନତା ପାର୍ଟିର ବନ୍ଧୁ ମିଳନ, ସ୍ଥାନ : ମହାନଦୀ କ୍ଲବ, ସମୟ ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର

- ହରିଶଙ୍କରଠାରେ ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ହରିଶଙ୍କର, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୮ ଟା।
- ଝାରମୁଣ୍ଡା ଆଥଲେଟିକ୍ ଆସୋସିଏଶନ ପ୍ରତିଷ୍ଠା ଦିବସ, ସ୍ଥାନ: ଝାରମୁଣ୍ଡା କ୍ଲବ ପରିସର, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ମାସିକ ରଚନା ସନ୍ଧ୍ୟାରେ ମୁଁ ଓ ଚିତ୍ରକଳା ଶୀର୍ଷକ ଆଲୋଚନା, ସ୍ଥାନ: ପତିତପାବନ ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- କେପିଏଲ ଧମାକା ଉଦ୍‌ଘାଟନ ଉତ୍ସବ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ:ସକାଳ ୭ଟା।
- ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଅନ୍ତର୍ଡା, ଉଲୁଣ୍ଡା, ସମୟ:ସକାଳ ୭ଟା୩୦।

## ରାଉରକେଲା

- କରାଟେକାଙ୍କୁ ବେଲ୍ଟ ପ୍ରଦାନ, ସ୍ଥାନ: ବନ୍ଧମୁଣ୍ଡା ମା'ମନ୍ଦିର, ସମୟ: ସକାଳ ୭ଟା୩୦।
- ଡିଆରସିଙ୍କ ରାଉରକେଲା ଓ ପାନପୋଷ ଷ୍ଟେଶନ ଗସ୍ତ,ସ୍ଥାନ: ରାଉରକେଲା, ସମୟ: ସକାଳ ୯ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୮, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ,ସ୍ଥାନ: ନନ୍ଦପଡା ଲେପର୍ସି କଲୋନୀ, ସେକ୍ଟର--୨୧ ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ଚାମ୍ବର ଅଫ୍ କମର୍ସ ପକ୍ଷରୁ ଏଜିଵି, ସ୍ଥାନ: ପାନପୋଷ ରୋଡ୍, ସମୟ: ଅପରାହ୍ନ ୧୨ଟା୩୦।
- ଚାମ୍ବର ଅଫ କମର୍ସର ବାର୍ଷିକ ସାଧାରଣ ବୈଠକ,ସ୍ଥାନ: ସଂଘ କାର୍ଯ୍ୟାଳୟ,ପାନପୋଷ ବାଇପାସ୍ ରୋଡ, ସମୟ: ଅପରାହ୍ନ ୧୨ଟା ୩୦।
- ସିଟୁ ପକ୍ଷର ହର୍କସ ଡେ', ସ୍ଥାନ: ସେକ୍ଟର-୧୬ ଶ୍ରମିକ ଭବନ, ସମୟ: ସନ୍ଧ୍ୟା ୬ଟା୩୦ ।

## ବରଗଡ଼

- ଛାତ୍ରୀଛାତ୍ରଙ୍କ ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଗେନ୍ଦ୍ରନାଥପୁର, ପାଇକମାଳ, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଭି.ଡ଼ି ପେଲେସ୍, ବରଗଡ଼, ସମୟ: ଅପରାହ୍ନ ୫ଟା।
- ମା' ସମଲେଶ୍ୱରୀ ନୃପୁର କଳା ପରିଷଦର ବାର୍ଷିକ ଉତ୍ସବ ଅବସରରେ ନାଟକ ମଞ୍ଚସ୍ଥ, ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ଅଫିସ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଝାରସୁଗୁଡ଼ା ସହରସ୍ଥିତ ରିଲାଏନ୍ସ ଜିଓ ମାର୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ଜୁନାଗଡ଼ ବଣିକ ସଙ୍ଘର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଅଗ୍ରସେନ ଭବନ, ଜୁନାଗଡ଼, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ଭୋଗ ଅର୍ପଣ ଓ ଆଳତି, ସ୍ଥାନ: ସିନାପାଲି ସହର ରାବଣ ଛକ, ସମୟ: ପ୍ରାତଃ ୫ଟା।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ମରକାମ ବଂଶର ଇଷ୍ଟଦେବତା ବୁଢାଦେଓଙ୍କ ଜନ୍ମ ସ୍ଥାନ ଧନ୍ଦାଗଡରୁ ଆସିଥିବା ମାଟିକୁ ଧରି ଗାଁ ପରିକ୍ରମା, ସ୍ଥାନ: କୋମନା ବ୍ଲକ ମିଛାପାଲି ଗାଁ, ସମୟ: ସକାଳ ୮ଟା।
- ଶିବ ମନ୍ଦିର ରତ୍ନମୁଦ, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସକାଳ ୯ଟା ୨୮।
- ଷୋହଳପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ପାଣ୍ଡେଲବାହାଲି, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ନାମଯଜ୍ଞ କଳସଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା ୨୫।
- ଅସ୍ତ ଉଦୟ ଅଖଣ୍ଡ ନାମଯଜ୍ଞ କଳସଯାତ୍ରା, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୬ଟା ୩

## ବୌଦ୍ଧ

- ରାଜିଙ୍ଗ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।
- ବୌଦ୍ଧ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୌଦ୍ଧ , ସମୟ: ଅପରାହ୍ନ ୫ଟା ।

## ଅନୁଗୋଳ

- ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ, ସ୍ଥାନ: ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ମହିଳା ମିଶନ ମୈତ୍ରୀ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ଏଚ୍‌ପିସି ହକି ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଡିଏଭି ସ୍କୁଲ ପରିସର ହକି ଗ୍ରାଉଣ୍ଡ,ପିପିଏଲ୍, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ଆଭାସୀ କବିତା ଆସର, ସ୍ଥାନ: ପାରାଦୀପ ସାକ୍ଷରତା ସମିତି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ରୁଦେଶ୍ୱର ପୀଠରେ ଏକବିଂଶ ବାର୍ଷିକ ରୁଦ୍ରାଭିଷେକ ଓ ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ରଘୁନାଥପୁର ବ୍ଲକ ତଥା ପଞ୍ଚାୟତ ଅନ୍ତର୍ଗତ କୋରକରାସ୍ଥିତ ରୁଦ୍ରେଶ୍ୱର ମହାଦେବ ମନ୍ଦିର, ସମୟ: ରାତି ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀରକ୍ତକୁଣ୍ଡଳେଶ୍ୱର ପୀଠ ପରିସରରେ ଯଜ୍ଞ ମହୋତ୍ସବ, ସ୍ଥାନ: ତେଲିଆକଣ, ବୈକୁଣ୍ଠପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କୋରେଇ ଭାଜପାର ବାଇକ ରାଲି, ସ୍ଥାନ: ତଳଗଡ଼ ପଞ୍ଚାୟତ, ସମୟ: ସକାଳ ୮ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବ୍ୟାସନଗର ରାଇସ ମିଲ ନିକଟ, ସମୟ: ସକାଳ ସାଢ଼େ ୭ଟା।, ଚୋରଦା କାଳୀମେଲଣ ପଡ଼ିଆ, ସମୟ: ସକାଳ ୯ଟା୧୫।
- ବିଜେଡି ଆଇନଜୀବୀ ସାମୁଖ୍ୟ ପକ୍ଷରୁ ସମ୍ମିଳନୀ, ସ୍ଥାନ: ଯାଜପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ୧୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୧୭ତମ ଦିବସ, ସ୍ଥାନ: ନୟାଗଡ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୧୭ତମ ଦିବସ, ସ୍ଥାନ: ଓଡଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୧୭ତମ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟ ସ୍ଥାନରେ ରହିଥିବାରୁ କର୍ମାରମ୍ଭର ଯୋଜନା ଫଳବତୀ ହେବ। କର୍ମକ୍ଷେତ୍ରରେ ନରମ କଥା କହି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ବନ୍ଧୁଙ୍କ ଆହ୍ୱାନକ୍ରମେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେବାର ସୂଚନା ରହିଛି।

**ବୃଷ** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରି ଆଜିର ଚିନ୍ତାଧାରା ଓ କାମକୁ ବ୍ୟାପକ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା କିମ୍ବା ବିବାଦୀୟ କ୍ଷେତ୍ରରେ ବିଜୟ ପ୍ରାପ୍ତି ଅବଶ୍ୟମ୍ଭାବୀ। ପରିସ୍ଥିତିକୁ ସାମ୍ନା କରିପାରିଲେ ସଫଳତା ପାଇପାରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇ ହତଚକିତ ହୋଇପାରନ୍ତି।

**ମିଥୁନ** ଧନାଧିପତି ସପ୍ତମ ଭାବରେ ଅବସ୍ଥାନ କରିଥିବାରୁ ଅଭିଳଷିତ ଦିଗରୁ ଧନପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ତଥା ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସା ପାଇପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ ଦୂରଯାତ୍ରାର ସୁଯୋଗ ମିଳିବାର ସମ୍ଭାବନା ରହିଛି। ଜମିଜମା କାରବାର କିମ୍ବା କଚେରି ମାମଲା ଚିନ୍ତାଜନକ ସ୍ଥିତିରେ ପହଞ୍ଚିବ।

**କର୍କଟ** ଆଜି ଚନ୍ଦ୍ରଙ୍କ ତୃତୀୟସ୍ଥ ଶନି ଅଷ୍ଟମ ଭାବରେ ଥିବାରୁ ଅର୍ଥ ସମ୍ପର୍କୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି। ଲାଭ ଭାବରେ ଅନ୍ୟ ଗ୍ରହମାନଙ୍କ ସହ ରବିଙ୍କ ସମାବେଶ ଶୁଭସ୍ୱରୂପ ଅର୍ଥ, ସମ୍ମାନ, ପ୍ରଶଂସା ସହ କାର୍ଯ୍ୟସିଦ୍ଧି କରାଇବ। ସହକର୍ମୀଙ୍କ ନିକଟରୁ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ସିଂହ** କର୍ମଭାବସ୍ଥ ଗ୍ରହମାନେ କର୍ମୋନ୍ନତି ସହ ପାରିବାରିକ ଜୀବନକୁ ସମୃଦ୍ଧ କରିବେ। ଅଚଳ ବାଣିଜ୍ୟ, ବ୍ୟବସାୟକୁ ପୁନଶ୍ଚ ସଜାଡ଼ିବାର ମନସ୍ଥ କରିପାରନ୍ତି। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବାକୁ ପଡ଼ିପାରେ। ନିଜ ପରିସରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**କନ୍ୟା** ଧନସ୍ଥାନ ବୁଧ ଦୃଷ୍ଟ ଏବଂ ଧନାଧିପତି ସ୍ୱଗୃହସ୍ଥ ଯୋଗୁଁ ଆର୍ଥିକ ସମସ୍ୟା କ୍ରମଶଃ ଦୂରୀଭୂତ ହୋଇଯିବ। କର୍ମକ୍ଷେତ୍ରରେ ହସ୍ତା ନକ୍ଷତ୍ର ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନଜନିତ ଉତ୍ସାହିତ ରହିବେ। ମନ କୁହାଇଲା ଭଳି କଥା କହି ଅନ୍ୟକୁ ଆପଣାର କରି ଖୁସି ରହିପାରନ୍ତି। ପୂର୍ବପରିକଳ୍ପିତ ଯୋଜନା ମୁତାବକ ସଫଳତା ହାସଲ କରିପାରନ୍ତି।

**ତୁଳା** କେନ୍ଦ୍ର କୋଣାଧିପ ସ୍ୱଗୃହୀ ଯୋଗୁ ସବୁ ସୁବିଧା ହାସଲ କରିବାର ସୌଭାଗ୍ୟ ଅର୍ଜନ କରିପାରନ୍ତି। ଚିତ୍ରା ନକ୍ଷତ୍ର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିପାରନ୍ତି। ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରିଆସିବ। ମାଲି ମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅନେକ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ ମଧ୍ୟ କାମରେ କୌଣସି ଅସୁବିଧା ହେବନାହିଁ। ପୁରୁଣା ସ୍ୱାସ୍ଥ୍ୟ ସମସ୍ୟା ମନରେ ଗଭୀର ରେଖାପାତ କରିପାରେ। ବୃହସ୍ପତି ଏବଂ ଶନି ସୁବିଧାଜନକ ସ୍ଥିତିରେ ଥିବାରୁ ସମସ୍ୟା ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ଧନୁ** ସମସ୍ୟା ସମାଧାନ କ୍ଷେତ୍ରରେ ନରମି ରହିବା ଭଲ ହେବ। କେନ୍ଦ୍ରସ୍ଥ ରାହୁ ସହ ମଙ୍ଗଳ ରହିଥିବାରୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାର ଆପୋସ ସମାଧାନ ଘଟିଲେ ମଧ୍ୟ ଖଳ ଲୋକଙ୍କ ଗୁଜବକୁ ରୋକିପାରିବେ ନାହିଁ। ଆର୍ଥିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି, ସାମାଜିକ ସଂସ୍ଥିତି ପ୍ରାୟତଃ ମନ୍ଦ ହେବନି।

**ମକର** ଦୈନନ୍ଦିନର ସମସ୍ୟା ଓ ଜଞ୍ଜାଳକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ସମସ୍ୟା, ଅବଦମିତ ଇଚ୍ଛା, ଅସମ୍ପୂର୍ଣ୍ଣ କାର୍ଯ୍ୟ ଏବଂ ବନ୍ଧୁଙ୍କ ଅନାଦର ଯୋଗୁ ବ୍ୟଥିତ ହେବେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ପଡ଼ିପାରେ। କଳା, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିବ।

**କୁମ୍ଭ** ଆଜି ଆର୍ଥିକ ଉନ୍ନତି, ପାରିବାରିକ ସହୃଦୟତା ଏବଂ ବନ୍ଧୁଙ୍କ ସାହାଯ୍ୟ ଲାଭକରି କୃତକୃତ୍ୟ ହୋଇପାରନ୍ତି। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଅତୀତର ମୂଲ୍ୟହୀନ କଥାରୁ ଅଶାନ୍ତ ରହିପାରନ୍ତି। କେତେକ ବ୍ୟକ୍ତିଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ପାଇବା କଷ୍ଟକର ହେବ। ଶୁକ୍ର ପ୍ରଭାବରୁ ଆତ୍ମୀୟମାନେ ପାଖେଇ ଆସିବେ ଏବଂ ଆପଣଙ୍କ କାମ ଅଟକିବ ନାହିଁ। ସକାଳୁ ସକାଳୁ ତରବରିଆ ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଆଲୋଚନା, ସଭା ସମିତିରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

ଆଜି ମେ ୨୬ ତାରିଖ, ଜ୍ୟେଷ୍ଠ କୃଷ୍ଣ ତୃତୀୟା ରବିବାର, ରାଶିନକ୍ଷତ୍ର-ଦିବା ଘ.୧୦।୩୫ ଗତେ, ପୂର୍ବାଷାଢ଼ା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୬ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୧ମି. ଗତେ ଘ.୦୨।୪୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୭ମି. ଗତେ ଘ.୦୬।୧୫ ମଧ୍ୟେ ରାହୁକାଳ।

# ପଶ୍ଚିମବଙ୍ଗମୁହାଁ ବାତ୍ୟା

**ଭୁବନେଶ୍ୱର, ୨୫।୫(ଅସମାପିକା ସାହୁ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଶନିବାର ସକାଳ ୫ଟା ୩୦ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହୋଇଥିଲା। କ୍ରମେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହ ସନ୍ଧ୍ୟାରେ ପୂର୍ବ କେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରରେ ବାତ୍ୟା 'ରେମାଲ' ସୃଷ୍ଟି ହୋଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନାନୁସାରେ, ବାତ୍ୟା ପଶ୍ଚିମବଙ୍ଗ ମୁହାଁ ହୋଇଥିବାବେଳେ ଓଡ଼ିଶା ପ୍ରତି କୌଣସି ବିପଦ ନାହିଁ। ତେବେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବା ସହିତ ଅଧିକ ତୀବ୍ର ହେବ। ରବିବାର ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ରବିବାର ମଧ୍ୟରାତ୍ରି ସୁଦ୍ଧା ସାଗର ଦ୍ୱୀପ ଏବଂ ବାଂଲାଦେଶର ଖେପୁପରା ମଝିରେ ବାଂଲାଦେଶ ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଦେଇ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଘଣ୍ଟା ପ୍ରତି ୧୧୦ରୁ ୧୨୦ କି.ମି. ବେଗରେ ପବନ ବହିବା ସହ ମଝିରେ ମଝିରେ ୧୩୫ କି.ମି. ବେଗରେ ଝଡ଼୍କା ପବନ ହେବ। ଏଥିପାଇଁ ସମସ୍ତ ବନ୍ଦରକୁ ସତର୍କ ଜାରି କରାଯାଇଛି। ଆସନ୍ତା ୨୬ ଓ ୨୭ ତାରିଖରେ ପଶ୍ଚିମବଙ୍ଗ ଏବଂ ଉତ୍ତର ଓ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆକଳନ କରାଯାଇଛି। ୧.୫ ମିଟର ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ଉଠି ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳର ତଳିଆ ଅଞ୍ଚଳକୁ ଜଳମଗ୍ନ କରିବାର ଆଶଙ୍କା ରହିଛି। ୨୭ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗରରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପାଣିପାଗ ବିଭାଗ ସତର୍କ କରାଇଦେଇଛି। ସେହିଭଳି ୨୬ ଓ ୨୭ ତାରିଖ ପାଇଁ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଜିଲା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ପଶ୍ଚିମବଙ୍ଗର ଦକ୍ଷିଣ ଏବଂ ଉତ୍ତର ୨୪ ପ୍ରଗଣା ଜିଲାରେ ବନ୍ୟା ଆଶଙ୍କା ଥିବାରୁ ନିର୍ମାଣ, ବିଦ୍ୟୁତ୍ ଓ ଯୋଗାଯୋଗ ଲାଇନ, କଚ୍ଚା ରାସ୍ତା, ଫସଲ ଏବଂ ବଗିଚାରେ ବ୍ୟାପକ କ୍ଷୟକ୍ଷତି ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଦେଇଛି।ଅନ୍ୟପକ୍ଷରେ ଓଡ଼ିଶାରେ ବାତ୍ୟାର ପ୍ରଭାବ ରହିବ ନାହିଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୬ ଓ ୨୭ ତାରିଖ ଦୁଇଦିନ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏଥିସହିତ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ରବିବାର ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ବାଲେଶ୍ୱର ଏବଂ ଭଦ୍ରକର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏଥିସହିତ ଉପକୂଳରେ ପବନର ବେଗ ୪୦ରୁ ୫୦ କି.ମି. ମଧ୍ୟରେ ରହିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି।

## ଓଡ଼ିଶାର ୪ ଜିଲାରେ ୨ ଦିନ ବର୍ଷିବ

# ବୁଥ୍ ନିକଟରେ ଛୁରାମାଡ଼, ଜଣେ ଆହତ

**ଛେଣ୍ଡିପଦା, ୨୫।୫(ଅଜିତ ଧଳ)**

ଛେଣ୍ଡିପଦା ଥାନା ମାଛକୁଟା ୪୭ ନଂ. ବୁଥ୍ ନିକଟରେ ସାମାନ୍ୟ ବଚସାକୁ ନେଇ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଏଥିରେ ମାଛକୁଟା ଗ୍ରାମର ସତ୍ୟବ୍ରତ ମେହେର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ, ମାଛକୁଟା ଗ୍ରାମର ସଂଙ୍ଖାଳି ବେହେରା ଓ ସତ୍ୟବ୍ରତ ମେହେରଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସଂଙ୍ଖାଳି ଏକ ଛୁରୀରେ ସତ୍ୟବ୍ରତଙ୍କୁ ଆକ୍ରମଣ କରିଥିଲେ। ସତ୍ୟବ୍ରତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛେଣ୍ଡିପଦା ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୩ୟ ପର୍ଯ୍ୟାୟରେ ...

ମତଦାନ ହୋଇଛି। କଟକ ଲୋକସଭା କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟହାରକୁ ଦେଖିଲେ ଆଠଗଡ଼ରେ ୫୯%, ବାଙ୍କୀରେ ୫୯.୧୭%, ବାରବାଟୀ-କଟକରେ ୪୨.୧%, ବଡ଼ମ୍ବାରେ ୫୭%, ଚୌଦ୍ୱାର-କଟକରେ ୪୨.୯%, କଟକ ସଦରରେ ୬୦% ଏବଂ ଖଣ୍ଡପଡ଼ାରେ ୬୩.୫% ରହିଛି। ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ୭ ବିଧାନସଭା ଆସନ ମଧ୍ୟରୁ ଅନୁଗୋଳରେ ୫୭.୬%, ଢେଙ୍କାନାଳରେ ୫୩.୪୫%, ହିନ୍ଦୋଳରେ ୬୩.୫୨%, କାମାକ୍ଷାନଗରରେ ୫୪.୨%, ପାଲଲହଡ଼ାରେ ୭୩.୮୬%, ପରଜଙ୍ଗରେ ୬୩.୮୮% ଏବଂ ତାଳଚେରରେ ୬୪% ମତଦାନ ହୋଇଛି। କେନ୍ଦୁଝର ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ଆନନ୍ଦପୁରରେ ୫୯.୧୫%, ଚମ୍ପୁଆରେ ୬୪.୧୪%, ଘସିପୁରାରେ ୬୨.୩%, କରଞ୍ଜିଆରେ ୬୧.୩୮%, କେନ୍ଦୁଝରରେ ୬୧.୩୬%, ପାଟଣାରେ ୬୫.୨୫% ଏବଂ ତେଲକୋଇରେ ୬୩.୫୧% ମତଦାନ ହୋଇଛି। ପୁରୀ ଲୋକ ସଭା ଆସନ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ବ୍ରହ୍ମଗିରିରେ ଭୋଟହାର ୭୭% ହୋଇଥିବାବେଳେ ଚିଲିକାରେ ୭୧.୩୧%, ନୟାଗଡ଼ରେ ୫୯.୮%, ପିପିଲିରେ ୭୮%, ପୁରୀରେ ୫୬%, ରଣପୁରରେ ୬୦.୩% ଏବଂ ସତ୍ୟବାଦୀରେ ଭୋଟହାର ୬୨% ହୋଇଛି। ଏଥର ନିର୍ବାଚନରେ ଅନ୍ୟତମ ଚର୍ଚ୍ଚିତ ଲୋକ ସଭା ଆସନ ସମ୍ବଲପୁରର ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଭୋଟହାର ଯଥାକ୍ରମେ ଆଠମଲ୍ଲିକରେ ୬୬.୨%, ଛେଣ୍ଡିପଦାରେ ୬୫.୫%, ଦେବଗଡ଼ରେ ୬୭%, କୁଚିଣ୍ଡାରେ ୮୧.୩୮%, ରେଢ଼ାଖୋଲରେ ୬୬%, ରେଙ୍ଗାଲିରେ ୭୪.୯୩% ଏବଂ ସମ୍ବଲପୁରରେ ୬୩.୨% ରହିଛି।

### ଇଭିଏମ୍ ଭାଙ୍ଗି ପ୍ରଶାନ୍ତ ...

ଜଗଦ୍ଦେବ ସମର୍ଥକଙ୍କ ସହ ବୁଥ ଭିତରେ ପଶିଥିଲେ। ପୋଲିଂ ଅଧିକାରୀଙ୍କୁ କିଛି କହିଥିଲେ, ତେବେ ସେ କାମରେ ବ୍ୟସ୍ତ ଥିବାରୁ ଶୁଣି ପାରି ନ ଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଶାନ୍ତ ତାଙ୍କୁ ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ସମ୍ପୃକ୍ତ ମହିଳା ଜଣକ ବିରୋଧ କରିବାରୁ ଜଗଦ୍ଦେବ ତାଙ୍କୁ ମଧ୍ୟ ଖରାପ ବ୍ୟବହାର କରିବା ସହ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଫିସରଙ୍କୁ ଆକ୍ରମଣ କରିଥିଲେ। ପରେ ବୁଥ୍ ଭିତରେ ଠେଲାପେଲା ହୋଇଥିଲା। ଏପରି କି ବୁଥ୍ ଭିତରେ ଇଭିଏମ୍‌କୁ ଭାଙ୍ଗି ଦେଇଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତାଙ୍କ ଗାଡ଼ିରେ ବସି ଜଗଦ୍ଦେବ ସେଠାରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଟିମ୍ ଉକ୍ତ ଗାଡ଼ିର ପିଛା କରି ବୋଲଗଡ଼-ବେଗୁନିଆ ରାସ୍ତାରେ ଅଟକାଇ ଜଗଦ୍ଦେବଙ୍କୁ ଧରି ବୋଲଗଡ଼ ଥାନାକୁ ଆଣିଥିଲା। ତେବେ ଉକ୍ତ ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ଦର୍ଶାଇ ଥାନା ପରିସରରେ ଜଗଦ୍ଦେବ ସମର୍ଥକଙ୍କ ସହ ଧାରଣା ଦେଇଥିଲେ। ପରେ ତାଙ୍କୁ ଏସ୍‌ଡିପିଓ ଦିଲୀପ ଦାସ ବୁଝାଶୁଝା କରି ଖୋର୍ଦ୍ଧାକୁ ନେଇଆସିଥିଲେ। ତେବେ ପରେ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗକ୍ରମେ ପୋଲିସ ଜଗଦ୍ଦେବଙ୍କୁ ଗିରଫ କରିଛି। ଅନ୍ୟପଟେ ଏଭଳି ଅସ୍ୱାଭାବିକ ସ୍ଥିତିଯୋଗୁ ଉକ୍ତ ବୁଥ୍‌ରେ ମତଦାନ କିଛି ସମୟ ପାଇଁ ବନ୍ଦ ରହିଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ମତଦାନ ପୁଣି ହୋଇଥିଲା। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅପରପକ୍ଷରେ ଇଭିଏମ୍ ଭଙ୍ଗା ଘଟଣାକୁ ଜଗଦ୍ଦେବ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଜଣେ ଉନ୍ମତ୍ତ ଯୁବକ ହଠାତ୍ ବୁଥରେ ପଶି ଭଙ୍ଗାରୁଜା କରିଥିଲେ। ତାଙ୍କୁ ବୁଝାଶୁଝା କରିବା ସମୟରେ ଉତ୍ତେଜନା ପ୍ରକାଶ ପାଇବା ସହ ଠେଲାପେଲା ହୋଇଥିଲା। ପରେ ମୁଁ ସେଠାରୁ ପଳାଇ ଆସିଥିଲି ବୋଲି କହିଛନ୍ତି।

ଏହି ଘଟଣାକୁ ନେଇ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ଟିମ୍ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏନେଇ ରାଜ୍ୟ ସଭା ସଦସ୍ୟ ସସ୍ମିତ୍ କହିଛନ୍ତି, ପୂର୍ବରୁ ମଧ୍ୟ ବିଭିନ୍ନ ଘଟଣାରେ ଜଗଦ୍ଦେବଙ୍କ ବିରୋଧରେ ୩ଥର ଅଭିଯୋଗ କରାଯାଇଛି। ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅଭିଯୋଗ ସତ୍ତ୍ୱେ କାହିଁକି ଜଗଦ୍ଦେବଙ୍କ ବିରୋଧରେ ପଦକ୍ଷେପ ନିଆଯାଉ ନାହିଁ ବୋଲି ସସ୍ମିତ୍ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା ଟାଉନ ଥାନା ଏବଂ ଏସ୍‌ଡିପିଓ କାର୍ଯ୍ୟାଳୟ ଘେରାଉ ସହ ଆବଶ୍ୟକ ପଡ଼ିଲେ ନିର୍ବାଚନ କରାଇଦେବେ ନାହିଁ ବୋଲି ଗତ ୨୧ତାରିଖରେ ଜଗଦ୍ଦେବ ଗଣମାଧ୍ୟମରେ ଧମକ୍ ଦେଇଥିଲେ। ଏନେଇ ଜଗଦ୍ଦେବଙ୍କ ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ ହୋଇଥିଲା।

### ୫୮ ଆସନରେ ...

ମତଦାନ ବେଳେ ପଶ୍ଚିମବଙ୍ଗ ଝାରଗ୍ରାମର ଭାଜପା ପ୍ରାର୍ଥୀ ଓ ତାଙ୍କ ସୁରକ୍ଷା କର୍ମୀମାନଙ୍କୁ ଉପରେ ଲୋକେ ଟେକାମାଡ଼ କରିବାରୁ ୨ ସୁରକ୍ଷା କର୍ମୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପଶ୍ଚିମ ମେଦିନିପୁର ଜିଲାର ଗାର୍ବେଟାସ୍ଥିତ ମଙ୍ଗଳାପୋଟା ଅଞ୍ଚଳରେ ଏହି ହିଂସାକାଣ୍ଡ ଘଟିଛି। ଭୋଟ ଦେବା ପାଇଁ ବୁଥ୍ ବାହାରେ ଲାଇନ୍‌ରେ ଅପେକ୍ଷା କରିଥିବା ଜଣେ ମହିଳାଙ୍କୁ ପ୍ରାର୍ଥୀଙ୍କ ସୁରକ୍ଷା କର୍ମୀ ମାଡ଼ ମାରିବା ପରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଟେକାମାଡ଼ କରୁଥିବାବେଳେ ଭାଜପା ପ୍ରାର୍ଥୀ ପ୍ରନତ ଟୁଡୁଙ୍କୁ ସୁରକ୍ଷା ଦେବା ପାଇଁ ସୁରକ୍ଷା କର୍ମୀମାନେ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ଟେକାମାଡ଼ ଜାରି ରହିବାରୁ ଶେଷରେ ପ୍ରାର୍ଥୀଙ୍କ ସମେତ ସୁରକ୍ଷା କର୍ମୀ ଓ ଗଣମାଧ୍ୟମ କର୍ମଚାରୀମାନେ ସେଠାରୁ ଦୌଡ଼ି ପଳାଇବାକୁ ବାଧ୍ୟ ହୋଇଥିଲେ। ଆକ୍ରମଣ ପାଇଁ ଟୁଡୁ ଶାସକ ତୃଣମୂଳ କଂଗ୍ରେସର ଗୁଣ୍ଡାମାନଙ୍କୁ ଦାୟୀ କରିଛନ୍ତି। ପଶ୍ଚିମବଙ୍ଗ ଦାୟିତ୍ୱରେ ଥିବା ଭାଜପା ସହପ୍ରଭାରୀ ଅମିତ ମାଲବ୍ୟ ଆକ୍ରମଣ ପାଇଁ ଟିଏମ୍‌ସିକୁ ଦୋଷ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ଗଣତନ୍ତ୍ରର ହତ୍ୟା କରିଥିବା ସେ କହିଛନ୍ତି। ଦଳୀୟ ଏଜେଣ୍ଟଙ୍କୁ କେତେକ ବୁଥ୍‌ରେ ପୂରାଇ ଦିଆଯାଉ ନ ଥିବା ଖବର ପାଇଁ ଟୁଡୁ ଗାର୍‌ପେଟା ଯାଇଥିବାବେଳେ ଟିଏମ୍‌ସି ଗୁଣ୍ଡାଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲେ ବୋଲି କହିଛନ୍ତି। ତାଙ୍କ ସାଙ୍ଗରେ ଥିବା ସିଆଇଏସ୍‌ଏଫ୍‌ର ୨ ଯବାନ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସେ ଜଣାଇଛନ୍ତି।

### ଆଜି ମାଟ୍ରିକ୍,...

ୱେବ୍‌ସାଇଟରେ ରେଜଲ୍ଟ ଦେଖିପାରିବେ। ଏଥର ପ୍ରଥମଥର ପାଇଁ ଗୋଟିଏ ଦିନରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ରେଜଲ୍ଟ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଥିଲେ।




# ମତଦାନ କେନ୍ଦ୍ରରେ ନିର୍ବାଚନୀ ହିଂସା

ଭୁବନେଶ୍ୱର/ନାକଟୀଦେଉଳ/ ଘସିପୁରା,୨୫।୫ (ଅନିଲ ଦାସ/ ବୈକୁଣ୍ଠନାଥ ସାହୁ /ଘସିପୁରା)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶନିବାର ସମ୍ବଲପୁର, ଢେଙ୍କାନାଳ, କେନ୍ଦୁଝର, କଟକ ଭୁବନେଶ୍ୱର ଓ ପୁରୀ ଲୋକ ସଭା କ୍ଷେତ୍ର ସହ ଏହା ଅନ୍ତର୍ଗତ ୪୨ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହୋଇଛି। ପୂର୍ବଥର ଅପେକ୍ଷା ଚଳିତ ନିର୍ବାଚନରେ ଭୋଟ ପ୍ରତିଶତ ବୃଦ୍ଧିପାଇଥିବାରୁ ଏହା ସୁସ୍ଥ ନିର୍ବାଚନ ପାଇଁ ସବୁଜ ସଙ୍କେତ ବୋଲି କୁହାଯାଉଛି। ତେବେ କେତେକ ସ୍ଥାନରେ ବୁଥ୍ କେନ୍ଦ୍ର ନିକଟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ସମ୍ବଲପୁର ନାକଟିଦେଉଳ, କେନ୍ଦୁଝର ଜିଲା ଘସିପୁରା, ପୁରୀ ଜିଲା ବ୍ରହ୍ମଗିରି, କଟକ ଜିଲାର କେତେକ ସ୍ଥାନ, ଭୁବନେଶ୍ୱରର କିଛିସ୍ଥାନରେ ବୁଥ୍ ନିକଟରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଥିଲା।

ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ମତଦାନ ବେଳେ ରେଢାଖୋଲ ବିଧାନସଭା କ୍ଷେତ୍ର ଅଧୀନ ନାକଟୀଦେଉଳ ବ୍ଲକ ଗଦାଧରପୁର ଗ୍ରାମ ୨୩୨ନମ୍ବର ମତଦାନ କେନ୍ଦ୍ର ସମ୍ମୁଖରେ ନିର୍ବାଚନୀ ହିଂସା ଘଟିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ କୁହାଯାଉଥିବା ଜଣେ ବିଜେଡି କର୍ମୀ ବୁଥ୍ ସମ୍ମୁଖରେ ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଲୋଭିତ କରୁଥିବା ଅଭିଯୋଗ ହୋଇଥିଲା। ଏହି ସମୟରେ ଭାଜପା କର୍ମୀ ଶୁଭବ୍ରତ ପଣ୍ଡା ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ସମ୍ପୃକ୍ତ ବିଜେଡି କର୍ମୀ ଓ ତାଙ୍କର କେତେଜଣ ସହଯୋଗୀ ଶୁଭବ୍ରତଙ୍କୁ ସଂଘବଦ୍ଧ ଠେଙ୍ଗା ଓ ବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଗୋଡ଼, ବେକ, ଛାତି ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ନାକଟୀଦେଉଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଶୁଭବ୍ରତଙ୍କ ପରିବାର ଲୋକେ ଏ ନେଇ ନାକଟୀଦେଉଳ ଥାନାରେ ଅଭିଯୋଗ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। କେନ୍ଦୁଝର ଲୋକ ସଭା କ୍ଷେତ୍ର ଘସିପୁରା ନିର୍ବାଚନମଣ୍ଡଳୀର ନୂଆପଡ଼ା ୧୭୮ ନଂ. ବୁଥ୍‌ରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ମତଦାନ ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଆହତ ହୋଇଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅନ୍ୟ ଅଞ୍ଚଳର କେତେଜଣ ଲୋକ ବୁଥ୍‌କୁ ଆସି ଭୋଟରଙ୍କୁ ତାଙ୍କ ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଦେବାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ। ଏହାକୁ ନେଇ ଏକ ରାଜନୈତିକ ଦଳର କର୍ମୀ ବିରୋଧ କରିବାକୁ ଗଣ୍ଡଗୋଳ ହୋଇଥିଲା। ଘଟଣାରେ ପୋଲିସ ଉଭୟ ପକ୍ଷର ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେହିପରି ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଗଡ଼ରୋଡଙ୍ଗ ପୋଲିଂ ବୁଥରେ ଭାଜପା ପ୍ରାର୍ଥୀ ଉପାସନା ମହାପାତ୍ରଙ୍କୁ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। କଟକ ଜିଲା ବାଙ୍କୀ ନିର୍ବାଚନ ମଣ୍ଡଳୀର କଦଳୀବାଡ଼ି ପଞ୍ଚାୟତର ୧୩୯ ନମ୍ବର ବୁଥରେ କ୍ରସ ଭୋଟିଂକ୍ରସ୍ ଭୋଟିଂ ଅଭିଯୋଗ ହୋଇଛି। ଏହାକୁ ନେଇ ବୁଥରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ମହିଳାମାନେ ପ୍ରିଜାଇଡିଂ ଅଫିସରଙ୍କୁ ଘେରିଥିଲେ। ସୁରକ୍ଷା କର୍ମୀଙ୍କ ବୁଝାସୁଝା କରିବା ପରେ ମତଦାନ ହୋଇଥିଲା।

# ବୁଥ୍‌ରେ ଟଙ୍କାବଣ୍ଟା, ତୁମୁଳକାଣ୍ଡ

## ବିଜେଡି ନେତା-ଭାଜପା କର୍ମୀ ମାରପିଟ୍, ଥାନାରେ ଉଭୟ ପକ୍ଷ

ଜମନକିରା,୨୫।୫ (ରବୀନ୍ଦ୍ର ପ୍ରସାଦ ଦାନୀ)



ପୋଲିସ ଉଭୟ ପକ୍ଷ ସହ ଆଲୋଚନା କରୁଛି।

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜମନକିରା ବ୍ଲକ ସଦର ମହକୁମାସ୍ଥିତ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ର ସମ୍ମୁଖରେ ଭୋଟ ଗ୍ରହଣ ଚାଲିଥିବା ବେଳେ ଜଣେ ବିଜେଡି ନେତାଙ୍କ ଟଙ୍କାବଣ୍ଟା ଅଭିଯୋଗ ପରେ ତୁମୁଳକାଣ୍ଡ ଘଟିଛି। ଟଙ୍କା ବାଣ୍ଟୁଥିବା ଅଭିଯୋଗ କରି ଭାଜପା କର୍ମୀ ମଳୟ ବେହେରା ବିଜେଡି ନେତା ମିଳନ ଖୁଣ୍ଟିଆଙ୍କୁ ମାଡ଼ ମାରିଥିଲେ। ଏହାର କିଛି ସମୟ ପରେ ମିଳନ କେତେଜଣ ଯୁବକଙ୍କୁ ନେଇ ମଳୟ ବେହେରାଙ୍କ ଘରକୁ ଯାଇଥିଲେ। ଗାଳିଗୁଲଜ କରିବା ସହ ତାଙ୍କ ମା, ଭଉଣୀ ଏବଂ ଜଣେ ସାଙ୍ଗଙ୍କୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ମିଳନ ଖୁଣ୍ଟିଆଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା ଥାନାରେ ପହଞ୍ଚି ଉଭୟ ପକ୍ଷ ସହ ଆଲୋଚନା କରୁଛନ୍ତି। ଜମନକିରା ସଦର ମହକୁମାସ୍ଥିତ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ଶନିବାର ମତଦାନ ଚାଲିଥିବା ବେଳେ ବାହାରେ ଉଭୟ ବିଜେଡି ଓ ଭାଜପା କର୍ମୀମାନେ ଭୋଟରଙ୍କୁ ନିଜ ଦଳ ସପକ୍ଷରେ ଭୋଟ ଦେବା ପାଇଁ ପ୍ରବର୍ତ୍ତାଉଥିଲେ। ଏହି ସମୟରେ ବିଜେଡି ପକ୍ଷରୁ ଟଙ୍କା ବଣ୍ଟା ଯାଉଥିବା ଏବଂ ଭୋଟରଙ୍କୁ ପ୍ରଲୋଭିତ କରାଯାଉଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଘଟଣାକୁ ନେଇ ମିଳନ ଏବଂ ମଳୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମଳୟ ମିଳନଙ୍କୁ ମୁଥ ମାରିଥିଲେ। ଥାନା ଅଧିକାରୀ ପଦ୍ମାଳୟା ସାହୁ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିଥିଲେ। ମାଡ଼ ମାରିଥିବା ମଳୟଙ୍କୁ ତାଙ୍କ ସାଙ୍ଗ ସୁମିତ ସାହୁ ଘଟଣାସ୍ଥଳରୁ ନେଇଯାଇଥିଲେ। ପରେ ମିଳନ ଦୁଇଟି ବୋଲେରୋ ଏବଂ ଗୋଟିଏ କାରରେ କେତେଜଣ ଯୁବକଙ୍କୁ ନେଇ ମଳୟଙ୍କ ଘରକୁ ଯାଉଥିଲେ। ବାଟରେ ସୁମିତଙ୍କୁ ଦେଖି ସେମାନେ ମଳୟଙ୍କ ସମ୍ପର୍କରେ ପଚାରିଥିଲେ। ପରେ ସେମାନେ ସୁମିତଙ୍କୁ ନେଇ ମଳୟଙ୍କ ଘରକୁ ଯାଇଥିଲେ। ଘରେ ମଳୟଙ୍କୁ ନ ପାଇ ସେମାନେ ତାଙ୍କ ମା, ଭଉଣୀ ଓ ସୁମିତଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ନେଇ ମଳୟଙ୍କ ମା ' ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷଙ୍କ ଏତଲା ଆଧାରରେ ଥାନାରେ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଖବର ପାଇ ଥାନାରେ ବିଜେଡି ଓ ଭାଜପାର ଶହ ଶହ କର୍ମୀ ରୁଣ୍ଡ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଏବଂ ଭାଜପା ପ୍ରାର୍ଥୀ ରବି ନାରାୟଣ ନାୟକ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଥିବା ଖବର ମିଳିଛି।

# ମତଦାନ କେନ୍ଦ୍ରରେ ଭାଜପା ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ

ଢେଙ୍କାନାଳ,୨୫।୫(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ନୂଆବଗ ପଞ୍ଚାୟତ ବାହାଲୁଣ୍ଡା ଗ୍ରାମରେ ହୋଇଥିବା ୧୩୬ନଂ. ବୁଥ୍‌ରେ ଶନିବାର ଭୋଟିଂ ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ବୁଥରେ ଭାଜପାର ପୋଲିଂ ଏଜେଣ୍ଟ ଥିବା ଶୁକଦେବ ପଟ୍ଟନାୟକଙ୍କ ମୃତ୍ୟୁ ହୋଇଛି। ଶୁକଦେବ ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଘଟଣା ସତ୍ତ୍ୱେ ଉକ୍ତ ବୁଥରେ ମତଦାନ ଜାରି ରହିଥିଲା। ପୋଲିଂ ଏଜେଣ୍ଟ ଶୁକଦେବଙ୍କ ବିୟୋଗ ଖବରପାଇ ଢେଙ୍କାନାଳ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଶୋକ ପ୍ରକାଶ କରିଛନ୍ତି। ଏଥିସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

# ମୋବାଇଲ ବାରଣକୁ ନେଇ ଅସନ୍ତୋଷ

ଭୁବନେଶ୍ୱର,୨୫।୫(ଅନିଲ ଦାସ)

ମତଦାନ କେନ୍ଦ୍ରକୁ ମୋବାଇଲ ଫୋନ ନ ନେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସୂଚନା ଦେଇଥିଲେ। ଯଦି କୌଣସି ଭୋଟର ମୋବାଇଲ ଫୋନ ସାଙ୍ଗରେ ଆଣିଥିବେ ତେବେ ସେମାନେ ପ୍ରତ୍ୟେକ ବୁଥ୍‌ରେ ଥିବା ଭୋଟର ସହାୟତା କେନ୍ଦ୍ରରେ ରଖି ଭୋଟ ଦେବାକୁ ଯାଇପାରିବେ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଅନେକ ବୁଥ୍‌ରେ ସେଭଳି ବ୍ୟବସ୍ଥା ଦେଖିବାକୁ ମିଳି ନ ଥିବାବେଳେ ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀ ଭୋଟରଙ୍କୁ ଘରେ ଫୋନ ରଖି ଆସିବାକୁ କହି ଫେରାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭୁବନେଶ୍ୱରର କେତେକ ବୁଥ୍ ନିକଟରେ ଉତ୍ତେଜନା ଦେଖାଦେଇଛି। ଏଥିଯୋଗୁ ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ଭୋଟ ନ ଦେଇ କେତେଜଣ ମତଦାତା ଫେରି ଯାଇଥିବା ଦେଖିବାକୁ ମିଳିଛି। ମୋବାଇଲ ନ ନେବାକୁ ନିୟମ ଥିବା ସମ୍ପର୍କରେ ଅନେକ ଭୋଟର ଜାଣି ନ ଥିବା କହିଥିବାବେଳେ ପୋଲିସ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ନ ଜଣାଇବା ଜାଣିଶୁଣି ବିଭ୍ରାଟ କରିଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ସକାଳୁ ମକ୍‌ପୋଲ୍ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଯାଇଥିବାରୁ ତୁରନ୍ତ ତାହାକୁ ବଦଳା ଯାଇଥିଲା ଏବଂ ମତଦାନ ସ୍ୱାଭାବିକ ଭାବେ ଚାଲିଥିଲା। କେତେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ଭୋଟରମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ମତଦାନରେ ସମସ୍ତ ବର୍ଗର ଭୋଟର ନିଜ ମତଦାନ ଅଧିକାର ସାବ୍ୟସ୍ତ କରି ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥିବାରୁ ମୁଖ୍ୟନିର୍ବାଚନ ଅଧିକାରୀ ସମସ୍ତ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ପରିଚାଳନା କାର୍ଯ୍ୟ କରିଥିବାରୁ ସମସ୍ତ ପୋଲିଂ କର୍ମଚାରୀ, ସୁରକ୍ଷା ବଳଙ୍କୁ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାଧୁବାଦ ଜଣାଇଛନ୍ତି।

# କାର୍ଯ୍ୟରତ ମହିଳା ପୋଲିଂ ଅଫିସରଙ୍କ ମୃତ୍ୟୁ

କଟକ,୨୫।୫(କାର୍ତ୍ତିକ ସାହୁ)

କଟକ ଜିଲା ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀରେ କାର୍ଯ୍ୟରତ ପୋଲିଂ ଅଫିସର ସୁଜାତା ମିତ୍ରଙ୍କର ଶନିବାର ମୃତ୍ୟୁ ଘଟିଛି। ବାଖରାବାଦ ସରକାରୀ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ହାଡ଼ିବନ୍ଧୁ ନୋଡାଲ ହାଇସ୍କୁଲର ୧୧୪ ନମ୍ବର ବୁଥ୍‌ରେ ପୋଲିଂ ଅଫିସର ଭାବେ କାର୍ଯ୍ୟରତ ଥିବାବେଳେ ସନ୍ଧ୍ୟାରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଶୋକପ୍ରକାଶ କରିବା ସହ ସୁଜାତାଙ୍କ ଆତ୍ମାର ସଦ୍‌ଗତି କାମନା ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିଧି ମୁତାବକ ସାହାଯ୍ୟ ବ୍ୟତୀତ ଭାରତୀୟ ନିର୍ବାଚନ ଆୟୋଗଙ୍କ ଘୋଷଣା ମତେ ସୁଜାତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଧଳ କହିଛନ୍ତି। ଏଥିସହ ଶୀଘ୍ର ବିଧି ମୁତାବକ ବିହିତ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ୪ ଦିନର ଝିଅକୁ ବିକିଦେଲେ ଆଦିବାସୀ ମହିଳା

ଅଗରତାଲା,୨୫।୫

ତ୍ରିପୁରାରେ ଜଣେ ମହିଳା ଦାରିଦ୍ର୍ୟର ତାଡ଼ନାରେ ନିଜର ନବଜାତ ଶିଶୁକନ୍ୟାକୁ ୫,୦୦୦ ଟଙ୍କାରେ ବିକ୍ରି କରିଦେଇଥିଲେ। ବିରୋଧୀ ନେତାଙ୍କ ହସ୍ତକ୍ଷେପ ଯୋଗୁ ପୋଲିସ ସହାୟତାରେ ମହିଳା ତାଙ୍କ ନବଜାତକକୁ ଫେରିପାଇଛନ୍ତି। ଖବର ଅନୁଯାୟୀ, ଗଣ୍ଡଚେରା ସବ୍‌ଡିଭିଜନ ଅନ୍ତର୍ଗତ ତାରାବାନ କଲୋନିରେ ରହୁଥିବା ମୋରମତି ତ୍ରିପୁରା (୩) ଗତ ବୁଧବାର ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ପରଦିନ ସେ ଉକ୍ତ ଶିଶୁକୁ ୫,୦୦୦ ଟଙ୍କାରେ ହେଜାମରା ଦମ୍ପତିଙ୍କୁ ବିକ୍ରି କରିଦେଇଥିଲେ। ୫ ମାସ ପୂର୍ବେ ମହିଳାଙ୍କ ସ୍ୱାମୀ ଆତ୍ମହତ୍ୟା କରିଥିଲେ। ଫଳରେ ମହିଳା ଜଣକ ୪ ପିଲାଙ୍କୁ ନେଇ ପରିବାର ଚଳାଇବା ପାଇଁ ରାଶନ କାର୍ଡ ବନ୍ଧା ରଖିଥିଲେ। ସେ ଗର୍ଭପାତ ପାଇଁ ଚାହିଁଥିଲେ ମଧ୍ୟ ଡାକ୍ତର ମନା କରିଥିଲେ। ଡାକ୍ତର ଜଣକ ତାଙ୍କୁ ଆବଶ୍ୟକ ଔଷଧ ଯୋଗାଇ ଦେଇଥିଲେ। ତେଣୁ ଦାରିଦ୍ର୍ୟ କାରଣରୁ ସନ୍ତାନ ଜନ୍ମ ପରେ ମହିଳା ଜଣକ ତାକୁ ବିକ୍ରି କରିଦେବାକୁ ମନସ୍ଥ କରିଥିଲେ। ବିରୋଧୀ ଦଳ ନେତା ତଥା ସିପିଆଇ(ଏମ୍) ରାଜ୍ୟ କମିଟି ସମ୍ପାଦକ ଜିତେନ୍ଦ୍ର ଚୌଧୁରୀ ଏନେଇ ମୁଖ୍ୟ ସଚିବଙ୍କୁ ଜଣାଇବା ପରେ ହେଜାମରା ଦମ୍ପତିଙ୍କଠାରୁ ଶିଶୁକୁ ଉଦ୍ଧାର କରାଯାଇ ମହିଳାଙ୍କୁ ଫେରାଇ ଦିଆଯାଇଛି। ଅସୁବିଧାରେ ଥିବା ଲୋକଙ୍କୁ ସହାୟତା କରିବାରେ ରାଜ୍ୟର ଭାଜପା ସରକାର ଏବଂ ଟିପ୍ରା ମୋଥା ନେତୃତ୍ୱାଧୀନ ତ୍ରିପୁରା ଟ୍ରାଇବାଲ ଏରିଆ ଅଟୋନମସ୍ ଡିଷ୍ଟ୍ରିକ୍ଟ କାଉନସିଲ ବିଫଳ ହୋଇଥିବା ଚୌଧୁରୀ ସମାଲୋଚନା କରିଛନ୍ତି।

ବୈଦ୍ୟନାଥ
ପ୍ରାକୃତିକ
ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | ବୈଦ୍ୟନାଥ ତ୍ରିଫଳା ଚୂର୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :
CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300

# ରାଜସ୍ଥାନର ଫଲୋଦିରେ ତାପମାତ୍ରା ୫୦ ଟପିଲା

ଜୟପୁର,୨୫।୫

ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ଫଲୋଦିରେ ଶନିବାର ତାପମାତ୍ରା ୫୦ ଡିଗ୍ରୀ ଅତିକ୍ରମ କରି ଦେଶର ସବୁଠୁ ଉତ୍ତପ୍ତ ସ୍ଥାନର ରେକର୍ଡ ହାସଲ କରିଛି। ଶୁକ୍ରବାର ସେଠାରେ ତାପମାତ୍ରା ୪୯ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ରାଜ୍ୟର ବଲୋତ୍ରା, ପଲି ଏବଂ ଜୟପୁରରେ ଅଂଶୁଘାତରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନିର୍ମାଣାଧୀନ ପାଚପଦ୍ରା ରିଫାଇନାରିରେ ଜଣେ ଶ୍ରମିକ ପ୍ରାଣ ହରାଇଛନ୍ତି। ଜୟପୁରର ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ଜଣେ ଗାର୍ଡ ଏବଂ ପାଲି ରେଳଷ୍ଟେଶନରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ମିଶାଇ କ୍ରମାଗତ ୨ ଦିନରେ ଅଂଶୁଘାତରେ ୧୨ ଜଣଙ୍କ ଜୀବନ ଗଲାଣି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୪.୨ ଡିଗ୍ରୀ ଅଧିକ ରହିଛି। ରାଜଧାନୀ ଜୟପୁରର ତାପମାତ୍ରା ୪୨.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଗ୍ରୀଷ୍ମ ଲହରି ଲାଗିରହିଥିବାରୁ ରିଫାଇନାରିର ନିର୍ମାଣ କାର୍ଯ୍ୟ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବଲୋତ୍ରା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

भारतीय समुद्री विश्वविद्यालय
INDIAN MARITIME UNIVERSITY
(A Central University under the Ministry of Ports, Shipping and Waterways, Govt. of India)
Established by an Act of the Parliament in 2008

Admissions OPEN AY 2024-25

Bachelor of Business Administration (BBA)
Logistics, Retailing & E-Commerce

Admission to the BBA programme is facilitated through two pathways:
1. CUET-UG 2024 scores (in the order of merit)
2. 12th grade marks (if not appeared/applied for CUET (UG) 2024)
Preference will be given to the candidates with CUET-UG 2024 scores.

QR Code for BBA Registration
REGISTRATION CLOSING DATE 30/06/2024

CHENNAI CAMPUS
Indian Maritime University
East Coast Road, Uthandi,
Chennai 600 119.

KOCHI CAMPUS
Indian Maritime University
South End Reclamation Area (SE&A),
NH-47A,Near Alexander
Parambithara Bridge,
Matsyapuri (P.O.), Willingdon Island,
Kochi-682029

Query, if any, Please write to : bba24@imu.ac.in
HELPLINE: 044-2453 9027/28
For more information visit : www.imu.edu.in
@IMU Headquarters @imu_headquaters @IMU_HQ

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା



# ବୌଦ୍ଧିକ ଆକ୍ରମଣ



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)ହେଉଛି ଭାରତର ସର୍ବବୃହତ୍ ରାଜନୈତିକ ଦଳ ବା ଶକ୍ତି । କିନ୍ତୁ ଏହାର ବିଚାରଧାରା ଠିକ୍ ଭାବରେ ବୁଝାପଡୁ ନାହିଁ। ଏହାର କେତେକ ଦିଗ – ରାଜ୍ୟଶକ୍ତିକୁ ବିରୋଧ, ଅର୍ଥନୈତିକ ବିକାଶର ପ୍ରତିଜ୍ଞା ସ୍ପଷ୍ଟ ହୁଏ। ହେଲେ ଦଳ ଏହାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରି ନ ପାରେ । ଆଦର୍ଶର ସବୁଠାରୁ ବଡ଼ ଅଂଶ ହେଉଛି ହିନ୍ଦୁତ୍ୱ ବା ହିନ୍ଦୁ ଜାତୀୟତା ଅଧିକ ଅସ୍ପଷ୍ଟ । ଏହାର ଅର୍ଥ କ'ଣ ଏବଂ ଏହା କ'ଣ ହାସଲ କରିବାକୁ ଉଦ୍ଦିଷ୍ଟ? କର୍ଣ୍ଣାଟକର ଜଣେ ପ୍ରସିଦ୍ଧ ଲେଖକ ଦେବନୁରା ମହାଦେବା ଲେଖିଛନ୍ତି 'ଆର୍‌ଏସ୍‌ଏସ୍: ଦି ଲଙ୍ଗ୍ ଏବଂ ଶର୍ଟ' ଶୀର୍ଷକ ପୁସ୍ତକରେ ଆର୍‌ଏସ୍‌ଏସ୍ କ'ଣ ଏବଂ ହିନ୍ଦୁତ୍ୱର ପ୍ରାଥମିକ ଲେଖା ମାଧ୍ୟମରେ ଏହା କ'ଣ ଚାହୁଁଛି, ତାହା ମହାଦେବ ବୁଝିବାକୁ ଚେଷ୍ଟା କରିଛନ୍ତି। ଏଗୁଡ଼ିକ ମଧ୍ୟରେ ରହିଛି ଭି.ଡି. ସବରକରଙ୍କ ଲେଖା ଏବଂ ଏମ୍.ଏସ୍. ଗୋଲୱାଲକରଙ୍କ 'ବଞ୍ଚ୍ ଅଫ୍ ଥଟ୍' ପୁସ୍ତକ। ମହାଦେବା ହିନ୍ଦୁତ୍ୱ ପଛରେ କ'ଣ ଅଛି ସେଥିପାଇଁ ଅନୁସନ୍ଧାନ ଜାରି ରଖିଛନ୍ତି। ଗୋଲୱାଲକରଙ୍କ ସହ ହୋଇଥିବା ସାକ୍ଷାତକାରରେ ସେ ଜାଣିବାକୁ ପାଇଲେ ଯେ, ଆର୍‌ଏସ୍‌ଏସ୍ ମୁଖ୍ୟ ଜାତିକୁ ପ୍ରାଧାନ୍ୟ କରିଛନ୍ତି ଏବଂ ଆମ ସମସ୍ତଙ୍କୁ ସମ୍ମାନ କରିବାକୁ କହିଛନ୍ତି। 'ବଞ୍ଚ୍ ଅଫ୍ ଥଟ୍'ରେ ଗୋଲୱାଲକର କହିଛନ୍ତି, ହିନ୍ଦୁମାନେ ତାଙ୍କ ଈଶ୍ୱର ଏବଂ ଏହି ଈଶ୍ୱର ଜାତି ମାଧ୍ୟମରେ ନିଜକୁ ପ୍ରଦର୍ଶନ କରନ୍ତି। ଅର୍ଥାତ୍ ମନୁ ଜାତିକୁ ଯେପରି ବର୍ଣ୍ଣନା କରିଥିଲେ ସେହିଭଳି ହିନ୍ଦୁ ସମାଜର ସଂଗଠନ (ବ୍ରାହ୍ମଣ ମୁଣ୍ଡ, କ୍ଷତ୍ରିୟ ବାହୁ, ବୈଶ୍ୟ ଜଙ୍ଘ ଏବଂ ଶୂଦ୍ର ପାଦ) ହେଉଛି ଉପାସନା ଯୋଗ୍ୟ । ୧୯୬୦ରେ ଗୋଲୱାଲକର କହିଥିଲେ ଯେ, ପଶୁମାନଙ୍କରେ କ୍ରସ୍ ବ୍ରିଡିଂ ପାଇଁ ଯେପରି କରାଯାଇଥିଲା ସେହିଭଳି ଉନ୍ନତ ମାନବ ପାଇଁ ଜାତିକୁ ବ୍ୟବହାର କରାଯାଇପାରିବ । ଏହା ପ୍ରାରମ୍ଭରୁ ହିନ୍ଦୁମାନଙ୍କ ଦ୍ୱାରା କରାଯାଇଥିଲା। ଉଚ୍ଚଜାତିର ଲୋକେ ଅନ୍ୟଜଣଙ୍କୁ ବିବାହ କରିଥିବା କୌଣସି ମହିଳାଙ୍କ ପ୍ରଥମ ସନ୍ତାନର ପିତା ହେଉଥିଲେ । ଏହା ଜାଣିବାକୁ ପାଠକେ ଆଗ୍ରହୀ ହୋଇପାରନ୍ତି ଯେ, ସାମନ୍ତବାଦ ସମୟରେ ୟୁରୋପରେ ଡ୍ରୋଟ୍ ଡୁ ସେଗ୍ନେର୍ ('ପ୍ରଭୁଙ୍କ ଅଧିକାର') ନାମରେ ସମାନ ପ୍ରକାର ପ୍ରଥା ରହିଥିଲା। ଏଥିରେ ସାମନ୍ତମାନେ ସେମାନଙ୍କ ଅଧସ୍ତନ ମହିଳାମାନଙ୍କ ସହ ୱେଡିଂ ନାଇଟରେ ଯୌନ ସମ୍ପର୍କ ରଖୁଥିଲେ। ଏହା ହେଉଛି ଦୁର୍ବଳ ଶ୍ରେଣୀଙ୍କ ପ୍ରତି ଏକ ଶୋଷଣ ଏବଂ କିଛି ଭଲ ବିଷୟ ଗୋଲୱାଲକରଙ୍କ କ୍ଷେତ୍ରରେ ଘଟିଥିବା ଦେଖାଯାଏ ନାହିଁ।

ଆରଏସ୍‌ଏସ୍ କ୍ୟାଡର କିମ୍ବା ଭାଜପା ଦ୍ୱାରା ଏଭଳି ବିଷୟଗୁଡ଼ିକ ପ୍ରକାଶ କରା ନ ଯିବାର କାରଣ ହେଉଛି ସେମାନେ ନିଶ୍ଚିତ ଯେ ଲେଖକ ଯାହା କରିଛନ୍ତି ଏବଂ ଯାହା ପ୍ରଥମ ବହିରେ ଲେଖିଛନ୍ତି ତାହା କରିବେ। ଜାତି ପ୍ରଥା ସ୍ଥାୟୀ ଏବଂ ଏହାକୁ ମାନିବା ଉଚିତ ବୋଲି ଆରଏସ୍‌ଏସ୍ ଯାହା ଚାହୁଁଛି ତାହା କରାଯିବା ଉଚିତ କି ନାହିଁ ସେ ସମ୍ପର୍କରେ ଏକ ଟେଲିଭିଜନ ବିତର୍କ ଦେଖିବା ମଜାଦାର ହେବ। ମହାଦେବା ଅନେକ ବାସ୍ତବ ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଆର୍‌ଏସ୍‌ଏସ୍ ଭାରତରୁ ସୃଷ୍ଟ ଧର୍ମକୁ ବଦନାମ କରିଛି କିନ୍ତୁ ସ୍ୱୀକାର କରିବାକୁ ଚାହୁଁଥିବା ଜାତିକୁ ପ୍ରତ୍ୟାଖ୍ୟାନ କରିଛି। ଆର୍‌ଏସ୍‌ଏସ୍ ଭାରତରେ ସୃଷ୍ଟି ତଥା ଚତୁଃବର୍ଣ୍ଣ ବ୍ୟବସ୍ଥା ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଜୈନ୍ୟ, ବୌଦ୍ଧ, ଶିଖ୍, ଲିଙ୍ଗାୟତ ଏବଂ ଅନ୍ୟାନ୍ୟ ଧର୍ମର ପଥକୁ ଜଟିଳ କରିଛି। ଏସବୁ ହିନ୍ଦୁ ଧର୍ମ କହି ସେଗୁଡ଼ିକୁ ନିଜ ମଧ୍ୟରେ ସାମିଲ କରିବାକୁ ଚାହୁଁଛି। ସେ ଲେଖିଛନ୍ତି ଯେ, ଆଭ୍ୟନ୍ତରରୁ ଏହା ପ୍ରତି କୌଣସି ପ୍ରତିରୋଧ ନାହିଁ। କାରଣ ଆର୍‌ଏସ୍‌ଏସ୍ ପ୍ରକୃତରେ ବିଚାରଧାରାକୁ ଉତ୍ସାହିତ କରେ ନାହିଁ । ବିବିଧତା ବ୍ୟବସ୍ଥା ଉପରେ ଜୋର ଦେଇ ଆର୍‌ଏସ୍‌ଏସ୍‌ରେ ବିଚାରଧାରକୁ ନିରୁତ୍ସାହିତ କରାଯାଇଛି । ଆର୍‌ଏସ୍‌ଏସ୍ ଏହାର ସ୍ୱେଚ୍ଛାସେବୀମାନଙ୍କୁ ନିୟନ୍ତ୍ରଣରେ ରଖିଛି । ଗୋଲୱାଲକରଙ୍କ ଲେଖାକୁ ଉଦ୍ଧୃତ କରି ମହାଦେବ ଲେଖିଛନ୍ତି ଯେ, "ସେମାନେ ଯାହା କହିଛନ୍ତି ତାହା କରିବା ଉଚିତ । ଯଦି ସେମାନଙ୍କୁ କବାଡ଼ି ଖେଳିବାକୁ କୁହାଯାଏ, ତେବେ କବାଡ଼ି ଖେଳ, ଯଦି ବୈଠକ ଆୟୋଜନ କରିବାକୁ କୁହାଯାଇଛି ତେବେ ବୈଠକ କରିବାକୁ ହେବ ..., ସେମାନଙ୍କ ପସନ୍ଦର ଆବଶ୍ୟକତା ନାହିଁ।" ଏହି କ୍ୟାଡରକୁ ଶିକ୍ଷା ଦିଆଯାଉଛି ଯେ, ସମ୍ବିଧାନ ତ୍ରୁଟିପୂର୍ଣ୍ଣ । ବ୍ୟବସ୍ଥାଗୁଡ଼ିକ ସମ୍ପର୍କରେ ସେମାନଙ୍କ ବିଚାର ଆପତ୍ତିଜନକ, କାରଣ ସେଠାରେ କେବଳ ଗୋଟିଏ ଭାରତ ମାତା ରହିପାରନ୍ତି ଏବଂ କର୍ନାଟକ, ଗୁଜରାଟ କିମ୍ବା ବଙ୍ଗଳାର ଅସ୍ତିତ୍ୱ ଭୁଲ୍ । ଲେଖକ ଲେଖିଛନ୍ତି ଯେ, ବିବିଧତା ଉପରେ ଏକତାର ଚାପ କେବଳ ଏକ ଶବ୍ଦାବଳୀ ବୋଲି ଲେଖକ ଦର୍ଶାଇଛନ୍ତି। ଆର୍‌ଏସ୍‌ଏସ୍ ଏବଂ ଭାଜପା ଆଦିବାସୀଙ୍କୁ 'ବନବାସୀ' (ଜଙ୍ଗଲ ନିବାସୀ) ବୋଲି କହୁଛନ୍ତି। ଏହା ସେମାନଙ୍କ ଆଦିବାସୀ ପରିଚୟକୁ କ୍ଷୁଣ୍ଣ କରୁଛି। ମହାଦେବା ହିନ୍ଦୁତ୍ୱକୁ ଏକ 'ଗୋ-ମୁଖୀ ବାଘ'ବୋଲି କହିଛନ୍ତି, ଯାହା ଭାରତୀୟ ସମାଜକୁ ଖାଉଛି। ସେ କହନ୍ତି, ଏହି ପ୍ରଧାନମନ୍ତ୍ରୀ ଲୋକପ୍ରିୟ କିନ୍ତୁ କେବଳ ଏକ 'ଉତ୍ସବ ମୂର୍ତ୍ତି' ବା ପ୍ରତିମୂର୍ତ୍ତିର ପ୍ରତିକୃତି, ଯାହା ଶୋଭାଯାତ୍ରାରେ ହିଁ ବାହାରିଥାଏ । ପ୍ରକୃତ ଦେବତା ଆର୍‌ଏସ୍‌ଏସ୍ ମନ୍ଦିର ନାଗପୁରରେ ବସିଛନ୍ତି। ଉତ୍ସବ ମୂର୍ତ୍ତିର ଏକମାତ୍ର ଯୋଗ୍ୟତା ହେଉଛି ଏକ ଶୋ' ଉପସ୍ଥାପିତ ଏବଂ ଲୋକଙ୍କୁ ସମ୍ମୋହିତ କରିବାର କ୍ଷମତା ଥିବା ଦରକାର। ମହାଦେବ ପଚାରିଛନ୍ତି ଯେ, ଆଜି ଆମେ ଏସବୁ ଦେଖୁ ନାହୁଁ କି? ଜାଗରଣ ଏବଂ ସଚେତନତା ଆମେ ସମସ୍ତେ ଆବଶ୍ୟକ କରୁ। ପ୍ରଥମେ ଷଡ଼ଯନ୍ତ୍ର ଉନ୍ମୋଚନ କରିବା ହେଉଛି ଏକମାତ୍ର ଉପାୟ । ଏଥିପ୍ରତି ଆମକୁ ସଜାଗ ରହିବା ଆବଶ୍ୟକ । ବହିଗୁଡ଼ିକର ବୌଦ୍ଧିକ ବିଷୟବସ୍ତୁ କେତେ ଦୀର୍ଘ ତାହା ବେଳେ ବେଳେ ବିଚାର କରାଯାଏ । ମହାଦେବ ନିଜେ ତାଙ୍କ କାର୍ଯ୍ୟକୁ 'ବୁକ୍‌ଲେଟ' ବୋଲି କହିଛନ୍ତି। ଏହି ବର୍ଣ୍ଣନା ସମ୍ଭାବ୍ୟ ପାଠକଙ୍କୁ ବିଭ୍ରାନ୍ତ ନ କରିବାକୁ ଦିଅନ୍ତୁ । ଏହା ହେଉଛି ସବୁଠୁ ଭଲ ଲେଖା, ଯାହାକି ସାମ୍ପ୍ରତିକ ସମୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧିକ ଆକ୍ରମଣ ଏବଂ ସେହି କାରଣରୁ ସବୁଠାରୁ ଲୋକପ୍ରିୟ ହୋଇପାରିଛି।

Email:aakar.patel@gmail.com

# ମାଗଣା ଚାଉଳ ରାଜନୀତି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ଲୋକ ସଭା ଏବଂ ଓଡ଼ିଶା ସମେତ କିଛି ରାଜ୍ୟର ବିଧାନସଭା ନିର୍ବାଚନ ଯେତେ ଆଗକୁ ବଢୁଛି, ଲୋକଙ୍କୁ ଖାଦ୍ୟ ସୁରକ୍ଷା ବାବଦରେ ଦିଆଯାଉଥିବା ମାଗଣା ଚାଉଳକୁ ନେଇ ରାଜନୀତି ସେତେ ଜୋରଦାର ହେବାରେ ଲାଗିଛି। ଦେଶର ଅଶୀ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଗାମୀ ପାଞ୍ଚ ବର୍ଷ ପାଇଁ ମାସିକ ପାଞ୍ଚ କିଲୋ ଲେଖାଏଁ ଚାଉଳ ଦେଉଛୁ ବୋଲି ପ୍ରଧାନମନ୍ତ୍ରୀ ମୋଦି ଓ ଅନ୍ୟ ଭାଜପା ନେତାମାନେ ବିଭିନ୍ନ ନିର୍ବାଚନୀ ସଭାରେ ଦାବି କରୁଥିବା ବେଳେ ନିକଟରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ଦଳ ପକ୍ଷରୁ ମଧ୍ୟ କ୍ଷମତାକୁ ଆସିଲେ ମାସିକ ପାଞ୍ଚ କିଲୋ ବଦଳରେ ଦଶ କିଲୋ ଚାଉଳ ଦିଆଯିବ ବୋଲି ଘୋଷଣା କରିବା ଦେଖାଯାଇଛି। ଖାଦ୍ୟ ସୁରକ୍ଷା ନାଁରେ ଦିଆଯାଉଥିବା ରାଶନ ଚାଉଳର ଶ୍ରେୟକୁ ନେଇ ଯେଉଁ ବାଦ ବିବାଦ ଚାଲିଛି, ସେହି ପରିପ୍ରେକ୍ଷୀରେ ପ୍ରସଙ୍ଗଟି ସମ୍ପର୍କରେ ସବିଶେଷ ଜାଣିବା ଜରୁରୀ ହୋଇପଡ଼ିଛି।

ଦେଶରେ ଖାଦ୍ୟ ନିରାପତ୍ତା ଓ ଦାରିଦ୍ର୍ୟକୁ ନେଇ ସରକାରଙ୍କ ସମସ୍ତ ବଡ଼ ବଡ଼ ଦାବି ସତ୍ତ୍ୱେ ବାସ୍ତବତା ହେଲା, ଭାରତ ବିଶ୍ୱର ସବୁଠାରୁ ବେଶି ଭୋକିଲାଙ୍କ ଦେଶ ହୋଇ ରହିଛି। ଏପରିକି ଆଫ୍ରିକା ମହାଦେଶର ଅନେକ କ୍ଷୁଧାର୍ତ୍ତ ଦେଶଠାରୁ ଆମେ ଏ କ୍ଷେତ୍ରରେ ପଛରେ ରହିଛେ। କେତେ ଗମ୍ଭୀର ସେ କଥା ବାରମ୍ବାର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ଅଧ୍ୟୟନ ଓ ଗବେଷଣାରୁ ଉଜାଗର ହୋଇଛି। ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ(ଏଫ୍‌ଏଓ)ର ଖାଦ୍ୟ ନିରାପତ୍ତା ସୂଚକାଙ୍କରେ ଗତ କିଛିବର୍ଷ ହେଲା ଆମ ଦେଶ ଲଗାତର ଭାବେ ତଳେ ରହୁଛି। ୨୦୨୩ରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ବିଶ୍ୱର କ୍ଷୁଧାଗ୍ରସ୍ତ ବିଶ୍ୱର ୧୨୫ଟି ଦେଶ ମଧ୍ୟରେ ୧୧୧ ତମ ସ୍ଥାନରେ ରହିଛି। ୨୦୨୨ରେ ବିଶ୍ୱର ୧୨୧ କ୍ଷୁଧାଗ୍ରସ୍ତ ଦେଶ ମଧ୍ୟରେ ଭାରତ ୧୦୭ତମ ସ୍ଥାନରେ ରହିଥିଲା। ଉପଯୁକ୍ତ ଖାଦ୍ୟ ନ ପାଇବା କାରଣରୁ ବିଶ୍ୱର ସର୍ବାଧିକ ପୁଷ୍ଟିହୀନ ଶିଶୁ ଓ ରକ୍ତହୀନତାର ଶିକାର ମହିଳା ଭାରତରେ ରହିଛନ୍ତି।

ଦେଶରେ ସଂଖ୍ୟାଗରିଷ୍ଠ ଲୋକଙ୍କ ଖାଦ୍ୟ ସଙ୍କଟ ଦୂର କରିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୂର୍ବରୁ କିଲୋ ପିଛା ଚାଉଳ ଓ ଗହମକୁ ଯଥାକ୍ରମେ ୩ ଟଙ୍କା ଓ ୨ ଟଙ୍କା ନିଆଯାଉଥିବା ବେଳେ ବର୍ତ୍ତମାନ ତାକୁ ସମ୍ପୂର୍ଣ୍ଣ ମାଗଣା କରି ସରକାର ଲୋକଙ୍କ ଆର୍ଥିକ ଦୁରବସ୍ଥାକୁ ଏକରକମ ସ୍ୱୀକାର କରିଥିବା ବେଳେ ବର୍ତ୍ତମାନ ମାଗଣା ରାଶନ ଯୋଗାଣର ମିଆଦକୁ ଆଉ ପାଞ୍ଚ ବର୍ଷକୁ ବୃଦ୍ଧି କରି ସରକାର ଆସନ୍ତା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହେବାର ନାହିଁ ବୋଲି ପରୋକ୍ଷରେ ସ୍ୱୀକାର କରିଛନ୍ତି। ନିକଟରେ ଗରିବୀ ଉନ୍ମୁଳନ ନେଇ ଏକ ତ୍ରୁଟିପୂର୍ଣ୍ଣ ଆକଳନ ଜରିଆରେ ସରକାର ଦେଶରେ ୨୫ କୋଟି ଲୋକ ଗରିବୀରୁ ମୁକ୍ତ ହୋଇଛନ୍ତି ବୋଲି ଦାବି କରିପାରନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ହେଲା, ଯଦି ସତରେ ଦେଶର ଏତେସଂଖ୍ୟକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି, ତାହେଲେ ୮୦ କୋଟିରୁ ଅଧିକ ଲୋକଙ୍କୁ ପ୍ରତି ମାସରେ ପାଞ୍ଚ କିଲୋ ସରକାରୀ ରାଶନ ଉପରେ ନିର୍ଭର କରିବାକୁ ପଡୁଛି କାହିଁକି ? ଦାରିଦ୍ର୍ୟ ଓ ଦରବୃଦ୍ଧି ଯୋଗୁ ଦେଶର ୭୭% ଲୋକ ନିଜ ରୋଜଗାରର ୭୦ ଭାଗ କେବଳ ଖାଦ୍ୟଶସ୍ୟ କିଣିବାରେ ଖର୍ଚ୍ଚ କରୁଛନ୍ତି। ଦେଶର କୋଟି କୋଟି ଲୋକ ଅନାହାର, ଅର୍ଦ୍ଧାହାର ଓ ପୁଷ୍ଟିହୀନତାରେ ଜିଇ ରହିବା ବାସ୍ତବରେ ଏକ ଜାତୀୟ ଲଜ୍ଜା। ମିଳିତ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଅର୍ଥାତ୍ ୨୦୧୫ରୁ ନିଜ ଦେଶରୁ ଅନାହାରକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବାରେ ଏଯାଏ ବ୍ରାଜିଲ ସମେତ ବିଶ୍ୱର ୩୦ଟି ଦେଶ ସଫଳ ହୋଇଥିବା ବେଳେ ଆମେ ଯେ ଏଥିରେ ବିଫଳ ହୋଇଛୁ ଏଥିରେ ସନ୍ଦେହ ନାହିଁ।



ଦେଶର ଗ୍ରାମାଞ୍ଚଳର ୭୫% ଏବଂ ସହରାଞ୍ଚଳର ୫୦% ଲୋକଙ୍କୁ ପ୍ରତି ମାସରେ ଜଣକୁ ଯେଉଁ ୫ କିଲୋ ରାଶନ ବା ଖାଦ୍ୟଶସ୍ୟ ମିଳୁଛି, ସେନେଇ ପ୍ରଧାନମନ୍ତ୍ରୀ ଓ ଅନ୍ୟ ଭାଜପା ନେତାମାନେ ଯେଉଁ ଦାବି କରୁଛନ୍ତି, ତାହା ସତ୍ୟ ନୁହେଁ। ଯଦିଓ ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା' ବୋଲି ନାମିତ କରି ତା'ର ଶ୍ରେୟ ନେବାକୁ ଚେଷ୍ଟା କରିଛନ୍ତି କିନ୍ତୁ ତାହା ୨୦୧୩ ମସିହାରେ ପ୍ରଣୀତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନର ଅନ୍ତର୍ଗତ। ସେତେବେଳର ମନମୋହନ ସିଂଙ୍କ ଉପା ସରକାର ଦେଶର ଭୋକିଲା ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବରୁ କଣ୍ଟ୍ରୋଲ ମାଧ୍ୟମରେ ଦିଆଯାଉଥିବା ରିହାତି ଖାଦ୍ୟଶସ୍ୟ ବ୍ୟବସ୍ଥାକୁ ସଂଶୋଧନ କରିବା ସହିତ ତାକୁ ଆଇନଗତ ମାନ୍ୟତା ପ୍ରଦାନ କରିଥିଲେ। ସେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି ୭ ଅଗଷ୍ଟ ୨୦୧୩ରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଖାଦ୍ୟ ସୁରକ୍ଷା ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ।

୨୦୧୩ ପୂର୍ବରୁ ପରିବାର ପିଛା ସରକାର ୩୫ କିଲୋ ଖାଦ୍ୟଶସ୍ୟ ରିହାତି ଦରରେ ଯୋଗାଇ ଦିଆଯାଉଥିବା ବେଳେ ଏହି ଆଇନ ଆସିବା ପରେ ବ୍ୟକ୍ତି ପିଛା ମାସିକ ମାତ୍ର ୫ କିଲୋ ଚାଉଳ ଓ ଗହମକୁ ଯଥାକ୍ରମେ ୩ ଟଙ୍କା ଓ ୨ ଟଙ୍କା ଦରରେ ଯୋଗାଇବାର ବ୍ୟବସ୍ଥା କରିଥିଲେ। ପରେ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର ଏହି ରାଶନ ଚାଉଳକୁ କେନ୍ଦ୍ରଠାରୁ ୩ ଟଙ୍କା ଦରରେ ଆଣି ନିଜସ୍ୱ ସବ୍‌ସିଡି ଦେଇ ୧ ଟଙ୍କାରେ ହିତାଧିକାରୀମାନଙ୍କୁ ବିକ୍ରି କରୁଥିଲେ। ମୋଦି ସରକାର ମଧ୍ୟ ୨୦୦୦ ମସିହା ପର୍ଯ୍ୟନ୍ତ ଏହି ଦରରେ ହିଁ ଲୋକଙ୍କୁ ମାସିକ ପାଞ୍ଚ କିଲୋ ଚାଉଳ ଯୋଗାଉଥିଲେ। କୋଭିଡ ସମୟରେ ଲକ୍‌ଡାଉନ୍ ଯୋଗୁ ଲୋକଙ୍କ ଖାଦ୍ୟ ସଙ୍କଟ ଭୟଙ୍କର ହେବା ଦେଖି ସରକାର ସାମୟିକ ଭାବେ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା'କୁ ଆରମ୍ଭ କରି ଉପରୋକ୍ତ ପାଞ୍ଚ କିଲୋ ଚାଉଳ ସହିତ ଅତିରିକ୍ତ ୫ କିଲୋ ଚାଉଳକୁ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇଥିଲେ। କିନ୍ତୁ କୋଭିଡ ସରିବା ପରେ ସରକାର ସାମୟିକ ଭାବେ ଦେଉଥିବା ଅତିରିକ୍ତ ପାଞ୍ଚ କିଲୋ ଚାଉଳକୁ ବନ୍ଦ କରିବା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ପୂର୍ବରୁ ଦିଆଯାଉଥିବା ଚାଉଳ ପାଇଁ ଆଉ କିଲୋ ପିଛା ତିନିଟଙ୍କା ନ ନେଇ ତାକୁ ମାଗଣାରେ ଦେଲେ। ଅତଏବ ଆଜି ଦେଶର ଗରିବ ଲୋକଙ୍କୁ ଯେଉଁ ଚାଉଳ ମିଳୁଛି, ତାହା କୌଣସି ସରକାରର ଦୟା ବା ଅନୁକମ୍ପାରୁ ନୁହେଁ ବରଂ ୨୦୧୩ରେ ସଂସଦରେ ଗୃହୀତ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ସରକାର ଯୋଗାଇବାକୁ ଆଇନଗତ ଭାବେ ବାଧ୍ୟ। ଏହାର ଉଲ୍ଲଂଘନ ହେଲେ, ଯେକୌଣସି ନାଗରିକ କୋର୍ଟର ଦ୍ୱାରସ୍ଥ ହୋଇ ନିଜର ଖାଦ୍ୟ ଅଧିକାରକୁ ପାଇପାରିବେ। ଏପରିକି ଭବିଷ୍ୟତରେ କୌଣସି ସରକାର ମାଗଣା ରାଶନକୁ ବନ୍ଦ କରିବାକୁ ହେଲେ ସଂସଦରେ ସେଥିପାଇଁ ବିଲ୍ ଆଣି ବର୍ତ୍ତମାନର ଖାଦ୍ୟ ସୁରକ୍ଷା ଆଇନକୁ ରଦ୍ଦ କରିବାକୁ ପଡ଼ିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୋଷଣ ଅଭିଯାନ ସହିତ ଜଡ଼ିତ ଅଧିକାଂଶ ସଂସ୍ଥାର ଆକଳନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତିର ଉପଯୁକ୍ତ ପୋଷଣ ପାଇଁ ମାସିକ ୧୨-୧୪ କିଲୋ ଖାଦ୍ୟଶସ୍ୟ, ଦେଢ଼ କିଲୋ ଡାଲି ଏବଂ ୮୦୦ ଗ୍ରାମ୍ ଖାଦ୍ୟ ତେଲ ଆବଶ୍ୟକ ପଡ଼ିଥାଏ। ୧୯୯୬ରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ସମ୍ମେଳନରେ "ଏକ ସୁସ୍ଥ ତଥା ସକ୍ରିୟ ଜୀବନ ଅତିବାହିତ କରିବାକୁ ଆବଶ୍ୟକ ଯଥେଷ୍ଟ, ନିରାପଦ, ପୌଷ୍ଟିକ ଖାଦ୍ୟ" ଖାଦ୍ୟ ଭାବେ ସଂଜ୍ଞାୟିତ କରାଯାଇଛି। କିନ୍ତୁ ବର୍ତ୍ତମାନର ଆଇନରେ ଖାଦ୍ୟ ସୁରକ୍ଷା ନାଁରେ ବ୍ୟକ୍ତି ପିଛା ମାସିକ କେବଳ ୫ କିଲୋ ( ଅର୍ଥାତ୍ ଦୈନିକ ୧୬୭ ଗ୍ରାମ୍‌ରୁ କମ୍ ) ଖାଦ୍ୟଶସ୍ୟ ଦେଇ ସରକାର କେବଳ କିଛି ମାତ୍ରାରେ ଲୋକଙ୍କ ଖାଦ୍ୟଶସ୍ୟର ସୁରକ୍ଷା ହିଁ କରୁଛନ୍ତି ବୋଲି କହିବା ଠିକ୍ ହେବ। ଏପରିକି କୋଭିଡ ସମୟରେ ସରକାର ଚାଉଳ ସହ ଯେଉଁ ଚଣା ବା ଡାଲି ଦେଉଥିଲେ ତାକୁ ବି ବନ୍ଦ କରିଦେଇଛନ୍ତି। ଦେଶର ଗରିବ ଲୋକ ମାସିକ ୫ କିଲୋ ଚାଉଳ ପାଇ କୌଣସିମତେ ତ ବଞ୍ଚିଯାଉଛନ୍ତି କିନ୍ତୁ ସେମାନଙ୍କ ପୁଷ୍ଟିହୀନତା କିମ୍ବା ରକ୍ତହୀନତା ଦୂର ହୋଇପାରୁନି।

ସବୁଠାରୁ ଗୁରୁତର ବିଷୟ ହେଲା, ବର୍ତ୍ତମାନର ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ହିତାଧିକାରୀ ବା ଲାଭାର୍ଥୀଙ୍କ ଯେଉଁ ତାଲିକାଟି ତିଆରି ହୋଇଛି, ତାହା ୨୦୧୧ର ଜନଗଣନା ଆଧାରରେ ହୋଇଛି। ସରକାର ଯେହେତୁ ବିଭିନ୍ନ ଆଳ ଦେଖାଇ ୨୦୨୧ର ଜନଗଣନାକୁ କରୁନାହାନ୍ତି, ତାରି ଫଳରେ ଏକ ବଡ଼ ସଂଖ୍ୟକ ଗରିବ ଲୋକ ଏହି ମାଗଣା ରାଶନ ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଭିନ୍ନ ସଂସ୍ଥାର ଆକଳନ ଅନୁଯାୟୀ ଏହି ସଂଖ୍ୟା କମ୍ ସେ କମ୍ ଦଶ କୋଟି ହେବ। ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ମିଳୁଥିବା ମାଗଣା ରାଶନ ଯୋଜନା କେବଳ ଭୋଟ ସଂଗ୍ରହର ମାଧ୍ୟମ ନ ହେଉ। ରାଜନୈତିକ ଦଳଗୁଡ଼ିକ ଏହାର ପରିସର ଓ ପରିମାଣକୁ ବୃଦ୍ଧି କରି ଦେଶର ପ୍ରତ୍ୟେକ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ଦିଗରେ ପଦକ୍ଷେପ ନିଅନ୍ତୁ।

ମୋ - ୯୪୩୭୧୬୬୩୯୧

# ଶିକ୍ଷିତଙ୍କ ଅହଙ୍କାର



ଅରୁଣ କୁମାର ତ୍ରିପାଠୀ

ଆଲବର୍ଟ ଆଇନଷ୍ଟାଇନଙ୍କ ମତରେ, 'ଶିକ୍ଷା ତଥ୍ୟର ଅଧ୍ୟୟନ ନୁହଁ ବରଂ ଭାବନା ଉଦ୍ରେକ ନିମିତ୍ତ ମସ୍ତିଷ୍କକୁ ତାଲିମ ପ୍ରଦାନ କରିବା।' ପାଶ୍ଚାତ୍ୟ ଶିକ୍ଷାବିତ୍ ପିଟର ଡ୍ରକର୍‌ଙ୍କ ମତରେ ଶିକ୍ଷା ହେଉଛି ଏକ ଜୀବନବ୍ୟାପୀ ପ୍ରକ୍ରିୟା। କିନ୍ତୁ ମନୁଷ୍ୟର ମନ ସବୁବେଳେ ସୁବିଧାବାଦୀ। ଆଉ ଏହି ସୁବିଧାବାଦୀ ଗୁଣଟି ଭାରତୀୟଙ୍କ ମଧ୍ୟରେ ଅଧିକ ସଞ୍ଚରେ। ୭ଟି ମୌଳିକ ଆବଶ୍ୟକତା ଯଥା ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ତଥା ରତିସୁଖ ସାଧନ ହୋଇଗଲେ ମନୁଷ୍ୟ ଘୁମେଇପଡୁଛି। ସନ୍ତୁଷ୍ଟି ତଥା ମହାଆନନ୍ଦର ସଂଜ୍ଞା ସେ ପରିବର୍ତ୍ତନ କରିବାରେ ପଛାଉ ନାହିଁ। ଆଜିକାଲି ଶାସକ ଦଳର ରାଜନୈତିକ ସ୍ଲୋଗାନରେ ଭାରତୀୟ ଜ୍ଞାନ ପରମ୍ପରା ବିଷୟରେ ଶୁଣିବାକୁ ମିଳୁଛି। ତତ୍କାଳୀନ ଭାରତୀୟ ମନୀଷୀମାନେ ଏହିସବୁ ମୌଳିକ ଆବଶ୍ୟକତାରେ ଯଦି ସନ୍ତୁଷ୍ଟ ହୋଇ ରହିଯାଇଥା'ନ୍ତେ ତେବେ ହୁଏତ ଆମେ ଆଜିର ସ୍ତରରେ ପହଞ୍ଚିପାରନ୍ତେ ନାହିଁ। ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ଏହି ପୃଥିବୀକୁ ଉତ୍ତର ପିଢିଙ୍କୁ ଆହୁରି ଅଧିକ ସମୁନ୍ନତ କରି ଉପହର ଦେବା ମାନବର ପରମ କର୍ତ୍ତବ୍ୟ। ମନରେ ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ବର୍ତ୍ତମାନ ଅଙ୍ଗାରକାମ୍ଳ ଯେଉଁ ପରିମାଣରେ ରହିଛି ତାହାକୁ କ'ଣ ଆମେ କମେଇପାରିବା। ମାନବ ସମାଜରେ ଯେଉଁ ଆତଙ୍କବାଦୀ ରହୁଛନ୍ତି ସେମାନଙ୍କ ଲକ୍ଷ୍ୟ କ'ଣ ଆମେ ବଦଳେଇପାରିବା ? ରାଜନୀତିର ଧ୍ରୁବୀକରଣ ନତୁବା ଅପରାଧୀକରଣକୁ କ'ଣ ଆମେ ରୋକିପାରିବା। ଏଥି ସମସ୍ତ ନିମିତ୍ତ ମୁଁ ବହୁତ କ୍ଷୁଦ୍ର। ଏଗୁଡିକ୍ ଭାବି ଅଯଥା ମୁଣ୍ଡବ୍ୟଥା ବଢେଇବା ଅପେକ୍ଷା ଦିନକୁ ଚାରି ଛଅ ଥର ଚା' ପିଇ ଉଷୁମ ହେବା ଶ୍ରେୟସ୍କର ବୋଲି ତଥାକଥିତ ଶିକ୍ଷିତ ମାନବ କୁହେ। କିନ୍ତୁ ସେହି ଭାବନା ପ୍ରସୂତ ମାନବସମାଜ ମନେରଖିବା ବିଧେୟ ଯେ ଗୁଣ୍ଡୁଚିମୂଷା ଶ୍ରୀରାମଙ୍କ ସେତୁ ନିମିତ୍ତ ନିଜ କ୍ଷୁଦ୍ର ତନୁରେ ବାଲି ଗୁଡ଼େଇ ହୋଇ ନେଇ ଅଜାଡିଦେଇ ଆସୁଥିଲା। କିନ୍ତୁ ଆଜିକାଲିର ମନୁଷ୍ୟ ସବୁ ଅହଙ୍କାର ଏବଂ ତଥାକଥିତ ସନ୍ତୁଷ୍ଟିର ନିୟମିତ ଉପଭୋକ୍ତା ସାଜି ନିଜର ତଥା ସମାଜର ବିକାଶ କରିପାରୁ ନାହାନ୍ତି। ଜ୍ଞାନ କେବେ ମଧ୍ୟ ସମସ୍ତଙ୍କୁ ସମାନ ମିଳେ ନାହିଁ। ଅଧ୍ୟବସାୟ କରିଲେ ମଧ୍ୟ ଯାହାର ଆତ୍ମିକ ଗୁଣ ଯେତିକି ସେ ସେତିକି ଚରେଇଯାଏ। ମାନବ ମଧ୍ୟରେ ବିଧାତା ଯେଉଁ ସ୍ୱତନ୍ତ୍ର ଗୁଣସବୁ ଖଞ୍ଜିଦେଇଛନ୍ତି ତାହାର ବ୍ୟାପକ ବିସ୍ତାର ତଥା ମାନବତାର ଉନ୍ନତି ନିମିତ୍ତ ନିବେଶ କରିବା ବିଧେୟ। ୧୯୮୦ ଦଶକରେ ଅଣବିକଶିତ ରାଷ୍ଟ୍ରମାନଙ୍କର ସମସ୍ୟାଗୁଡ଼ିକ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରମାନେ ମିଳିମିଶି ସମାଧାନ କରିବାକୁ ଚେଷ୍ଟାକଲେ। ସେମାନଙ୍କର ମତ ଥିଲା ଯେ ଯେକୌଣସି ସ୍ଥାନରେ ଅଣବିକଶିତ ଅବସ୍ଥା ସମସ୍ତ ଜାଗାରେ ବିକଶିତ ଅବସ୍ଥାକୁ ପ୍ରଭାବିତ କରିପାରିବ, କାରଣ ପ୍ରାକୃତିକ ସମ୍ପଦ ସମସ୍ତ ଦେଶମାନଙ୍କରେ ଭିନ୍ନ । କାହାର ଅଭିବୃଦ୍ଧି କଞ୍ଚାମାଲ ବିକ୍ରି କରି ହୁଏ ତ ଆଉ କାହାର ବୈଷୟିକ ସହାୟତା ପ୍ରଦାନ କରି।



ଏହି ପରିପ୍ରେକ୍ଷୀରେ ଭାରତୀୟ ଯୁବାଙ୍କ ମଧ୍ୟରେ ପ୍ରାପ୍ତ ଆଧାରରେ ସନ୍ତୁଷ୍ଟି ଗୁଣ ଯୋଗୁ ଅନେକ ବିଷୟ ଅସ୍ପର୍ଶ ହୋଇ ରହୁଛି। ମନୁଷ୍ୟ ଖାଦ୍ୟରେ, ପାରିବାରିକ ସମ୍ପର୍କରେ ନତୁବା ନିଜର ଭୌତିକ ସମ୍ପଦରେ ସନ୍ତୁଷ୍ଟ ହେଲେ ଚଳିବ, କିନ୍ତୁ ଯଦି ସେ ଜ୍ଞାନରେ ଏବଂ ଉପଲବ୍ଧିରେ ସନ୍ତୁଷ୍ଟି ହୋଇ ବସୁଛି ତେବେ ସେ କ'ଣ ସାମାଜିକ ଆତଙ୍କବାଦୀ ବୋଲାଇବ ନାହିଁ କି? ସମସ୍ତଙ୍କ ପାରିବାରିକ କର୍ତ୍ତବ୍ୟ ରହୁଛି ତଥା ତଥାକଥିତ ବ୍ୟସ୍ତ କାର୍ଯ୍ୟସୂଚୀ ରହୁଛି, କିନ୍ତୁ ସେହିମଧ୍ୟରେ ମନୁଷ୍ୟ ବିକାଶ ତଥା ଅଭିବୃଦ୍ଧିର ଶଙ୍ଖନାଦରେ କ'ଣ କାନରେ ଆଙ୍ଗୁଠି ଦେଇ ଶୁଭୁନାହିଁ ବୋଲି କହିବ? ଗୋଟିଏ ପାଦ ଆଗକୁ ବଢେଇଲେ ଆରପାଦଟି ତାହାକୁ ଅନୁସରଣ କରେ। ଆଉ ସେୟା ନ କଲେ ମାନବୀୟ ଶରୀର ପଙ୍ଗୁହୋଇ ରହେ।

ଭାରତୀୟ ବିଧିବ୍ୟବସ୍ଥାରେ ସର୍ବୋଚ୍ଚ ଶିକ୍ଷାସ୍ତର ହେଉଛି ବିଦ୍ୟାବାରିଧି ବା ପିଏଚ୍‌ଡି। ବିଦ୍ୟାବାଚସ୍ପତି ବା ପୋଷ୍ଟ ଡକ୍ଟରେଟ ମଧ୍ୟ ରହୁଛି। ଯଦିଓ ଭାରତୀୟ ଜନସଂଖ୍ୟାର ଦୁଇ ପ୍ରତିଶତ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରନ୍ତି ଏବଂ ସେମାନଙ୍କ ମଧ୍ୟରେ ଦଶମିକ ଦୁଇ ଶୂନ ବା କୋଡିଏ ଶତାଂଶ ପିଏଚ୍‌ଡିରେ ପଞ୍ଜୀକରଣ କରିପାରନ୍ତି। ତନ୍ମଧ୍ୟରୁ ପ୍ରାୟତଃ ଏକ ତୃତୀୟାଂଶ ହିଁ ନିଜ ନାମ ଆଗରେ ଡକ୍ଟର ଲଗେଇ ପାରନ୍ତି। ଏତିକି ମଧ୍ୟରେ ସଂଖ୍ୟାଟି କମ୍ ନୁହଁ। ଇଣ୍ଡିଆ ଟୁଡେର ଗବେଷଣା ଅନୁସାରେ ଏହି ସଂଖ୍ୟା ବାର୍ଷିକ ଆପାତତଃ ୨୪ ହଜାର। ଏହି ପାଠଟି ପଢି ନିଃସନ୍ଦେହରେ ସରକାରୀ ମାପକରେ ଜଣେ ଉଚ୍ଚଶିକ୍ଷିତ ବୋଲାଇପାରେ କିନ୍ତୁ ଏୟା ହାସଲ କଲେ ଯେ ଇନ୍ଦ୍ରପଦ ପ୍ରାପ୍ତ ହୋଇଗଲା ସେୟା ଭାବିବା ଭୁଲ। ଯାହାର ସାମାଜିକ ନିୟନ୍ତ୍ରଣ ଏବଂ ସମ୍ମିଳନୀର କୌଶଳ ଯେତିକି ସିଏ ସେତିକି ଚେରାଏ। ପୁନଶ୍ଚ କିଛି ଜଣଙ୍କ ଜୈବିକ ଉଚ୍ଚତା ବା ଗୁଣସୂତ୍ରର ପ୍ରତିଷ୍ଠା ବୈଶ୍ୱୀକରଣ ପ୍ରଭାବରେ ଆଦୌ ପରିବର୍ତ୍ତନ ହେଉନାହିଁ। କିଛି ସାମାଜିକ ଉତ୍ସବ ନତୁବା ଜ୍ଞାନ ପରମ୍ପରାରେ ସହଭାଗିତା ନିମିତ୍ତ ସେମାନଙ୍କ ଆଦୌ ଆଗ୍ରହ ରହୁନାହିଁ। ଆପଣଙ୍କ ଦେଶ ଆପଣଙ୍କ ପାଇଁ କ'ଣ କରିପାରିବ ତାହା ପଚାରନ୍ତୁ ନାହିଁ, ପଚାରନ୍ତୁ ଆପଣ ନିଜ ଦେଶ ପାଇଁ କ'ଣ କରିପାରିବେ - କିଛି ଦଶନ୍ଧି ପୂର୍ବରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ ଫିଟ୍‌ଜେରାଲ୍ଡ କେନେଡି ଏକ ଉଦ୍‌ଘାଟନୀ ଉତ୍ସବର ଭାଷଣରେ କହିଥିଲେ। ଏହା ହେଉଛି ଏକ ପ୍ରସିଦ୍ଧ ଉଦ୍ଧୃତି ଏବଂ ଆଜିଠାରୁ ଭଲ ସମୟ ନାହିଁ ଏହାର ଅର୍ଥ ଏବଂ ଗଭୀରତାକୁ କର୍ମରେ ଲଗେଇବା। ପାରସ୍ପରିକ ଦ୍ୱନ୍ଦ୍ୱ ନତୁବା ଅଭିମାନରେ କୌଣସି କର୍ମରେ ହାତଟେକିଦେଲେ ସର୍ବଶେଷରେ କ୍ଷତି ରାଷ୍ଟ୍ରର ହିଁ ହୁଏପଞ୍ଚତତ୍ତ୍ୱର ଏହି ଶରୀର ଦିନେ ପାଉଁଶ ହୋଇଯିବ। ତେବେ ଅହଙ୍କାରର ହାଡ଼କଙ୍କାଳ ରଖି ଆମେ କ'ଣ କରିବା।

ମୋ: ୯୦୭୮୮୩୮୬୨୭

## ଏଇ ଭାରତରେ

ବହୁ ଅସହାୟ ବରିଷ୍ଠ ନାଗରିକ ଏବେ ଅବହେଳିତ ଅବସ୍ଥାରେ ରହୁଥିବା ଦେଖାଯାଉଛି। ଏମାନଙ୍କ ସୁରକ୍ଷା ସୁନିଶ୍ଚିତ କରୁଥିବା କେତେଜଣ ବ୍ୟକ୍ତିଙ୍କ ମଧ୍ୟରେ ଗୁଜରାଟର ରାକେଶ ପାଞ୍ଚାଲ ଅନ୍ୟତମ। ରାକେଶଙ୍କ ବୟସ ୪୪। ସେ ଅସହାୟ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଖାଦ୍ୟ ଯୋଗାଉଛନ୍ତି। ଗୁଜରାଟର ଭାସୋ ବ୍ଲକରେ ରାକେଶ ଏବେ ୫୦୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ନିକଟରେ ପ୍ରତିଦିନ ଖାଦ୍ୟ ପହଞ୍ଚାଉଛନ୍ତି। ସେ ତାଙ୍କ ପିତାଙ୍କ ନିର୍ମାଣ ଉପକରଣ ବ୍ୟବସାୟରେ ପ୍ରଥମେ କାମ କରୁଥିଲେ। ସେହି ସମୟରେ ଏହି ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ ଓ ତାଙ୍କ ପିତାଙ୍କ ଦେହାନ୍ତ ପରେ ଏହା ଆରମ୍ଭ କରିଥିଲେ। କାରଣ ଗରିବଙ୍କୁ ମାଗଣାରେ ଖାଦ୍ୟ ଦେବା ତାଙ୍କ ପିତାଙ୍କ ଇଚ୍ଛା ଥିଲା। ପ୍ରଥମେ ରାକେଶ ହସ୍ପିଟାଲରେ ପ୍ରସୂତିମାନଙ୍କୁ ଖେରା( ଘିଅ, ଚିନି ଓ ଡ୍ରାଏଫ୍ରୁଟ୍ସରେ ତିଆରି) ଲଡୁ ଦେଉଥିଲେ। ପରେ ହସ୍ପିଟାଲକୁ ଦୂରରୁ ଆସୁଥିବା କିଛି ଲୋକଙ୍କୁ ମାଗଣାରେ ଖାଦ୍ୟ ଦେବା ଆରମ୍ଭ କଲେ। ଏବେ ସେ 'ଭିସାମୋ ସାର୍ବଜନିକ ଚାରିଟେବ୍‌ଲ ଟ୍ରଷ୍ଟ' ଗଠନ କରି ତା'ମାଧ୍ୟମରେ ରନ୍ଧାଖାଦ୍ୟ ଯୋଗାଉଛନ୍ତି। ମୁଖ୍ୟତଃ ଭାତ, ରୁଟି, ଡାଲି ଓ ତରକାରି ସେ ଦେଉଛନ୍ତି। ଗାଡ଼ିରେ ନେଇ ବରିଷ୍ଠ ନାଗରିକଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି। ଏବେ ଏଥିପାଇଁ ସେ ଦୈନିକ ୨୧,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ରୋଷେଇ ଓ ଖାଦ୍ୟ ବିତରଣରେ ସାହାଯ୍ୟ କରିବା ଲାଗି ସେ ଲୋକ ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ତିନ୍ତଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ।
(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 9 | | | | |
| | 6 | | 5 | | | | | |
| | | | | 2 | 4 | | | |
| 2 | | | | 6 | 9 | 1 | | |
| | 5 | | | | | 7 | | |
| 8 | | | | 4 | | 9 | | |
| | | 2 | | | 3 | | | |
| 7 | | | | | | | 2 | 5 |
| | 8 | | | 1 | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 7 | 9 | 3 | 4 | 1 | 5 | 2 |
| 3 | 9 | 1 | 8 | 2 | 5 | 4 | 7 | 6 |
| 5 | 4 | 2 | 7 | 1 | 6 | 9 | 3 | 8 |
| 1 | 5 | 6 | 2 | 9 | 3 | 8 | 4 | 7 |
| 9 | 3 | 8 | 5 | 4 | 7 | 2 | 6 | 1 |
| 2 | 7 | 4 | 1 | 6 | 8 | 3 | 9 | 5 |
| 4 | 2 | 3 | 6 | 7 | 1 | 5 | 8 | 9 |
| 8 | 6 | 9 | 4 | 5 | 2 | 7 | 1 | 3 |
| 7 | 1 | 5 | 3 | 8 | 9 | 6 | 2 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆଜିର ଜାତିଭେଦ

ମହାଶୟ,

ବହୁ ପୁରାତନ କାଳରୁ ପ୍ରଚଳିତ 'ଜାତିଭେଦ' ଭାବନାକୁ ଦୂର କରିବା ଲାଗି ଆମ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ସେ ଯୋଜନାଗୁଡ଼ିକ ମଧ୍ୟରୁ କିଛି ପ୍ରମୁଖ ଯୋଜନାଗୁଡ଼ିକ ହେଉଛି- ବିଦ୍ୟାଳୟଗୁଡ଼ିକରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ବହିଦେବା (ଏସ୍‌ସି ଓ ଏସ୍‌ଟି), ଷ୍ଟାଇପେଣ୍ଡ ପଇସା ଦେବା ଇତ୍ୟାଦି। କିନ୍ତୁ ଏହି ଯୋଜନାଗୁଡ଼ିକ ମଧ୍ୟରୁ ଏପରି ଏକ ଯୋଜନା ଅଛି, ଯାହା ଆମ ଦେଶର ପ୍ରଗତି କରିବା ବଦଳରେ ଏହାର କେବଳ ବିନାଶ କରାଉଅଛି। ସେ ଯୋଜନା ହେଉଛି 'ସିଟ୍ ରିଜରଭେଶନ'। ଏହା ଭାବିବା ମଧ୍ୟ ଆବଶ୍ୟକ ନାହିଁ ଯେ ଗୋଟିଏ ୭୫% ରଖିଥିବା ଛାତ୍ର ଓ ୮୦% ରଖିଥିବା ଛାତ୍ର ମଧ୍ୟରେ ପାର୍ଥକ୍ୟ କ'ଣ। ପରୀକ୍ଷାରେ ରହିଥିବା ମୂଲ୍ୟ କେବଳ କିଛିଟା ଅଙ୍କ ନୁହେଁ ବରଂ ଏହା ଏକ ଛାତ୍ରର କ୍ଷମତା ଓ ସେ ବିଷୟ ପ୍ରତି ତା' ଜ୍ଞାନ ସମ୍ବନ୍ଧରେ ମଧ୍ୟ କହିଥାଏ। ଯଦି ଏହିପରି ଏହି ଯୋଜନାଗୁଡ଼ିକ ଚାଲୁ ରହିଲା, ତେବେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ପଛଘୁଞ୍ଚା ଦେବେ। ସରକାରଙ୍କୁ ୧୦୦ଟି ସିଟ୍ ମଧ୍ୟରୁ ୫୦ଟି ସିଟ୍ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ରିଜର୍ଭ କରିବା ଆବଶ୍ୟକ ନାହିଁ। ସେ ତାଙ୍କୁ ଏକ୍ସଟ୍ରା କ୍ଲାସ ଦିଅନ୍ତୁ, କିନ୍ତୁ ଆଜି ୨୦୨୪ରେ ଜାତିଭେଦ କରନ୍ତୁ ନାହିଁ କି ଆମ ଦେଶର ଉନ୍ନତିର ମାର୍ଗରେ ବାଧା ସୃଷ୍ଟି କରନ୍ତୁ ନାହିଁ।

- ପୁଣ୍ୟତୋୟା କର
ଛବାଟିଆ, ଅମରେଶ୍ୱର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତାଲିମ କେନ୍ଦ୍ରରେ ଶିକ୍ଷକଙ୍କୁ ଦୁର୍ବ୍ୟବହାର କଲେ ବିଡିଓ

ଭଦ୍ରକ,୨୫।୫(ସନାତନ ରାଉତ)


ତାଲିମ କେନ୍ଦ୍ରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ବୁଝାଶୁଝା କରୁଛନ୍ତି।

ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ଜୁନ୍ ୧ରେ ହେବାକୁ ଥିବା ନିର୍ବାଚନ ପାଇଁ ନିୟୋଜିତ ଶିକ୍ଷକ ଓ କର୍ମଚାରୀ ଭଦ୍ରକର ଏକ ଘରୋଇ ସ୍କୁଲରେ ତାଲିମ ନେଉଛନ୍ତି। ଏହି ତାଲିମ କେନ୍ଦ୍ରରେ ଅବ୍ୟବସ୍ଥା ନେଇ ଜଣେ ଶିକ୍ଷକଙ୍କର ତିହିଡ଼ି ବିଡିଓଙ୍କ ସହ ଯୁକ୍ତିତର୍କ ହୋଇଥିବା ବେଳେ ତାଙ୍କୁ ଦୁର୍ବ୍ୟବହାର କରାଯାଇଛି। ଏପରି କି ବିଡିଓ ତାଙ୍କୁ ଧକ୍କା ମାରିବା ସହ ମୋବାଇଲ ଭାଙ୍ଗି ଦେଇଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ଘରୋଇ ସ୍କୁଲରେ ପ୍ରଶିକ୍ଷଣ ଚାଲିଥିବା ବେଳେ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ ବାସୁଦେବପୁର ବ୍ଲକର ଶିକ୍ଷକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭୋଇ ତିହିଡ଼ି ବିଡିଓ ଜ୍ୟୋତିର୍ମୟ କରଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବିଡିଓଙ୍କ ସହ ଅନ୍ୟ ଜଣେ ଶିକ୍ଷକଙ୍କର ଯୁକ୍ତିତର୍କ ହେବାରୁ ବକ୍ସି ଜଗବନ୍ଧୁ ବିଡିଓଙ୍କୁ ପ୍ରତିବାଦ କରିଥିଲେ। ଉକ୍ତ ଘଟଣାର ଭିଡିଓ କରୁଥିବା ସନ୍ଦେହ କରି ବିଡିଓ କର ତାଙ୍କ ମୋବାଇଲକୁ ଛଡ଼ାଇ ନେଇ ଫିଙ୍ଗି ଦେଇଥିଲେ ଏବଂ ତାଙ୍କୁ ଧକ୍କା ମାରିଥିଲେ ବୋଲି ବକ୍ସି ଜଗବନ୍ଧୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତାଙ୍କ ମୋବାଇଲ ତଳେ ପଡ଼ି ଭାଙ୍ଗିଯାଇଥିବା ସେ କହିଛନ୍ତି। ଏହାକୁ ନେଇ ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ସେଠାରେ ପହଞ୍ଚି ଶିକ୍ଷକମାନଙ୍କୁ ବୁଝାଶୁଝା କରିବା ସହ ନୂଆ ମୋବାଇଲ ଦେବାକୁ ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ଏନେଇ ବିଡିଓ କର କହିଛନ୍ତି, ପ୍ରଥମ ଦିନ ଏଠାରେ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଟିକେ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଶିକ୍ଷକ ଜଣକ ସବୁ ବୁଥ୍‌ରେ ବାଧା ସୃଷ୍ଟି କରିଥିଲେ। ପାନୀୟ ଜଳର ଠିକ୍ ବ୍ୟବସ୍ଥା କରାଯାଇଥିଲା। ମୋବାଇଲ ଭାଙ୍ଗିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ପ୍ରଶିକ୍ଷଣ ବେଳେ କିଛି ଲୋକ ଏମିତି ଅଭିଯୋଗ କରିଥାନ୍ତି ବୋଲି ସେ କହିଛନ୍ତି।

# ପଶ୍ଚିମବଙ୍ଗରେ ଭୋଟଦେଲେ ସୀମାନ୍ତ ମତଦାତା

## ଓଡ଼ିଆ ପ୍ରାଣ, ବଙ୍ଗୀୟ ପ୍ରୀତି

ଭୋଗରାଇ,୨୫।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ସୀମାକୁ ଲାଗିଥିବା ପଶ୍ଚିମବଙ୍ଗ ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲା ଲୋକସଭା ଆସନ ପାଇଁ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ବାଲେଶ୍ୱର ଜିଲାର ୧୨ଖଣ୍ଡ ଗାଁ ଏବଂ ମୟୂରଭଞ୍ଜ ଜିଲାର କେତେକ ସୀମାନ୍ତ ଗାଁର ବହୁ ଭୋଟର ପୂର୍ବ ଓ ପଶ୍ଚିମ ମେଦିନୀପୁର ଲୋକସଭା ଆସନରେ ଭୋଟ ଦେଇଥିବା ସୂଚନା ମିଳିଛି। ଭୋଗରାଇ ବ୍ଲକ ଅଧୀନ ଅନଳିଆ ପଞ୍ଚାୟତ ଶଙ୍ଖାମେଦୀ ଗାଁ ୧୮ନଂ. ୱାର୍ଡର ୨୩୫ରୁ ଊର୍ଦ୍ଧ୍ୱ ଭୋଟର ପଶ୍ଚିମବଙ୍ଗ କାଁଥି ଲୋକସଭା ଆସନ ପାଇଁ ରାମନଗର ବ୍ଲକ ବାଗବ୍ରଜକିଶୋର ଓ ପଶ୍ଚିମ ସନ୍ତେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ଭୋଟ ଦେଇଛନ୍ତି।

ଭୋଗରାଇ ନିର୍ବାଚନମଣ୍ଡଳୀ ଶଙ୍ଖାମେଦୀ ଗାଁର ଲୋକସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍କୁଲ, ଅଙ୍ଗନୱାଡି, ରାଶନକାର୍ଡ, ଭତ୍ତା, ଶୌଚାଗାର, ଜଳ ଓ ବିଦ୍ୟୁତ ଅଦ୍ୟାବଧି ଯୋଗାଇ ଦିଆଯାଉଛି। ୧୯୭୮ରୁ ବାଲେଶ୍ୱର ଜିଲା ସୀମାନ୍ତ ଗାଁ ସହିତ ପଶ୍ଚିମବଙ୍ଗ ୨ ମେଦିନୀପୁର ଜିଲା ଅନେକ ଗ୍ରାମର ସୀମା ବିବାଦ ଲାଗି ରହିଥିବାବେଳେ ୧୯୬୨ମସିହାରୁ ଶଙ୍ଖାମେଦୀ ଗ୍ରାମରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜସ୍ୱ ଆଦାୟ ବନ୍ଦ ହୋଇଛି। ଉଚ୍ଚଶିକ୍ଷା ନିମନ୍ତେ ଜାତିଗତ ପ୍ରମାଣପତ୍ର ଓଡ଼ିଶା ସରକାର ଯୋଗାଇ ପାରୁ ନ ଥିବା ବେଳେ ଏହି ଗାଁର ପିଲାଛୁଆ ପାଠ ପଢ଼ିବାର ସୁଯୋଗରୁ ବଞ୍ଚିତ ହୋଇଆସୁଛନ୍ତି। ଏହି ଗାଁ ଲୋକଙ୍କ ପ୍ରାଣ ଓଡ଼ିଶାର ଥିବା ବେଳେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ରାଶନ ସାମଗ୍ରୀ, ଆବାସ ଯୋଜନା ଓ ଅନ୍ୟ ସରକାରୀ ସାହାଯ୍ୟ ପାଇ ବଙ୍ଗୀୟ ପ୍ରୀତି ରଖିଛନ୍ତି। ଭୋଗରାଇର ସୀମାନ୍ତ ଗାଁ ଉଦୟପୁର, ସହାବାଜିପୁର, ଦକ୍ଷିଣସରିସା, ବାଜିତପୁର, ନରସିଂହପୁର, ଗଣେଶ୍ୱରପୁର, ପାଣିଷଣ୍ଡା, ଉପୁଲା, ଶଗଡାସାହି ଆଦି ଗାଁର କେତେକ ଭୋଟର ସୀମାନ୍ତ ସୁରକ୍ଷା ବଳୟକୁ ଚକ୍‌ମା ଦେଖାଇ ଭୋଟ ଦେଇଥିବା ସୂଚନା ମିଳିଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀ ରାଇବଣିଆ ଓ ଅନ୍ୟ ସୀମାନ୍ତ ଗାଁଗୁଡିକ ଅନୁରୂପ ଭାବେ ପଶ୍ଚିମ ମେଦିନୀପୁର ଲୋକସଭା ଆସନରେ ଭୋଟ ଦେଇଥିବା କୁହାଯାଉଛି। ଶଙ୍ଖାମେଦି ଗାଁର ୱାର୍ଡମେମ୍ବର ଜ୍ୟୋତ୍ସ୍ନା ଜେନା ପଶ୍ଚିମବଙ୍ଗ କାଁଥି ଲୋକସଭା ଆସନରେ ଗାଁର ସମସ୍ତ ଭୋଟର ଭୋଟ ଦେଇଥିବା ସ୍ୱୀକାର କରିଥିବା ବେଳେ ଓଡ଼ିଶାର ସପ୍ତମ ଓ ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନରେ ଶଙ୍ଖାମେଦୀ ଗ୍ରାମର ଭୋଟରମାନେ ଜୁନ ୧ରେ ଭୋଗରାଇ ବ୍ଲକ ଅନଳିଆ ପ୍ରାଥମିକ ବିଦ୍ୟାଳୟରେ ଭୋଟ ଦେବାକୁ ସଜ ହେଉଥିବା କହିଛନ୍ତି।


ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ବ୍ଲକ ବାଗବ୍ରଜକିଶୋରପୁର ପ୍ରାଥମିକ ବିଦ୍ୟାଳୟରେ ଭୋଟ ଦେବାକୁ ଅପେକ୍ଷା କରିଛନ୍ତି ଶଙ୍ଖାମେଦୀ ଗ୍ରାମର ଭୋଟର।

# କାଜୁ ଜଙ୍ଗଲରେ ଗୁଳିମାଡ଼, ୨ ଆହତ



ଗୁଳିମାଡ଼ରେ ଆହତ ୨ ବ୍ୟକ୍ତିଙ୍କୁ ମେଡିକାଲ ନିଆଯାଉଛି।

ବୁଗୁଡ଼ା,୨୫।୫(କାଳି ଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା କରସିଂ ପଞ୍ଚାୟତ ପୋକଶୁଙ୍ଗା ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲରେ ଶନିବାର ମଧ୍ୟାହ୍ନରେ ଗୁଳିମାଡ଼ ହୋଇଛି। ଏଥିରେ ପୋକଶୁଙ୍ଗା ଗ୍ରାମର ରଘୁନାଥ ଜାନି (୨୧) ଓ ଅବକାଶ ଜାନି (୨୫) ଆହତ ହୋଇଛନ୍ତି। ରଘୁନାଥଙ୍କ ଡାହାଣ ଜଙ୍ଘରେ ୩ଟି ଗୁଳି ଓ ବାମ ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଛି। ଅବକାଶଙ୍କ ବାମ ଗୋଡ଼ର ଆଣ୍ଠୁ ତଳକୁ ଗୋଟିଏ ଗୁଳି ବାଜିଛି। ସେମାନଙ୍କୁ ବୁଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଅବକାଶ ଓ ରଘୁନାଥ ସମ୍ପର୍କରେ ଦୁଇଭାଇ। ଉଭୟେ ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଥିବା ବେଳେ ଭୋଟ ଦେବା ପାଇଁ କିଛି ଦିନ ପୂର୍ବେ ଗ୍ରାମକୁ ଆସିଥିଲେ। ଗ୍ରାମ ନିକଟସ୍ଥ କାଜୁ ଜଙ୍ଗଲକୁ ଅନ୍ୟ କେତେଜଣ ଶିକାରୀଙ୍କ ସହ ମିଶି ଦୁଇଜଣ ବାର୍‌ହା ଶିକାର କରିବାକୁ ଯାଇଥିଲେ। ଚାରିପଟୁ ଘେରି ବାର୍‌ହା ଶିକାର କରୁଥିବାବେଳେ କୌଣସି ଶିକାରୀଙ୍କ ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ ଦୁହିଁଙ୍କ ଦେହରେ ବାଜିଥାଇପାରେ। ତେବେ ଆହତ ରଘୁନାଥ ଓ ଅବକାଶ କହିଛନ୍ତି ଯେ, ସେମାନେ ଜଙ୍ଗଲରେ କାଜୁ ତୋଳୁଥିବା ବେଳେ ତାଙ୍କ ପଛପଟୁ କେହି ଗୁଳିମାଡ଼ କରିଥିଲା। ଏ ସଂକ୍ରାନ୍ତରେ ବୁଗୁଡା ଥାନାଧିକାରୀ ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି, ଚୋରା ବନ୍ଧୁକରୁ ଗୁଳି ଫୁଟିଥିବାରୁ କୌଣସି ଜନ୍ତୁ ଶିକାର କଲାବେଳେ ଏହି ଅଘଟଣ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

# ୨ ମାଓବାଦୀ ନିହତ

ମାଲକାନଗିରି, ୨୫।୫
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ସହ ଗୁଳି ବିନିମୟ ଘଟି ୨ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ମିରତୁର ଥାନା ଅଞ୍ଚଳ ଜପେମର୍କା ଏବଂ କମକାନାର ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ତେବେ ଜପେମର୍କା ଓ କମକାନାର ଜଙ୍ଗଲରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ପଶ୍ଚିମ ବସ୍ତର ଡିଭିଜନ ସପ୍ଲାଇ ଟିମ୍ ଇନ୍‌ଚାର୍ଜ ପଣ୍ଡୁ, ଭୈରମଗଡ଼ ଏରିଆ କମିଟିର ଏସିଏମ୍ ଜୋଗା, ସୋନୁ ଓ ଅନ୍ୟ ୧୦ରୁ ୧୫ ମାଓବାଦୀଙ୍କ ଉପସ୍ଥିତି ଥିବା ଖବର ପାଇ ଡିଆର୍‌ଜି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ଗୁଳି ଚଳାଇଥିଲା। ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସର୍ଚ୍ଚ ଅପରେଶନ ପରେ ଘଟଣାସ୍ଥଳରୁ ୨ ମାଓବାଦୀଙ୍କ ମୃତଦେହ ସହ ୱାଇରଲେସ୍ ସେଟ୍, ବନ୍ଧୁକ, କପଡା, ଔଷଧ, ପୋଷ୍ଟର ସହ ବହୁ ସାମଗ୍ରୀ ଜବତ କରିଥିବା ପୋଲିସ କହିଛି।

# ତୀର ମାଡ଼ରେ ଯୁବକଙ୍କ ମୃତ୍ୟୁ

ନୂଆପଡ଼ା,୨୫।୫(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ପଞ୍ଚାୟତ ଦାଥୁନାମା ଗାଁରେ ଶନିବାର ଜଣେ ଯୁବକଙ୍କ ତୀର ମାଡ଼ରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନାବେଡା ପଞ୍ଚାୟତ ଖଡ଼ାଙ୍ଗ ଗ୍ରାମର ରାମଚନ ପହରିଆ (୩୨)। ସୂଚନା ମୁତାବକ ଦାଥୁନାମା ଗାଁର ଜଲାରାମ ପହରିଆ ଓ ରାମଚନ ପହରିଆଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଏପରିସ୍ଥଳେ ଶନିବାର ଅପରାହ୍ନ ୨ଟା ସମୟରେ ରାମଚନ କୌଣସି କାମରେ ଦାଥୁନାମା ଗାଁକୁ ଆସିଥିଲେ। ରାମଚନଙ୍କୁ ଦେଖିଲା ପରେ ଜଲାରାମ ଉତ୍ତ୍ୟକ୍ତ ହୋଇ କାନ୍ଧରେ ଧରିଥିବା ଧନୁତୀର ବାହାର କରି ବିନ୍ଧି ଦେଇଥିଲେ। ତୀର ଯାଇ ସିଧା ରାମଚନଙ୍କ ନାଭିରେ ବାଜିଥିଲା। କିଛିକ୍ଷଣ ଛଟପଟ ହେଲା ପରେ ରାମଚନଙ୍କ ଜୀବନ ଚାଲିଯାଇଥିଲା। ଘଟଣା ପରେ ଜଲାରାମ ରାମଚନଙ୍କ ନାଭିରୁ ତୀର ବାହାର କରି ଘଟଣାସ୍ଥଳରେ ଜଗି ରହିଛନ୍ତି। ପାଖକୁ ଯିଏ ଆସିଲେ ଜୀବନରେ ମାରିଦେବି ବୋଲି କହୁଥିବାରୁ ଅଞ୍ଚଳର ଲୋକ ଭୟରେ ପାଖକୁ ଯାଉନାହାନ୍ତି। ମୃତ ରାମଚନଙ୍କ ସ୍ତ୍ରୀ ଓ ଗୋଟିଏ ଛୋଟ ଝିଅ ଅଛନ୍ତି। ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଖବର ଲେଖାହେବା ସୁଦ୍ଧା ଘଟଣାସ୍ଥଳରେ ପୋଲିସ ପହଞ୍ଚିନାହିଁ। ସେଠାରେ ମୃତଦେହ ପଡିରହିଛି। ଏ ସଂକ୍ରାନ୍ତରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ପଚାରିବାରୁ ଆମ ପାଖକୁ ଖବର ଆସିଛି। ରାତ୍ରି ହୋଇଯିବାରୁ ଅଭୟାରଣ୍ୟ ଭିତରକୁ ଯିବା ସମ୍ଭବ ନୁହଁ। ରବିବାର ମୃତଦେହ ବ୍ୟବଚ୍ଛେଦ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ସ୍ତ୍ରୀଙ୍କୁ ଲୁହାରେ ଛେଚି ହତ୍ୟା

ଯୋଗେଶ୍ୱରପୁର,୨୫।୫(ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ଗୋପ ଥାନା ନୟାହାଟ ଫାଣ୍ଡି ଅଧୀନ ଦୁର୍ଗାପୁର ଗ୍ରାମର ଦେବରାଜ ସାହୁ ତାଙ୍କ ସ୍ତ୍ରୀ କଳ୍ପନା ସାହୁଙ୍କ ମୁଣ୍ଡକୁ ଏକ ଲୁହାରେ ଛେଚି ହତ୍ୟା କରିଛନ୍ତି। ପୋଲିସ ଅଭିଯୋଗ ପାଇ ନଂ. ୧୬୮/୨୪ରେ ୩୦୨, ୪୯୮(କ), ୩୪ ଦଫାରେ ଦେବରାଜଙ୍କ ସମେତ ତାଙ୍କ ମା', ଭାଇ, ଭାଉଜ ୪ ଜଣଙ୍କ ନାମରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଦେବରାଜଙ୍କ ଶୋଇବା ଘରେ ତାଙ୍କ ସ୍ତ୍ରୀଙ୍କ ସହିତ ଜଣେ ପୁରୁଷ ପରକିୟା ପ୍ରୀତି କରୁଥିବାର ସେ ଦେଖିବାରୁ ହତ୍ୟା କରିଥିବା କହିଛନ୍ତି। ଦେବରାଜ ନିଜକୁ ବଞ୍ଚାଇବାକୁ ଏପରି ମନଗଢା କାହାଣୀ କହୁଥିବା ଗ୍ରାମବାସୀ କହିଛନ୍ତି। ତେବେ ମୃତାଙ୍କ ଶାଶୁ, ଯାଆ, ଦେଢଶୁର ଫେରାର ଅଛନ୍ତି। ଦେବରାଜ ୨୦୧୬ରେ ନିକଟସ୍ଥ ପାଇକସାହି ଗ୍ରାମର କଳ୍ପନାଙ୍କୁ ବିବାହ କରିଥିଲେ। ବିବାହ ପରେ କଳ୍ପନାଙ୍କ ସ୍ୱାମୀ, ଶାଶୁ, ଯାଆ, ଦେଢଶୁର ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ।




# ଗଳା କାଟି ଡ୍ରାଇଭରଙ୍କୁ ହତ୍ୟା

## ମୋବାଇଲ, ସ୍କୁଟି ଜବତ: ୨ ଅଟକ

କଟକ ସଦର, ୨୫।୫
(ସୁଶାନ୍ତ କୁମାର ଜେନା)

କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ଦେଓପୁର ଗ୍ରାମର ଏକ ପୋଖରୀ ନିକଟରେ ଜଣେ ଡ୍ରାଇଭରଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ଦେଓପୁର ଗ୍ରାମର ସରୋଜ ଭୋଇ। ଶନିବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିବା ଥାନାଧିକାରୀ ରାଧାକାନ୍ତ ସାହୁ କହିଛନ୍ତି। ଏହି ଘଟଣାରେ ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦେଇଛି। ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୭/୨୪) ରୁଜୁ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ସରୋଜ ପେସାରେ ଜଣେ ଡ୍ରାଇଭର। ଶୁକ୍ରବାର ରାତିରେ ସେ ସ୍କୁଟି ନେଇ ଘରୁ ବାହାରକୁ ଆସିଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ପୋଖରୀ କୂଳରେ ସରୋଜଙ୍କ ମୃତଦେହ ପଡିଥିଲା। ଏପରି କି ତାଙ୍କ ଗଳା କଟାଯାଇଥିବାରୁ ରକ୍ତସ୍ରାବ ହେଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡ ପାଖରେ ମୋବାଇଲ ଫୋନ୍ ଥିବାବେଳେ କିଛି ଦୂରରେ ସ୍କୁଟି ରଖାଯାଇଥିଲା। ଖବରପାଇ କଟକ ଡିସିପି ପ୍ରକାଶ ଆର୍. ଏବଂ ଏସିପି କୃଷ୍ଣଚନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଅଧିକ ତଦନ୍ତ ପରେ କାରଣ ଜଣାପଡିବ ବୋଲି ଥାନାଧିକାରୀ ସାହୁ କହିଛନ୍ତି।

# ସାତକୋଶିଆ ଗଣ୍ଡରେ ଜନ୍ମନେଲେ ୩୫ ଘଡ଼ିଆଳ ଶାବକ

ବୌଦ୍ଧ,୨୫।୫(ଅଜିତ କୁମାର ବାରିକ)


ସାତକୋଶିଆରେ ଘଡ଼ିଆଳ କୁମ୍ଭୀର ଶାବକ।

ସାତକୋଶିଆ ଗଣ୍ଡରେ ୩୫ ଘଡ଼ିଆଳ କୁମ୍ଭୀର ଶାବକ ଜନ୍ମ ନେଇଥିବା ଜଣାପଡ଼ିଛି। ଗତ ଗୁରୁବାର ସାତକୋଶିଆର ବଲଦମଡ଼ା ନିକଟରେ ଏକ ଘଡ଼ିଆଳ କୁମ୍ଭୀର ୩୫ ଶାବକକୁ ଜନ୍ମ ଦେଇଛି। ୪୦ବର୍ଷର ବ୍ୟବଧାନ ପରେ ଏଥରକୁ ମିଶାଇ ଲଗାତର ଚତୁର୍ଥ ଥର ପ୍ରାକୃତିକ ଆବାସସ୍ଥଳୀରେ ମା' ଘଡ଼ିଆଳ ଅଣ୍ଡା ଫୁଟାଇଛି।

ପ୍ରକାଶ ଯେ, ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ବଲଦମଡ଼ା ନିକଟରେ ଗତ ମାର୍ଚ୍ଚ ମାସରେ ଏକ ଘଡ଼ିଆଳ କୁମ୍ଭୀର ଅଣ୍ଡା ଦେଇଥିଲା। ଅଣ୍ଡା ଦେବାର ୧ ମାସ ପରେ ଛୁଆ ଫୁଟିବା କଥା। ମାତ୍ର ଅତ୍ୟଧିକ ଗରମ କାରଣରୁ ଅଣ୍ଡାରୁ ଛୁଆ ଫୁଟିବା ବିଳମ୍ବ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି କୋର୍ ଏରିଆରେ ମାଛମରା, ଡଙ୍ଗା ଇତ୍ୟାଦି ଚଳାଚଳକୁ ବନ୍ଦ କରାଯାଇଥିଲା। ବିଳମ୍ବରେ ହେଉ ପଛେ ଘଡ଼ିଆଳ ୩୫ ଶାବକ ଜନ୍ମଦେବା ପରେ ସାତକୋଶିଆ ବନ୍ୟପ୍ରାଣୀ କର୍ମଚାରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ମହାନଦୀ ବନ୍ୟପ୍ରାଣୀ ଅନୁଗୋଳ ବନଖଣ୍ଡ ଅଧୀନରେ ଥିବା ଟିକରପଡ଼ାଠାରେ ୧୯୭୫ ମସିହାରେ ଘଡ଼ିଆଳ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମହାନଦୀରେ ଘଡ଼ିଆଳ କୁମ୍ଭୀର ବଂଶବୃଦ୍ଧି। ଏହି ଉଦ୍ଦେଶ୍ୟରେ ଟିକରପଡ଼ାଠାରେ ଏକ କୁମ୍ଭୀର ଗବେଷଣା କେନ୍ଦ୍ର ସହ ସଂରକ୍ଷଣ କେନ୍ଦ୍ର ଖୋଲାଯାଇଥିଲା। ମାତ୍ର ବିଭିନ୍ନ ସମୟରେ ବାହାରୁ ଅଣ୍ଡା ଅଣାଯାଇ ପ୍ରଜନନ ପରେ ବି ସାତକୋଶିଆରେ ଘଡ଼ିଆଳ ବଂଶବୃଦ୍ଧି ନ ଘଟିବା ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଥିଲା।

୨୦୨୦ରେ ଘଡ଼ିଆଳ ବଂଶବୃଦ୍ଧିକୁ ଦୃଷ୍ଟିରେ ରଖି କୃତ୍ରିମ ପ୍ରଜନନ ପାଇଁ କେତୋଟି ମାଈ ଏବଂ ପୁରୁଷ ଘଡ଼ିଆଳ ଗଣ୍ଡରେ ଛଡ଼ାଯାଇ ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିଲା। ଶେଷରେ ୨୦୨୨ରେ ପ୍ରଥମଥର ପାଇଁ ଏକ ଘଡ଼ିଆଳ ସାତକୋଶିଆର ବଲଦମଡ଼ାଠାରେ ୨୮ଟି ଶାବକକୁ ଜନ୍ମ ଦେଇଥିଲା। ୨୦୨୨ ମେ'ରେ ପୁଣି ଘଡ଼ିଆଳ କୁମ୍ଭୀର ୩୦ଟି ଶାବକକୁ ନେଇ ଚଳପ୍ରଚଳ କରୁଥିବା ଚିତ୍ର ବନ୍ୟପ୍ରାଣୀ ବିଭାଗ ଜାରି କରିଥିଲା। ୨୦୨୩ ମେ'ରେ ଘଡ଼ିଆଳ କୁମ୍ଭୀର ୩୫ଟି ଶାବକ ଜନ୍ମ ଦେଇଥିଲା। ଲଗାତର ଚତୁର୍ଥ ଥର ପାଇଁ ଗତ ୨୩ ତାରିଖରେ ୩୫ଟି ଶାବକ ଜନ୍ମଦେବା ସାତକୋଶିଆ ପାଇଁ ଖୁସି ଖବର ଆଣିଛି। ଘଡ଼ିଆଳ କୁମ୍ଭୀର ଶାବକ ଜନ୍ମ ଦେବା ଘଟଣା ସାତକୋଶିଆରେ ଏହି ପ୍ରଜାତିର କୁମ୍ଭୀର ବଂଶବୃଦ୍ଧି ଦିଗରେ ସହାୟକ ହୋଇଛି। ବର୍ତ୍ତମାନ ଘଡ଼ିଆଳ ଶାବକଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ହଳଦିଆପଦର ଗୋଷ୍ଠୀ ସଂଘର୍ଷ ଘଟଣା, ୪ ଗିରଫ

ପାତ୍ରପୁର,୨୫।୫(ଉମାଚରଣ ନେପାକ): ଜରଡ଼ା ଥାନା ପାତ୍ରପୁର ବ୍ଲକ ବାଦପୁର ପଞ୍ଚାୟତ ହଳଦିଆପଦର ଗ୍ରାମରେ ଶୁକ୍ରବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୨୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ପୋଲିସ ଶନିବାର ୪ ଜଣଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ହଳଦିଆପଦର ଗ୍ରାମରେ ବିଗତ କିଛି ବର୍ଷ ହେଲା ଦୁଇ ସାହିର କିଛି ଲୋକଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଗତ ନିର୍ବାଚନ ପ୍ରଚାର ବେଳେ ଉଭୟ ଗୋଷ୍ଠୀ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼କୁ ନେଇ ଅସନ୍ତୋଷ ଲାଗି ରହିଥିଲା। ଶୁକ୍ରବାର ସନ୍ଧ୍ୟାରେ ଭାଜପାର କିଛି କର୍ମୀ ବସି ଆଲୋଚନା କରୁଥିଲା ବେଳେ ବିଜେଡିର ଗୋଟିଏ ଗୋଷ୍ଠୀ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ପରେ ଉକ୍ତ ଘଟଣା ଉଗ୍ରରୂପ ଧାରଣା କରିଥିଲା। ବିଭିନ୍ନ ମାରଣାସ୍ତ୍ର ସହିତ ଉଭୟ ଗୋଷ୍ଠୀଙ୍କ ଆକ୍ରମଣ ପ୍ରତିଆକ୍ରମଣ ହେବାରୁ ୨୫ଜଣ ଆହତ ହୋଇଥିଲେ। ଆହତମାନେ ହେଲେ ଏନ. ରାଜେୟା, ଡି. ପ୍ରକାଶ ରେଡି, ନିରଞ୍ଜନ ରେଡି, ବି ରାଘବ, ଏନ ଚିନେୟା,ଏଲ.ତୁଳସୀ ଦାସ, ପି. ଗୀତା, ପି. ପୁରୁଷୋତ୍ତମ, ଏନ ଶଶି, ବି ସନ୍ତୋଷ, ବି ଭିମା ପ୍ରମୁଖ। ସେମାନଙ୍କ ମଧ୍ୟରୁ ରାଜେୟା, ପ୍ରକାଶ, ନିରଞ୍ଜନ ପ୍ରମୁଖଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଜରଡ଼ା ପୋଲିସ ପହଞ୍ଚି ଆହତଙ୍କୁ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରିଥିଲା। ତେବେ ଦୁଇ ଗୋଷ୍ଠୀ ପକ୍ଷରୁ ଏତଲା ପରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

ବୁଗୁଡା,୨୫।୫(କାଳିଚରଣ ଦାଶ)– ବୁଗୁଡା ବ୍ଲକ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ନୂଆଁ ପାଣିକେଶର ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁଷ୍ପାଞ୍ଜଳି ସ୍ୱାଇଁ। ପୁଷ୍ପାଞ୍ଜଳି ସକାଳେ ବିଦ୍ୟୁତ୍ ବୋର୍ଡରୁ ପ୍ଲଗ୍ ବାହାର କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସଂଜ୍ଞାହୀନ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ବୁଗୁଡା ମେଡିକାଲକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ପୁଷ୍ପକଙ୍କ କିଡ୍‌ନୀ ପ୍ରତିରୋପଣ

ରମ୍ଭା,୨୫।୫(ବନବାସୀ ସେଠୀ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ମଧୁରଚୁଆ ଗ୍ରାମର ସୁବାସ ନାହାକଙ୍କ ପୁତ୍ର ପୁଷ୍ପକ ନାହାକଙ୍କ ଦୁଇଟି କିଡ଼ନୀ ନଷ୍ଟ ହୋଇଯାଇଥିବା ହେତୁ ସେ ଗଗନ ମେମୋରିଆଲ ଟ୍ରଷ୍ଟର ସହାୟତା ଲୋଡ଼ିଥିଲେ। ସାନ ରାମଚନ୍ଦ୍ରପୁର ପଞ୍ଚାୟତ ଏବଂ ଖାରେଡି ପଞ୍ଚାୟତର ଗ୍ରାମବାସୀ ଏବଂ ମଧୁରଚୁଆର ଗଗନ ମେମୋରିଆଲ ଟ୍ରଷ୍ଟ ତରଫରୁ ଆର୍ଥିକ ସାହାଯ୍ୟ ଯୋଗେ ପୁଷ୍ପକଙ୍କ ମା' ସୁବାସିନୀ ନାହାକ କିଡ଼ନୀ ଦେଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ କିଡନୀ ପ୍ରତିରୋପଣ କରାଯାଇଛି। ଗଗନ ମେମୋରିଆଲ ଟ୍ରଷ୍ଟର ସଭାପତି ଶ୍ରୀକାନ୍ତ ନାୟକ, ଉପଦେଷ୍ଟା ଶିକ୍ଷକ ଶାନ୍ତନୁ ନାୟକ, ବସନ୍ତ ନାହାକ, ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକ, ସୁକାନ୍ତ ନାୟକ, ପ୍ରଦୀପ ନାୟକ, ବ୍ୟାଙ୍କ କର୍ମଚାରୀ ପ୍ରଦୀପ ନାୟକ ସହଯୋଗ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବତୀ ମୃତ

ରାୟଗଡ଼ା,୨୫।୫(ଆଶିଷ ରଞ୍ଜନ ପଣ୍ଡା) ରାୟଗଡ଼ା ଜିଲା କୋଲନରା ବ୍ଲକ୍‌ର ଜଣେ ଯୁବତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଲକ୍ଷ୍ମୀ ଗୌଡ଼ (୨୫)। ତାଙ୍କ ଘର କୋଲନରା ବ୍ଲକ ସୁରି ପଞ୍ଚାୟତ ଅନ୍ତର୍ଗତ ମୁନିସିଙ୍ଗ ଗ୍ରାମରେ । ପ୍ରକାଶ ଯେ, ଭାସ୍କର ଗୌଡ଼ଙ୍କ ଝିଅ ଲକ୍ଷ୍ମୀ ଗାଧୋଇ ସାରି ନିଜ ଡ୍ରେସ୍ ଇସ୍ତ୍ରି କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତରେ ଲକ୍ଷ୍ମୀ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଥେରୁବାଲି ଫାଣ୍ଡି ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତକରି ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ରାସ୍ତା କାଟିବା ଅନୁମତି ମିଳୁନି, ପାଇପ ବିଛା କାମ ବିଳମ୍ବ

## ୧୭ଶହ କୋଟି ବ୍ୟୟରେ ଚାଲିଛି ମେଗା ପାନୀୟଜଳ ପ୍ରକଳ୍ପ

ଭଞ୍ଜନଗର,୨୫।୫(ବାବୁଲା ପ୍ରଧାନ): ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଣ ଲକ୍ଷ୍ୟ ରଖାଯାଇଛି। ତେଣୁ ଏହାକୁ ଆଖି ଆଗରେ ରଖି ଅନେକ ନୂଆ ନୂଆ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହିଭଳି ଗଞ୍ଜାମ ଜିଲାରେ ମଧ୍ୟ ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ମାଧ୍ୟମରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ଉକ୍ତ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ନୟାଗଡ଼ ଜିଲା ଗଣିଆ ନିକଟରୁ ମହାନଦୀରୁ ପାଇପ ଯୋଗେ ପାଣି ଆଣି ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡାଠାରେ ହେବାକୁ ଥିବା ମେଗା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ପାଣି ମହଜୁଦ୍ ରଖାଯିବ। ଏହାପରେ ପାଣିକୁ ସେଠାରୁ ଭଞ୍ଜନଗର ଉପଖଣ୍ଡର ସମସ୍ତ ୮ଟି ବ୍ଲକ ଓ ୩ଟି ଏନଏସି ଯଥା ବେଲଗୁଣ୍ଠା, ବୁଗୁଡ଼ା, ପୋଲସରା ସମେତ ପୋଲସରା, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର ବ୍ଲକକୁ ମଧ୍ୟ ପାଣି ଯୋଗାଣ ହେବ। ଏଥିପାଇଁ ପ୍ରାୟ ୧୭ ଶହ କୋଟି ଟଙ୍କା ବ୍ୟୟ ହେଉଛି। ଉକ୍ତ କାର୍ଯ୍ୟକୁ ଏଲ୍‌ଆଣ୍ଡଟି କମ୍ପାନୀ କରୁଛି। ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ କାର୍ଯ୍ୟକୁ ତଦାରଖ କରୁଛି। ବର୍ତ୍ତମାନ ଭଞ୍ଜନଗର ବ୍ଲକର ତିଳିସିଙ୍ଗି ପାଖ ପର୍ଯ୍ୟନ୍ତ ମୁଖ୍ୟ ପାଇପ ବିଛା କାମ ସରିଛି । ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ମୁଖ୍ୟ ପାଇପ ବିଛା ହେବ। ତେଣୁ ରାସ୍ତା କଡ଼ରେ ବଡ଼ ବଡ଼ ପାଇପଗୁଡ଼ିକୁ ମହଜୁଦ୍ କରିରଖାଯାଇଛି। ଏଥିସହ ଧରାକୋଟ, ପୁରୁଷୋତ୍ତମପୁର ସମେତ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପାଇପ ବିଛା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ ପାଣି ଟାଙ୍କି କରାଯିବ। ସେଠାରୁ ପାଣି ପଞ୍ଚାୟତକୁ ଆବଶ୍ୟକତା ଅନୁଯାୟୀ ବଣ୍ଟନ କରାଯିବ। ଗଣିଆ ନିକଟସ୍ଥ ମହାନଦୀରୁ ବଡ଼ ବଡ଼ ପାଇପ ଯୋଗେ ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପାଣି ଅଣାଯିବ। କିନ୍ତୁ ଉକ୍ତ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇପାରିନାହିଁ। ପ୍ରାୟ ୨୦ ଏକର ଜମି ପରିସରରେ ମେଗା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେଉଛି। ତାହାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ଗଣିଆରୁ ଗାୟଗଣ୍ଡା ବିଛା ହେବାକୁ ଥିବା ପାଣି ପାଇପଗୁଡ଼ିକ ଜାତୀୟ ରାଜପଥ କଡ଼ରେ ବିଛାଯିବ। କିନ୍ତୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା କାଟିବା ଅନୁମତି ଦେଇନଥିବା ଯୋଗୁ ଉକ୍ତ କାର୍ଯ୍ୟ ବର୍ତ୍ତମାନ ଅଗ୍ରଗତି ହୋଇପାରୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହିଭଳି ଅନେକ ସମସ୍ୟା ଯୋଗୁ ଏତେବଡ଼ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ସମ୍ଭାବନା ନାହିଁ । ଏନେଇ ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ମତାମତ ନେବା ପାଇଁ ଉଦ୍ୟମ କରାଯାଇଥିଲା, କିନ୍ତୁ ତାହା ସମ୍ଭବପର ହୋଇପାରି ନାହିଁ । ଅନ୍ୟପକ୍ଷରେ ଏନେଇ ଜଣେ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ କେତେକ ସ୍ଥାନରେ ରାସ୍ତା କାଟିବା ଅନୁମତି ମିଳିନାହିଁ। ତେଣୁ ମୁଖ୍ୟ ପାଇପ୍ ଲାଇନ୍ ବିଛା କାମ ଆରମ୍ଭ ହେବାରେ ବିଳମ୍ବ ହେଉଛି।



ତିଳିସିଙ୍ଗି ନିକଟରେ ପାଇପ୍ ବିଛା କାମ ଚାଲିଛି ।

# ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ପାଇଁ ପଦକ୍ଷେପ

## ଟଙ୍କା ଲୁଟ୍ ଘଟଣାରେ ଜଣେ ଗିରଫ

ଧରାକୋଟ,୨୫।୫ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ସାନଖେମୁଣ୍ଡି ବିଧାନସଭା ଆସନର ଧରାକୋଟ ଥାନା ଅଞ୍ଚଳରେ ଶେଷ ହୋଇଥିବା ସାଧାରଣ ନିର୍ବାଚନ ପରେ ଲୋକଙ୍କ ସୁରକ୍ଷା ଓ ଶୃଙ୍ଖଳିତ ବାତାବରଣ ସହ ଭୟମୁକ୍ତ ସମାଜ ପାଇଁ ପୋଲିସ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ପାଟ୍ରୋଲିଂକୁ କଡ଼ାକଡି କରାଯାଇଛି। ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧିଙ୍କ ନେତୃତ୍ୱରେ ସମ୍ବେଦନଶୀଳ ଗ୍ରାମ ମୁଣ୍ଡମରାଇ, ଜାହାଡ଼ା, କୁସରାବ, ବରିଗୁଡା, ଢ଼ଉଗାଁ, ପଙ୍କଲବାଡି, ରେଡି ଦାମୋଦରପଲ୍ଲୀ, ବାହାଡାଗୁଡା, ତାଳପାଟଣା, କମାସାସନ, ଘାସିବିଲୀ ସୁନାମୋହି ଓ ଧରାକୋଟ ଆଦି ଗ୍ରାମରେ ୪ଟି ପୋଲିସ ଭ୍ୟାନ ପାଟ୍ରୋଲିଂ ଆରମ୍ଭ କରିଛି। ସେହିପରି ରାତି ୮ଟା ପରେ ଦୋକାନ ବଜାର ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ ନିର୍ବାଚନ ଦିନ ଧରାକୋଟ ପଞ୍ଚାୟତର ନାଏବ ସରପଞ୍ଚ ଟୁନା ଗୌଡ଼ଙ୍କଠାରୁ ନିକଟସ୍ଥ ଗଡଦାମୋଦରପଲ୍ଲୀ ଗ୍ରାମରେ ୧୨ ହଜାର ଟଙ୍କା ଲୁଟ କରିବା ଅଭିଯୋଗ ପରେ ଧରାକୋଟ ମଝିସାହିର ୨୮ ବର୍ଷୀୟ ଯୁବକ କାଳୁ ଚରଣ ଗୌଡ଼ ଓରଫ କାହ୍ନୁଙ୍କୁ ପୋଲିସ ଗିରଫ କରି ତା' ନିକଟରୁ ୬୭୦୦ ଟଙ୍କା ଜବତ କରିଛି। ଥାନାରେ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗଣ୍ଡଗୋଳ କରିବା ଏବଂ ଲୋକଙ୍କୁ ଧମକଚମକ ଦେଇ ବିନା କାରଣରେ ଡରାଇବା ଭଳି ଅଭିଯୋଗ ଆସିଲେ ତୁରନ୍ତ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କୁ ଯୋଗାଯୋଗ କରିବା ପାଇଁ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ରେଶ୍ମା ମନୋନୀତ



କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ।

ବେଲଗୁଣ୍ଠା,୨୫।୫(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଲଗାତର ତୃତୀୟ ବର୍ଷ ପାଇଁ ଜିଲାସ୍ତରୀୟ ଯୋଗ ପ୍ରତିଯୋଗିତାରେ ବେଲଗୁଣ୍ଠା ବ୍ଲକ ତନରଡା ସ୍ଥିତ ଆର୍ଯ୍ୟକନ୍ୟା ଗୁରୁକୁଳ ସଫଳତା ହାସଲ କରିଛି। ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଯୋଗ ଅଲମ୍ପିଆଡ୍ ଚାମ୍ପିଅନଶିପ୍–୨୦୨୪ରେ ତନରଡା ଆର୍ଯ୍ୟକନ୍ୟା ଗୁରୁକୁଳର ଅଷ୍ଟମ ଶ୍ରେଣୀ ଛାତ୍ରୀ ରେଶ୍ମା ବିଷୋୟୀ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା–୨୦୨୪ ପାଇଁ କୃତିତ୍ୱ ହାସଲ କରିଛନ୍ତି। ଶନିବାର ରେଶ୍ମାଙ୍କ ସଫଳତା ପାଇଁ ତାଙ୍କୁ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, କ୍ରୀଡ଼ା ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର, ବ୍ଲକ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

# ପୁଣି ଦିନକରେ ୩୦ ଅସାମାଜିକ ବ୍ୟକ୍ତି ଗିରଫ

ଛତ୍ରପୁର,୨୫।୫(ସନ୍ତୋଷ ପାଢୀ/ଦିଲୀପ ସାମଲ): ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି। ପୁଣି ଶୁକ୍ରବାର ଏହି ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ୩୦ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖଲିକୋଟ ଥାନା ପୋଲିସ ପକ୍ଷରୁ ଜଣେ, ଶେରଗଡ ପୋଲିସ ୪ଜଣ, ପୋଲସରା ପୋଲିସ ୨ ଜଣ, କୋଟିନଡା ପୋଲିସ ଜଣଙ୍କୁ, କବିସୂର୍ଯ୍ୟନଗର ପୋଲିସ ୫ଜଣ, କୋଦଳା ପୋଲିସ ୩ ଜଣ, ରମ୍ଭା ପୋଲିସ ୪ଜଣ, ଧରାକୋଟ ପୋଲିସ ଜଣେ, ପାଟପୁର ପୋଲିସ ୪ଜଣ, ବୁଗୁଡା ପୋଲିସ ୨ଜଣ, ବେଗୁନିଆପଡା ପୋଲିସ ୨ଜଣ ଏବଂ ଛତ୍ରପୁର ଥାନା ପୋଲିସ ଜଣେ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ନାଁରେ ଆର୍ମ୍ସ ଆକ୍ଟ ମଧ୍ୟ ଲଗାଯାଇଛି। ଏମାନଙ୍କ ଠାରୁ ଖଣ୍ଡା, ମାରଣାସ୍ତ୍ର ଜବତ କରାଯାଇଛି। କୋଦଳା ଥାନା ପରିସରରେ ହୋଇଥିବା ଗଣ୍ଡଗୋଳ ମାମଲାରେ ୩ ଜଣ ଗିରଫ ହୋଇଥିବା ବେଳେ ଗୋଷ୍ଠୀ କନ୍ଦଳ ମାମଲାରେ ୭ଜଣ, ଚୋରି ମାମଲାରେ ୫ଜଣ, ହତ୍ୟା ମାମଲାରେ ସମ୍ପୃକ୍ତ ୨ ଜଣ ୱାରେଣ୍ଟି ଏବଂ ହତ୍ୟା ଉଦ୍ୟମ ମାମଲାରେ ଜଣେ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି। ଏହି ସ୍ପେଶାଲ ଡ୍ରାଇଭ ଜାରିରହିବ ବୋଲି ସୂଚନା ଦିଆଯାଇଛି।

# ଯୁବତୀଙ୍କୁ ଗର୍ଭବତୀ ଅଭିଯୋଗ

ଦିଗପହଣ୍ଡି,୨୫।୫(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଁର ବିବାହିତ ବାଇନାଥ ସାହୁ ଗର୍ଭବତୀ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ନ୍ୟାୟ ଦାବିରେ ବାଇନାଥଙ୍କ ଘର ସମ୍ମୁଖରେ ଗର୍ଭବତୀ ଧାରଣା ଦେଇଛନ୍ତି। ଘଟଣା ପରେ ବାଇନାଥ ଗାଁରୁ ଫେରାର ହୋଇଯାଇଥିବା ବେଳେ ଯିବାରୁ ଯୁବତୀ ଜଣକ କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ବାଇନାଥଙ୍କ ସ୍ତ୍ରୀ ଓ ପୁଅ ଝିଅ ଥିଲେ ମଧ୍ୟ ସେ ଯୁବତୀଙ୍କ ସହ ନିୟମିତ ବ୍ୟବଧାନରେ ସମ୍ପର୍କ ରଖି ଆସୁଥିଲେ। ଯୁବତୀଙ୍କୁ ଦ୍ୱିତୀୟ ସ୍ତ୍ରୀର ମର୍ଯ୍ୟାଦା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ ଗର୍ଭ ନଷ୍ଟ ପାଇଁ ଔଷଧ ଆଣିବାକୁ ବାଇନାଥଙ୍କୁ କହିଥିଲେ। ହେଲେ ବାଇନାଥ ତାଙ୍କୁ ଧରା ଛୁଆଁ ଦେଇନଥିଲେ। କିଛିଦିନ ହେଲା ଯୁବତୀଙ୍କ ହାତ ଗୋଡ଼ ଫୁଲି ଯିବାରୁ ତାଙ୍କ ବାପା ତାଙ୍କୁ ଚିକିତ୍ସା ପାଇଁ ଗାଁ ନିକଟସ୍ଥ ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯୁବତୀ ଜଣକ ୬ ମାସର ଗର୍ଭବତୀ ଥିବା କହିଥିଲେ। ବାପା ଏହା ଶୁଣି ଯୁବତୀଙ୍କୁ ଘରୁ ବାହାର କରିଦେଇଥିଲେ। ଛନିରୁପାୟ ଅବସ୍ଥାରେ ଯୁବତୀ ଜଣକ ବାଇନାଥଙ୍କ ଘରକୁ ଯାଇ ତାଙ୍କୁ ନ୍ୟାୟ ମାଗି ଥିଲେ। ବାଇନାଥ ସମସ୍ତ ଘଟଣାକୁ ଅସ୍ୱୀକାର କରିବା ସହ ତାଙ୍କୁ ଗାଳି ଗୁଲଜ କରି ଗାଁରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଗ୍ୟାସ୍ ଲିକ୍ ହୋଇ ଶ୍ରମିକ ଆହତ ମାମଲା

## କାର୍ଯ୍ୟରେ ଯୋଗଦେଲେ ଆହତ ଶ୍ରମିକ

ଗଞ୍ଜାମ,୨୫।୫(ବିଦ୍ୟାଧର ସାହୁ) ଗଞ୍ଜାମ ସହର ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍‌ରେ ଶୁକ୍ରବାର ସଲଫ୍ୟୁରିକ ପ୍ଲାଣ୍ଟରେ ଶଟ୍‌ଡାଉନ କରାଯାଇ ବିଭିନ୍ନ ରାସାୟନିକ ସଲଫ୍ୟୁରିକ ଏସିଡ୍ ପାଇପ ମରାମତି କରାଯାଉଥିଲା। ଏହି ସମୟରେ ଗ୍ୟାସ୍ ଲିକ ହୋଇ ଜଣେ ସୁପରଭାଇଜରଙ୍କ ସମେତ ୨ ଜଣ ଶ୍ରମିକ ଆହତ ହୋଇଥିଲେ। ଶନିବାର ଆହତମାନେ କମ୍ପାନୀ କାର୍ଯ୍ୟରେ ଯୋଗ ଦେଇଥିବା ଲୋକ ସମ୍ପର୍କ ସୂଚନା ଅଧିକାରୀ ତଥା ସିଏସ୍‌ଆର୍ ମୁଖ୍ୟ ସୁସ୍ମିତା ବେହେରା କହିଛନ୍ତି। ଶୁକ୍ରବାରର ଘଟଣାରେ ୬ଜଣ ଗୁରୁତର ଆହତ ଘଟଣାକୁ ସେ ଅସ୍ୱୀକାର କରିବା ସହ ୨ଜଣ ସାମାନ୍ୟ ଆହତ ଓ ଜଣେ ଗୁରୁତର ଥିଲେ। ଶୁକ୍ରବାର ହିଁ ରାହୁଲ ଯାଦବ, ଶଶିକାନ୍ତ ମହାରଣା ଏବଂ କେଶବ ସାହୁ ପ୍ରମୁଖ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିଲେ। ଜଣଙ୍କର ମୁହଁରେ ଏସିଡ୍ ଗ୍ୟାସ୍ ଲାଗିଯାଇଥିଲା। ତାଙ୍କର ଭୁବନେଶ୍ୱର ମେଡିକାଲରେ ସମସ୍ତ ପରୀକ୍ଷା କରାଯାଇଥିଲା। ଶୁକ୍ରବାର କମ୍ପାନୀ ପକ୍ଷରୁ ଶଟ୍‌ଡାଉନ ଅର୍ଥାତ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇ ଗ୍ୟାସ୍ ପାଇପଗୁଡିକ ମରାମତି କାର୍ଯ୍ୟ ଚାଲିଥିଲା। ଅସାବଧାନତା ଯୋଗୁ ଗ୍ୟାସ୍ ପାଇପରୁ ହଠାତ ଗ୍ୟାସ୍ ଛିଟିକି ପଡିଥିଲା। ଫଳରେ ସେଠାରେ କାର୍ଯ୍ୟରତ ଇଞ୍ଜିନିୟର, ସୁପରଭାଇଜରଙ୍କ ସମେତ ୩ଜଣ ଶ୍ରମିକ ଆହତ ହୋଇଥିଲେ। ସେଥିରୁ ୨ଜଣ ଶ୍ରମିକ କମ୍ପାନୀ ମେଡିକାଲରେ ଚିକିତ୍ସିତ ହୋଇଥିଲା ବେଳେ ଅନ୍ୟମାନେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହୋଇ ଫେରିଥିଲେ। ଶନିବାର ସେମାନେ ନିଜ କାର୍ଯ୍ୟରେ ଯୋଗ ଦେଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# କରଡ଼ାକଣାରେ ପିଇବା ପାଣି ସଙ୍କଟ


ଷ୍ଟାଣ୍ଡପୋଷ୍ଟ ନିକଟରେ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି ।

ଶେରଗଡ଼, ୨୫।୫ (ସୂର୍ଯ୍ୟନାରାୟଣ ଦାଶ) ଶେରଗଡ ବ୍ଲକ କରଡ଼ାକଣା ଗ୍ରାମରେ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେଲାଣି ପିଇବା ପାଣିର ଘୋର ସଙ୍କଟ ଦେଖାଦେଇଛି। ଗ୍ରାମର ସମସ୍ତ ସାହିରେ ଥିବା ଷ୍ଟାଣ୍ଡପୋଷ୍ଟଗୁଡିକରେ ପାଣି ଆସୁନାହିଁ। ଗ୍ରାମ କଡ ଦେଇ ବୋହି ଯାଇଥିବା ନନ୍ଦିନୀ ନଦୀ ଶୁଖିଲା ପଡିଥିବା ବେଳେ ଗ୍ରାମରେ ଥିବା ନଳକୂପଗୁଡିକରୁ ଖରାଦିନ କାରଣରୁ ପାଣି ବାହାରୁନାହିଁ। ଗ୍ରାମରେ ପିଇବା ପାଣି ସଙ୍କଟ ଦୂର କରିବାକୁ ୧ଲକ୍ଷ ୫୦ଲିଟର କ୍ଷମତା ବିଶିଷ୍ଟ ଟାଙ୍କି ନିର୍ମାଣ ହେଲା। ପାଇପ ବିଛା କାମ ବି ସରିଲା। ପରନ୍ତୁ ଟାଙ୍କିକୁ ପାଇପ ସଂଯୋଗ କରାଗଲା। ଗ୍ରାମବାସୀଙ୍କ କହିବା ପ୍ରକାରେ ଉକ୍ତ ଟାଙ୍କି ନିର୍ମାଣ ହେଲା ଦିନଠାରୁ ଟାଙ୍କିରେ ପାଣି ଭର୍ତ୍ତି ହୋଇନାହିଁ। ଫଳରେ ପିଇବା ପାଣି ନ ପାଇ କରଡାକଣା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଲଗାତାର ବ୍ଲକ ପ୍ରଶାସନ ଓ ଜଳ ପରିମଳ ବିଭାଗକୁ ଜଣାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଶୁକ୍ରବାରଠାରୁ ଗ୍ରାମବାସୀ ଏକଜୁଟ ହୋଇ ପାଣି ଟାଙ୍କି ଓ ପାଣି ଆସୁଥିବା ଷ୍ଟାଣ୍ଡପୋଷ୍ଟ ନିକଟରେ ଆନ୍ଦୋଳନ କରିଛନ୍ତି। ଦୁଇ ଦିନ ମଧ୍ୟରେ ପାଣି ସମାସ୍ୟା ସମାଧାନ ନ ହେଲେ ଆନ୍ଦୋଳନତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ରମ୍ଭା ଚନ୍ଦନ ଯାତ୍ରାରେ ଶୁଭ ଖୁଣ୍ଟି ସ୍ଥାପନ


ଅତିଥିଙ୍କ ଦ୍ୱାରା ପୂଜାର୍ଚ୍ଚନା ।

ରମ୍ଭା,୨୫।୫(ବନବାସୀ ସେଠୀ): ଓଡିଶା ପ୍ରସିଦ୍ଧ ରମ୍ଭାର ଐତିହାସିକ ଚନ୍ଦନ ଯାତ୍ରାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୁଭଖୁଣ୍ଟି ସ୍ଥାପନ ଓ ଧୋବା ସାହି ଶିବ ତାଣ୍ଡବ ଏବଂ ବସଷ୍ଟାଣ୍ଡରେ ଶ୍ୟାମାକାଳୀ ମେଢ଼କୁ ବାବା ଶଙ୍କରାନନ୍ଦ ଗିରୀ, ଅଧିକାରୀ ପଣ୍ଡିତ ଜଗନ୍ନାଥ ଦାଶ, ନାରାୟଣ ଦାଶ, ଆଇଆଇସି ସତ୍ୟବ୍ରତ ଭୁତିଆଙ୍କ ଦ୍ୱାରା ଫିତା କାଟି ଉନ୍ମୋଚନ କରାଯାଇଥିଲା। ଘଣ୍ଟ, ମୃଦଙ୍ଗ, ଡିଜେ ଓ ବାଣ ଫୁଟାଇ ଶୁଭଖୁଣ୍ଟିକୁ ଗୌଡ଼ ସାହିରୁ ଜଗନ୍ନାଥ ମନ୍ଦିରକୁ ଅଣାଯାଇ ପୂଜନ କରି ସ୍ଥାପନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତି କମିଟି ସଭାପତି ବିଜୟ ଚନ୍ଦ୍ର ବିଶ୍ୱାଳ, ମୁନା ସ୍ୱାଇଁ, ଉମେଶ ଚନ୍ଦ୍ର ମହାନ୍ତି, ବନବାସୀ ନାହାକ, ବାନାମ୍ବର ସେଠ, ରାମଚନ୍ଦ୍ର ଆଚାରୀ, ଲକ୍ଷ୍ମୀ ନାରାୟଣ ସେନାପତି, ସୁରେନ୍ଦ୍ର ପରିଡା, ଜଗନ ପରିଡା, ଦିଲ୍ଲୀପ ଘାସି, ପିଙ୍କୁ ପ୍ରଧାନ, ସୁଦର୍ଶନ ସେନାପତି, ଭିକାରୀ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା।

# ଋଷିକୁଲ୍ୟା ମୁହାଣରେ ବିଦେଶୀ ପକ୍ଷୀଙ୍କ ସମାଗମ

ଗଞ୍ଜାମ,୨୫।୫(ବିଦ୍ୟାଧର ସାହୁ) ଗଞ୍ଜାମ ସହର ସ୍ଥିତ ଋଷିକୁଲ୍ୟା ମୁହାଣଠାରେ ଗତ କିଛିଦିନ ହେବ ବିଦେଶୀ ପକ୍ଷୀଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଭାରତ ମହାସାଗର ଦକ୍ଷିଣରେ ଅବସ୍ଥିତ ରିୟୁନିୟନ ଆୟର୍ଲାଣ୍ଡରେ ସାଟେଲାଇଟ ଟ୍ୟାଗ୍ ଖଞ୍ଜା ଯାଇଥିବା ୱିମେଲ୍ ପକ୍ଷୀ 'ମର୍ଲିନ୍' ଓଡ଼ିଶାର ଋଷିକୁଲ୍ୟା ମୁହାଣରେ ଗୁରୁବାର ଠାବ କରାଯାଇଛି। ଏହି ପକ୍ଷୀ ଗଞ୍ଜାମ ସହରରେ ଥିବା ପୋତାଗଡ଼ ଦୁର୍ଗ ନିକଟ ଋଷିକୁଲ୍ୟା ନଦୀ ପଠରେ ଦଳ ଦଳ ହୋଇ ରହୁଥିବା ଦେଖିବାକୁ ମିଳିଛି। ବିଶେଷକରି ଶୀତଦିନେ ପ୍ରବଳ ଥଣ୍ଡାରୁ ନିଜକୁ ରକ୍ଷା କରିବା ପାଇଁ ବରଫାଚ୍ଛନ୍ନ ଅଞ୍ଚଳଗୁଡ଼ିକରୁ ଓଡ଼ିଶାର ବିଭିନ୍ନ ହ୍ରଦ ଓ ନଦୀଗୁଡ଼ିକୁ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ପରେ ଫେବୃଆରୀରେ ଉତ୍ତାପ ବୃଦ୍ଧି ପାଇଲା ପରେ ସେହି ପକ୍ଷୀମାନେ ପୁଣି ଫେରି ଯାଇଥାନ୍ତି ବୋଲି ପରିବେଶବିତମାନେ ମତ ଦେଇଛନ୍ତି। ସେହି ପକ୍ଷୀମାନଙ୍କ ପରିବେଶ ଏବଂ ସଂରକ୍ଷଣ ଉପରେ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ଫେସର ଏଲ୍‌ଆଇଏମ୍‌ଆଇଓ ପ୍ରୋଜେକ୍ଟ କାର୍ଯ୍ୟ କରିଆସୁଛି। ରିୟୁନିୟନ ଆଇଲାଣ୍ଡରେ ମର୍ଲିନଙ୍କ ଶୀତକାଳୀନ ଅବସ୍ଥାନ ସମୟରେ ଉକ୍ତ ପକ୍ଷୀର ଶରୀରରେ ଗତ ମାର୍ଚ୍ଚ ୭ ତାରିଖରେ ଜିପିଏସ୍ ଟ୍ୟାଗ୍ ଖଞ୍ଜାଯାଇଥିଲା। ସେଠାରୁ ସେ ମାର୍ଚ୍ଚ ୨୨ରେ ନିକଟସ୍ଥ ମରିସସ୍ ଯାଇ ଏପ୍ରିଲ୍ ୧୩ ପର୍ଯ୍ୟନ୍ତ ରହିଥିଲା। ପରେ ଉତ୍ତର ଦିଗକୁ ଗତି କରି ସୋକୋଟ୍ରାରେ ୩ ସପ୍ତାହ ପର୍ଯ୍ୟନ୍ତ ରହିଥିଲା। ସେଠାରୁ ପାକିସ୍ତାନର ଇଣ୍ଡସ୍ ନଦୀ ଉପତ୍ୟକାରେ ଦେଖାଯାଇଥିଲା। ଗତ ୧୭ ତାରିଖରେ ମର୍ଲିନକୁ ମଧ୍ୟପ୍ରଦେଶର ବାଲାଘାଟରେ ପ୍ରଥମେ ଦେଖିବାକୁ ମିଳିଥିଲା। ପରେ ମେ ୨୦ତାରିଖରେ ଛତିଶଗଡ଼ରେ ପକ୍ଷୀ ଅନୁସନ୍ଧାନକାରୀ ମର୍ଲିନକୁ ଠାବ କରିଥିଲେ। ୪୮ଡିଗ୍ରୀ ତାପମାତ୍ରାରେ ଉତ୍ତର ଜିଲାଇର ଏକ ଛୋଟ ପୋଖରୀ ନିକଟରେ ଦିନ ସମୟରେ ମର୍ଲିନକୁ ଦେଖିବାକୁ ମିଳିଥିଲା। ମେ' ୨୨ରେ ସେହି ପକ୍ଷୀ ଓଡ଼ିଶାର ଋଷିକୁଲ୍ୟା ମୁହାଣରେ ରହିଥିବା ସାଟେଲାଇଟ ଜରିଆରେ ଜଣାପଡ଼ିବା ପରେ ବାର୍ଡୱାଚର ପଞ୍ଚମୀମାନୁ ଇକିଲ୍ ସ୍ଥାନୀୟ ପରିବେଶ ସଂରକ୍ଷଣକାରୀ ରବୀନ୍ଦ୍ରନାଥ ସାହୁଙ୍କୁ ଯୋଗାଯୋଗ କରିଥିଲେ। ଗୁରୁବାର ଋଷିକୁଲ୍ୟା ନଦୀ ମଧ୍ୟରେ ଉକ୍ତ ପକ୍ଷୀଟିକୁ ଠାବ କରାଯାଇଥିଲା। ତା'ର ଗୋଡ଼ରେ ୨ଟି ସାଟେଲାଇଟ ଟ୍ୟାଗ ଲାଗିଥିବା ବେଳେ ପିଠିରେ ସାଟେଲାଇଟ ଟ୍ରାନ୍ସମିଶନ ଖଞ୍ଜାଯାଇଥିବା ଦେଖିବାକୁ ମିଳିଛି। ଜୈବବିବିଧତା ପ୍ରୋଜେକ୍ଟ ଉପରେ କାର୍ଯ୍ୟ କରୁଥିବା ଫ୍ରେଞ୍ଚର ମର୍ଲିନ ସ୍ଥାନାନ୍ତରଣ ଏନ୍‌ଆଇଏମ୍‌ଓଆଇଓ ଜରିଆରେ ମର୍ଲିନ ଉପରେ ବିଶେଷ ଅଧ୍ୟୟନ କରାଯାଇଛି। ଏହି ଆବିଷ୍କାର ହେଉଛି ଏକ ଅନ୍ତର୍ଜାତୀୟ ପ୍ରୟାସ।


ବିଦେଶୀ ପକ୍ଷୀ।

## ସଂକ୍ଷେପରେ

### ଘରଭଙ୍ଗାକୁ ନେଇ ୨ଗାଁ ମଧ୍ୟରେ ଉତ୍ତେଜନା

ରାୟଗଡ଼ା,୨୫।୫(ଆଶିଷ ରଞ୍ଜନ ପଣ୍ଡା)

ସରକାରୀ ଜମିରେ ନିର୍ମାଣାଧୀନ ଘର ଭଙ୍ଗାକୁ ନେଇ ୨ଗାଁ ମଧ୍ୟରେ ଉତ୍ତେଜନା ଦେଖାଯାଇଛି। ଫଳରେ ଉଭୟ ଗ୍ରାମରେ ଅଶାନ୍ତର ପରିବେଶ ସୃଷ୍ଟିହେବାର ଆଶଙ୍କା ଦେଖାଦେଇଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ସମାଧାନ ନେଇ ପ୍ରୟାସ କରାଯାଇଛି। ସୂଚନାନୁଯାୟୀ, ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଡୁମୁରିଗୁଡ଼ା ପଞ୍ଚାୟତର ଶାନ୍ତାବାଡ଼ିଗାଁ ମୌଜାର ଖାତା ନମ୍ବର ୨୭ରେ ଥିବା ସରକାରୀ ଜମିରେ ଖେଦାପଡ଼ା ପଞ୍ଚାୟତ ଦେଓପୁର ଗାଁ ହରିଜନସାହିର ଅନିରୁଦ୍ଧ ବାତ୍ରିଆ, ହରେକୃଷ୍ଣ ସାମଲ ଓ ପ୍ରଶାନ୍ତ ସାମଲ ଘର କାମ ଆରମ୍ଭ କରିଥଲେ। ତେବେ ଏହି ସରକାରୀ ଜାଗାକୁ ନେଇ ପ୍ରାୟ ବର୍ଷେ ହେଲା ଶାନ୍ତାବାଡ଼ିଗାଁ ଓ ଦେଧପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଏହି ସରକାରୀ ଜାଗାକୁ ନେଇ ଶାନ୍ତାବାଡ଼ିଗାଁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିବା କହିଛନ୍ତି। ତେବେ ଶୁକ୍ରବାର ହଠାତ୍ ଦଳବଦ୍ଧ ଭାବେ ଶାନ୍ତାବାଡ଼ିଗାଁ ଗ୍ରାମବାସୀ ସରକାରୀ ଜାଗାରେ ନିର୍ମାଣାଧୀନ ଘରକୁ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ୨ ଗ୍ରାମରେ ଉତ୍ତେଜନା ଦେଖିଯାଇଥିଲା। ଦେଓପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ ସେମାନେ ଭୂମିହୀନ ହୋଇଥିବାବେଳେ ସେମାନଙ୍କୁ ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ କରିବାକୁ ପ୍ରଶାସନକୁ ଜଣାଇଛନ୍ତି। ହେଲେ ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ସେମାନେ କହିଛନ୍ତି। ଶନିବାର ପ୍ରଶାସନ ପକ୍ଷରୁ ଚାନ୍ଦିଲି ଥାନାଧିକାରୀ ପ୍ରସନ୍ନ କୁମାର ବେହେରା ଓ କୋଲନରା ତହସିଲଦାର ଏମ୍. ନୀଳକଣ୍ଠ ନାଇଡୁ ୨ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ। ଉଭୟ ଗାଁର ଲୋକଙ୍କୁ ନେଇ ବୁଝାମଣା କରିବା ସହ ଭବିଷ୍ୟତରେ ଏଭଳି ଅଶାନ୍ତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରେ ଏହି ସମସ୍ୟା କିଭଳି ସମାଧାନ ହୋଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ନାଇଡୁ ଉଭୟ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ୨ ଗାଁର ପରିବେଶ ଶାନ୍ତ ରହିଛି। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଉକ୍ତ ଘଟଣାକୁ ନେଇ ଭବିଷ୍ୟତରେ ୨ ଗାଁ ଲୋକଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ଆଶଙ୍କା ରହିଛି ବୋଲି ଚର୍ଚ୍ଚା ହେଉଛି।

### ଗୁଡ଼ାରିରେ ମା’ ଠାକୁରାଣୀ ପର୍ବ ଆରମ୍ଭ

ଗୁଡାରି,୨୫।୫ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ସହରସ୍ଥିତ ମିଲୁ ଢ଼େପ ସାହିରେ ଶୁକ୍ରବାରଠାରୁ ମା’ ଠାକୁରାଣୀଙ୍କ ପର୍ବ ଆରମ୍ଭ ହୋଇଛି। ୫ଦିନ ଧରି ଏହି ପର୍ବ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଦିନରେ ମା’ଙ୍କ ପାଦ ଅଣାଯାଇ ପୂଜାମଣ୍ଡପ ପରିସରରେ ଘଟ ସ୍ଥାପନ କରାଯାଇଥିଲା। ମା’ଙ୍କ ନିକଟରେ ପ୍ରତିଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରସିଦ୍ଧ ବେଜୁ ନାଚ କରାଯିବ। ପରେ ସନ୍ଧ୍ୟା ୬ରୁ ମା ସାହି ପରିଭ୍ରମଣ କରିବେ। ଗ୍ରାମରେ ଭଲ ଫସଲ ହେବା ସାଙ୍ଗକୁ ଗୃହ ପାଳିତ ପଶୁଙ୍କୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ଏବଂ ଗ୍ରାମବାସୀଙ୍କ ସୁଖ ସମୃଦ୍ଧି କାମନା କରି ଏହି ପର୍ବ ପାଳନ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ମିଲୁ ଢ଼େପ ସାହିର ସମସ୍ତ ପରିବାର ସହଯୋଗ କରୁଛନ୍ତି।

# ମାର୍କେଟ କମ୍ପ୍ଲେକ୍ସ, ଶୌଚାଳୟରେ ଝୁଲୁଛି ତାଲା

ପାରଳାଖେମୁଣ୍ଡି, ୨୫।୫ (ଗିରିଧାରୀ ପରିଛା):



ସରକାର କୋଟି କୋଟି ଟଙ୍କା ବ୍ୟୟ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ବେଳେ ପ୍ରଶାସନ ଓ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରି ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଓ ଶୌଚାଳୟ କୌଣସି କାମରେ ଲାଗୁନି। ଗଜପତି ଜିଲା କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନବ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଓ ଶୌଚାଳୟ କୌଣସି କାମରେ ଆସୁନଥିବା ଦେଖିବାକୁ ମିଳିଛି। କାଶୀନଗର ବିକାଶ ଦିଗରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ବେଳେ ଉଦଘାଟନକୁ ବର୍ଷେ ପୂରିଯାଇଥିଲେ ମଧ୍ୟ ଏହା କୌଣସି କାମରେ ଆସୁନାହିଁ। ଉକ୍ତ ମାର୍କେଟ କମ୍ପ୍ଲେକ୍ସ ୧୧ନଂ ୱାର୍ଡସ୍ଥିତ ବ୍ଲକ କଲୋନୀରେ ରହିଥିବା ବେଳେ ଏଠାରେ କିଛି ଲୋକଙ୍କ ନିଜ ସ୍ୱାର୍ଥ ପାଇଁ ଏହି ମାର୍କେଟ କମ୍ପ୍ଲେକ୍ସ କରାଯାଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ବି ବ୍ୟବସାୟୀ ଏହି କମ୍ପ୍ଲେକ୍ସ ନେବା ପାଇ ଇଚ୍ଛା କରୁନାହାନ୍ତି। ଏଠାରେ

## ଲକ୍ଷାଧିକ ଟଙ୍କା ବ୍ୟୟ କାହା ସ୍ୱାର୍ଥରେ

ସାଧାରଣ ଜନତାଙ୍କ ପ୍ରଶ୍ନ ଉଠିଛି ଯେ, ଯେଉଁ ସ୍ଥାନରେ ଆବଶ୍ୟକତା ରହିଛି ସେହି ସ୍ଥାନରେ କାହିଁକି ମାର୍କେଟ କମ୍ପ୍ଲେକ୍ସ କରାଯାଇନାହିଁ। କାଶୀନଗର କିଛି ନେତାଙ୍କ ନିଜ ସ୍ୱାର୍ଥ ପାଇଁ ଅଞ୍ଚଳର ବିକାଶ ଦିଗରେ ଆସିଥିବା ସରକାରଙ୍କ ଅର୍ଥକୁ ଠିକ ଭାବରେ ଉପଯୋଗ କରୁନଥିବା ମତ ପ୍ରକାଶ ପାଇଛି। ସେହିପରି କାଶୀନଗର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କାର ନୂତନ ଶୌଚାଳୟ ନିର୍ମାଣ ହୋଇଥିବା ବେଳେ ବର୍ଷ ବର୍ଷ ଧରି ସେଠାରେ ତାଲା ପଡ଼ି ରହିଥିବା ଦେଖିବାକୁ ମିଳିଛି। ଆହାର କେନ୍ଦ୍ର ନିକଟରେ ଥିବା ଶୌଚାଳୟ ବର୍ତ୍ତମାନ ବ୍ୟବହାର ନ କରି ବନ୍ଦକରି ରଖାଯାଉଛି। ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଏହା ହୋଇଥିବା ବେଳେ ତାହା କିନ୍ତୁ ଉପଯୋଗୀ ନହୋଇ ନଷ୍ଟ ହେବାରେ ଲାଗିଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନର ଦୃଷ୍ଟି ପଡୁନଥିବା ଅତି ଦୁର୍ଭାଗ୍ୟଜନକ ବୋଲି ଜନସାଧାରଣ ଓ ବୁଦ୍ଧିଜୀବୀ ପ୍ରତିକ୍ରିୟା ରଖିଛନ୍ତି। ତୁରନ୍ତ ଏହି ଶୌଚାଳୟଗୁଡ଼ିକ ଯେପରି ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ହେଇପାରିବ ସେ ନେଇ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି। ଏ ନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭଗବତ ସାହୁଙ୍କ ସହ ଯୋଗାଯୋଗ କରିବା ପାଇଁ ଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ।

# ଗୁଣି ସନ୍ଦେହରେ ଦମ୍ପତିଙ୍କୁ ଆକ୍ରମଣ, ୩ ଗିରଫ

## ଲୁହୁରାସାହିରେ ବୁଲିଲା ଖଟ

ଫୁଲବାଣୀ/ଫିରିଙ୍ଗିଆ, ୨୫।୫(ରାକେଶ କୁମାର ରାଉତ/ରୋହିତ କହଁର)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପଞ୍ଚାୟତ ଲୁହୁରାସାହି ଗାଁରେ ଶୁକ୍ରବାର ରାତିରେ ଗୁଣି ଗାରେଡିକୁ ସନ୍ଦେହକରି ଏକ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଅପି ବିନ୍ଧାଣୀ(୫୦)ଙ୍କ ଅବସ୍ଥା ଗୁରୁତର ରହିଥିବା ତାଙ୍କ ସ୍ତ୍ରୀ ରଙ୍ଗାଇ ଗୋଚ୍ଛାପଡା ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଅନ୍ୟମାନେ ଫେରାର ଅଛନ୍ତି। ଗିରଫ ଯୁବକମାନେ ହେଲେ ଲୁହୁରାସାହିର ଶିବ ବିନ୍ଧାଣି, ପୈଠ ବିନ୍ଧାଣି ଓ ମିଲୁ ବିନ୍ଧାଣି।

ପ୍ରକାଶ ଯେ, ଗୁଣିଗାରେଡି ସନ୍ଦେହରେ ଲୁହୁରୁସାହିର କେତେଜଣ ଲୋକ କାସିନିପଦର ପଞ୍ଚାୟତ ଭାଲୁରୁ ଗାଁରୁ ଖଟ ଦେବତା ଡକାଇ ଥିଲେ। ଭାଲୁରୁ ଗାଁରୁ ୪ ଜଣ ଏକ ଖଟ ଧରି ଆସି ଗ୍ରାମରେ ବୁଲାଇଥିଲେ । ଗ୍ରାମର ଅପି ବିନ୍ଧାଣି ଗୁଣି କରୁଥିବା ନେଇ ସେମାନେ କହିଥିଲେ। ଫଳରେ ଖଟ ଡକାଇ ଥିବା ଲୋକେ ଉତ୍ତ୍ୟକ୍ତ ହୋଇ ଅପି ବିନ୍ଧାଣି ଏବଂ ତାଙ୍କ ସ୍ତ୍ରୀ ରଙ୍ଗାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଖବର ପାଇ ଗୋଚ୍ଛାପଡ଼ା ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆକ୍ରମଣର ଶିକାର ଦମ୍ପତିଙ୍କୁ ଗ୍ରାମର କିଛି ଲୋକ ପ୍ରଥମେ ଗୋଚ୍ଛାପଡା ମେଡିକାଲ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଅପି ଏବେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅପିଙ୍କ ଏତଲାରେ ମୋଟ ୧୭ ଜଣଙ୍କ ନାମ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଛି। ଫେରାର ଲୋକେ ଏବଂ ଖଟ ବୁଲାଇଥିବା ଲୋକଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଗୋଚ୍ଛାପଡ଼ା ପୋଲିସ ନଂ. ୯୨/୨୪ରେ ମାମଲା ରୁଜୁ କରିଥିବା ତଦନ୍ତକାରୀ ଅଧିକାରୀ ରୂପକ କୁମାର ଦଳେଇ କହିଛନ୍ତି । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୯ ତାରିଖରେ ଗୁଣିଗାରେଡି ସନ୍ଦେହରେ ଗୋଚ୍ଛାପଡା ଥାନା ଅଧୀନ ଲୁଇ ସିଂ ପଞ୍ଚାୟତ ଗୁମାଲଦଣି ଗ୍ରାମର ୱାର୍ଡ ମେମ୍ବର ଦମ୍ପତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା।

# ଗୁରାଣ୍ଡି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ବୈଠକ



ପାରଳାଖେମୁଣ୍ଡି, ୨୫।୫ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମରେ ଥିବା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବରିଷ୍ଠ ଶିକ୍ଷାବିତ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ସମ୍ପାଦକ ରାଜେନ୍ଦ୍ର ରାଉତ ଗତ ବୈଠକର ଆଲୋଚିତ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଶତବାର୍ଷିକୀ ମହୋତ୍ସବର ବଳକା ସଂଚିତ ଅର୍ଥର ବିନିଯୋଗ ତଥା ଗଠନମୂଳକ କାମ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଗାଁ ପୋଖରୀ ନିକଟରେ ଗୁରାଣ୍ଡିର ଗର୍ବ ଓ ଗୌରବର ୧୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ତେଣୁ ସେଠାରେ ପୁରାତନ ଛାତ୍ର ସଂସଦ ଅର୍ଥରେ ଏକ ସ୍ମୃତିସ୍ତମ୍ଭ ସହିତ ରାଷ୍ଟ୍ର ପାଇଁ ସୀମାରେ ସହିଦ ହୋଇଥିବା ମୁରଲୀ ଜେନାଙ୍କ ଏକ ସହିଦ ସ୍ତମ୍ଭ ନିର୍ମାଣ ପାଇଁ ମଧ୍ୟ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ସ୍ଥାନରେ ଏକ ଆକର୍ଷଣୀୟ ପାର୍କ କରିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ସୁବାସ ପଣ୍ଡା, ପିତବାସ ସାମଲ, ଉମାଶଙ୍କର ପାତ୍ର, ବାସୁଦେବ ଦଳାଇ, ଅର୍ଜୁନ ଦଳାଇ ପ୍ରମୁଖ ଯୋଗ ଦେଇଥିବା ବେଳେ ଶେଷରେ ରାଜେନ୍ଦ୍ର ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

### ନିଖୋଜ ବୃଦ୍ଧ ଉଦ୍ଧାର

ଝରିଗାଁ, ୨୫।୫(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ପୋଲିସ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧଙ୍କୁ ଉଦ୍ଧାରକରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୃଦ୍ଧ ଜଣଙ୍କ ୩ ବର୍ଷ ହେବ ନିଖୋଜ ଥିଲେ। ପୋଲିସ ତାଙ୍କୁ ଉଦ୍ଧାରକରିବା ପରେ ତାଙ୍କ ପରିଚୟ ଜାଣି ପଶ୍ଚିମବଙ୍ଗ ପୋଲିସକୁ ଯୋଗାଯୋଗ କରିଥିଲା। ଏହାପରେ ବୃଦ୍ଧଙ୍କ ପରିବାର ଲୋକେ ଝରିଗାଁ ଆସି ତାଙ୍କୁ ନେଇଯିବା ସହ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାନୁଯାୟୀ, ଝରିଗାଁ ବ୍ଲକ୍ ତେଲନଦୀ ପଞ୍ଚାୟତ ଅଧୀନ ବିଷମପୁରିଆ ସାହିରେ ଗତ ୨୧ ତାରିଖରେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧଙ୍କୁ ଦେଖି ଲୋକେ ତାଙ୍କ ପରିଚୟ ପଚାରିଥିଲେ। ସେ କିନ୍ତୁ ତାଙ୍କ ପରିଚୟ ଦେଇପାରି ନ ଥିଲେ। ଗ୍ରାମବାସୀ ଝରିଗାଁ ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଝରିଗାଁ ପୋଲିସ ଘଟଣାସ୍ଥଳକୁ ଯାଇ ବୃଦ୍ଧଙ୍କୁ ଉଦ୍ଧାରକରି ଝରିଗାଁ ଥାନାରେ ରଖିଥିଲେ। ଥାନା ଗୃହରକ୍ଷୀ ଆବାସ ଅଲ୍ଲୀ ପ୍ରଥମେ ବୃଦ୍ଧଙ୍କୁ ଗାଧେଇବା ବ୍ୟବସ୍ଥା କରିବା ସହ ସଫା ପୋଷାକ ପିନ୍ଧିବାକୁ ଦେଇ ତାଙ୍କ ଯତ୍ନ ନେଇଥିଲେ। ପରେ ବୃଦ୍ଧଙ୍କ ସହ ହିନ୍ଦୀ ଭାଷାରେ କଥାବାର୍ତ୍ତା ହୋଇଥିଲେ। କିଛିଦିନ କଥାବାର୍ତ୍ତା ପରେ ବୃଦ୍ଧ ଜଣକ ନିଜର ପରିଚୟ ଦେଇଥିଲେ। ପଶ୍ଚିମବଙ୍ଗ ରାଜ୍ୟ ଆଲିପୁରଦୁଆର ଜିଲା କାଲଚିନି ବ୍ଲକ ଛୁଆପାରା ଗ୍ରାମର ୯ ନମ୍ବର ଲେନ୍‌ରେ ଘର ବୋଲି ବୃଦ୍ଧ ଜଣଙ୍କ କହିଥିଲେ।

# ଖାଲଖମାରେ ଭର୍ତ୍ତି କୁଆଁନଳା ବ୍ରିଜ୍ ନିକଟ ରାସ୍ତା



ଖାଲଖମା ରାସ୍ତା।

ବୁଗୁଡ଼ା, ୨୫।୫(କାଳିଚରଣ ଦାଶ)

ବୁଗୁଡ଼ା-ପୋଲସରା ମୁଖ୍ୟ ରାସ୍ତାର କୁଆଁନଳା ବ୍ରିଜ୍ ନିକଟରେ ଚକଟାଏ ଲେଖାଏ ଖାଲଖମା ଯୋଗୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଏଥିପ୍ରତି ପ୍ରଶାସନିକ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ହୋଇ ପାରୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ବୁଗୁଡ଼ାରୁ ପୋଲସରା ଅଭିମୁଖେ ଲମ୍ବିଥିବା ମୁଖ୍ୟରାସ୍ତାର କୁଆଁନଳା ଗାଁ ନିକଟରେ ଖାଲଖମା ଯୋଗୁ ଯାନବାହାନ ଚାଳକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ଅସାବଧାନତାରୁ ଦୁର୍ଘଟଣାମାନ ଘଟୁଛି। ଏଥିପ୍ରତି ପୂର୍ତ୍ତ ବିଭାଗ ଅଣଦେଖା କରୁଥିବାରୁ ବର୍ଷା ଦିନେ ସେହି ଖାଲଖମାରେ ପାଣି ଜମି ରହୁଥିବାରୁ ଖାଲର ଗଭୀରତା ଜାଣି ନପାରି ଦୁଇ ଚକିଆ ଏବଂ ଅଟୋ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଯାନବାହାନ ଚଳାଚଳ ବେଳେ ଗୋଳିଆ ପାଣିର ଛିଟିକା ଅନ୍ୟ ଉପରେ ପଡିଯିବାରୁ ଅନେକ ସମୟରେ ଲୋକଙ୍କ ମଧ୍ୟରେ ବଚସା ହେଉଛି। କୁଆଁନଳା ଗାଁ ନିକଟସ୍ଥ ସେହି ସ୍ଥାନରେ ଏଭଳି ବାରମ୍ବାର ଘଟୁଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତିରୋଧାନ ଦିବସ

ପାରଳାଖେମୁଣ୍ଡି, ୨୫।୫ (ଗିରିଧାରୀ ପରିଚ୍ଛା):



ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ୫୧ତମ ତିରୋଧାନ ଦିବସ ଶନିବାର ପ୍ରଗତି ମହିଳା ସଙ୍ଗଠନ ଆନୁକୂଲ୍ୟରେ ସ୍ଥାନୀୟ ୟୁଟେକ କମ୍ପ୍ୟୁଟର ଏଜୁକେଶନ ସେଣ୍ଟର୍ ଠାରେ ସଭାପତି ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ସକାଳେ ବଜାର ଛକ ନିକଟରେ ଥିବା ମହାରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟର୍ପଣ କରାଯିବା ପରେ ସମ୍ପାଦିକା ତନୁଜା ଶତପଥି, ଶରତ ପ୍ରଧାନ, ଚିତ୍ରାନନ୍ଦ ବେବର୍ତ୍ତା, ହରିମୋହନ ପଟ୍ଟନାୟକ ପ୍ରମୁଖ ମହାରାଜାଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ୟୁଟେକଠାରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ନେହା ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଶ୍ରୀମତୀ ଶତପଥୀ ନିଜ ବକ୍ତବ୍ୟ ରଖିଥିଲେ। ଭାଗବତ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସାହି ପରିକ୍ରମା କଲା ମା’ଙ୍କ ଘଟ

ମୁନିଗୁଡା, ୨୫।୫(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ମୁନିଖୋଲସ୍ଥିତ ପ୍ରସିଦ୍ଧ ମାଆ ଅଗ୍ନିଗଙ୍ଗାଙ୍କ ଘଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟେକ ଦିନ ମୁଖ୍ୟ ପୂଜକ ଘୁମିଗୁଡ଼ା ଗ୍ରାମର କଳ୍କିକ ଭାଙ୍ଗଙ୍କ ପୌରୋହିତ୍ୟରେ ମନ୍ଦିର ପରିସରରେ ମାଆଙ୍କ ପାରମ୍ପରିକ ଖଣ୍ଡା, ଟାଙ୍ଗୁଡ଼ି ଓ ଘଟହାଣ୍ଡିକୁ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସହଯୋଗୀ ପୂଜକ ତଥା ବାହୁକ କୁଶ ଭାଙ୍ଗ ମନ୍ଦିର ପରିସରରୁ ପାରମ୍ପରିକ ବାଦ୍ୟ ସହ ମାଆଙ୍କ ଟାଙ୍ଗୁଡ଼ି ଓ ଘଟହାଣ୍ଡିକୁ ମୁଣ୍ଡରେ ବୋହି ମୁନିଖୋଲର ପ୍ରତ୍ୟେକ ଘରକୁ ଯିବା ସହ ବିଭିନ୍ନ ସାହି ପରିକ୍ରମା କରିଥିଲେ।

ଶନିବାର ମୁନିଗୁଡ଼ା ପାଇକସାହିରେ ମାଆଙ୍କ ଘଟ ପହଞ୍ଚିଥିଲା। ସାହି ମହିଳାମାନେ ନିଜ ନିଜ ଘର ସମ୍ମୁଖରେ ଝୋଟି, ଦୀପ, ଧୂପ ସହ ଆଳତି କରି ମାଆଙ୍କ ଘଟକୁ ସ୍ୱାଗତ ସହ ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ଦିନ ପୂଜାରୀ ମାଆଙ୍କ ଖଣ୍ଡା ଟାଙ୍ଗୁଡ଼ି ଓ ଘଟକୁ ବିଭିନ୍ନ ସାହି ପରିକ୍ରମାକରି ମଣ୍ଡପ ପାଖରେ ପହଞ୍ଚାଇବା ପରେ ପୂଜକଙ୍କ ପାରମ୍ପରିକ ପୂଜାରୀ ନାଚ କରାଯାଉଛି। ରାତିରେ ଯୁବକ ଓ କଳାକାରମାନେ ବିଭିନ୍ନ ପୌରାଣିକ ଓ ସାମାଜିକ ବେଶ ଧାରଣକରି ସଚେତନତା ବାର୍ତ୍ତା ଦେଉଥିବା ପଥପ୍ରାନ୍ତ ନାଟକ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ଏହି ଘଟଯାତ୍ରା ଚଳିତ ୨୨ ତାରିଖରେ ଆରମ୍ଭ ହୋଇଛି। ଆସନ୍ତା ୨୮ ତାରିଖ ମଙ୍ଗଳବାର ଝାମୁଯାତ୍ରା ବା ନିଆମଡ଼ା ଯାତ୍ରା ଅନୁଷ୍ଠିତ ହେବ। ୨୯ ତାରିଖ ବୁଧବାର ପୂର୍ଣ୍ଣାହୁତି ସହ ମା’ଙ୍କ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଘଟଯାତ୍ରା କମିଟି ସଭାପତି ସନ୍ତୋଷ କୁମାର କାଡ୍ରାକା ସୂଚନା ଦେଇଛନ୍ତି।

# ଉମରକୋଟରୁ ସାଇକେଲରେ କେଦାରନାଥ ଯାତ୍ରା

## ପ୍ରକୃତି, ସନାତନ ଧର୍ମ ସୁରକ୍ଷା ସହ ବିଶ୍ୱବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟ ନେଇ ଯାତ୍ରା

ଉମରକୋଟ/ରାଇଘର, ୨୫।୫ (ସନ୍ତୋଷ ଶତପଥୀ/ କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଉମରକୋଟର ୪ଜଣ ଯୁବକ କେଦାରନାଥ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଉମରକୋଟରୁ କେଦାରନାଥ ସମୁଦାୟ ୧୬୦୦ କି.ମି. ରାସ୍ତାକୁ ୧୬ ଦିନରେ ସମାପ୍ତ କରିବା ଲକ୍ଷ୍ୟ ରଖିଛନ୍ତି।

ଉମରକୋଟ ସହର ଡଙ୍ଗରିସାହିର ଗୋବିନ୍ଦ ନାୟକ (୩୭), କେନାଲ ସାହିର ଛବି ହରିଜନ(୧୮), ହରିବଲ ହରିଜନ (୨୩) ଓ ଟିକିରା ସାହିର ଖଗପତି ମାହାରା (୨୧) ଉମରକୋଟ ପେଣ୍ଠ୍ରାଣୀ ମା’ଙ୍କ ମନ୍ଦିରରେ ପୂଜାର୍ଚ୍ଚନାକରି ଶନିବାର ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଉମରକୋଟର ଥିବା ଅନ୍ୟ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନାକରି ରାୟପୁର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏଥିସହ ପ୍ରକୃତି ସୁରକ୍ଷା, ସ୍ୱଚ୍ଛ ଭାରତ ମିଶନ, ସନାତନ ଧର୍ମ ସୁରକ୍ଷା ଓ ବିଶ୍ୱବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟ ନେଇ ଏହି ଯାତ୍ରା କରୁଥିବା ଯୁବକମାନେ କହିଛନ୍ତି। ପ୍ରତିଦିନ ୧୦୦ କି.ମି. ରାସ୍ତା ଅତିକ୍ରମ କରିବା ସହ ୫ ରାଜ୍ୟ ଦେଇ ୧୬ ଦିନରେ କେଦାରନାଥଙ୍କ ପୀଠରେ ପହଞ୍ଚିବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି। ଏହି ୪ ଯୁବକଙ୍କୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଫାଷ୍ଟଏଡ୍ କିଟ୍ ପ୍ରଦାନ କରାଯାଇଥିଲା। ସେମାନେ ସାଙ୍ଗରେ ସାଇକେଲ ମରାମତି କିଟ୍, ବସ୍ତ୍ର ଓ ଅନ୍ୟ ସରଞ୍ଜାମ, ମେଡିକାଲ ସାର୍ଟିଫିକେଟ ସହ ଜିଲାପାଳ ଓ ସ୍ଥାନୀୟ ପୋଲିସର ସୂଚନାପତ୍ର ସାଙ୍ଗରେ ନେଇ ଯାଇଥିବା ଜଣାପଡ଼ିଛି। ଏହି ୪ ଯୁବକ ସାଇକେଲ ଯୋଗେ ଯାତ୍ରା କରିବା ପାଇଁ ଯେଉଁ ଦୁଃସାହସିକତା ଦେଖାଇଛନ୍ତି ଏହାକୁ ନେଇ ସହରବାସୀ ପ୍ରଶଂସା କରିଛନ୍ତି। ଯାତ୍ରା ଆରମ୍ଭ ହେବା ସମୟରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଆୟାପ୍ପା ସେବା ସମିତି, ଆଦି ଶକ୍ତି କାଳୀ ମା କର୍ମକର୍ତ୍ତା ଓ ପେଣ୍ଠ୍ରାଣୀ ମନ୍ଦିର ପୂଜକ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

केन्द्रीय पेट्रोरसायन अभियांत्रिकी एवं प्रौद्योगिकी संस्थान (सिपेट)
CENTRAL INSTITUTE OF PETROCHEMICALS ENGINEERING AND TECHNOLOGY
(Dept. Of Chemicals & Petrochemicals, Ministry of Chemical and Fertilizers, Govt. of India)
Head office, T.V.K, Industrial Estate, Guindy, Chennai-600 032,
Email:academics@cipet.gov.com, www.cipet.gov.in
सिपेट CIPET

CIPET-ADMISSION IN DIPLOMA LEVEL PROGRAM FOR THE ACADEMIC YEAR-2024-25

AICTE Approved

CIPET ADMISSION TEST 2024
Apply Online : www.cipet.gov.in

Excellent Placement Record

| SL. No. | Course | Duration | Eligibility |
|---|---|---|---|
| 1. | Diploma in Plastics Mould Technology (DPMT) | 03 Years | 10th Passed or Appeared |

No Age Limit | Separate Hostel Accommodations for Boys & Girls

| महत्पूर्ण तिथियां IMPORTANT DATES | | |
|---|---|---|
| | Date of opening for CAT online application submission | 26.03.2024 |
| | Date of closure for CAT Application submission | 31.05.2024 |
| | Date of CAT all over India | 09.06.2024 |
| | Date of commencement of courses | 1st Week of Aug.2024 |

Application Fee Rs.100/- for General, SC, ST & Other Cadidates

APPLY NOW : https://cipet24.onlineregistrationform.org/CIPET/
Contact: 9337784008 / 9937632279 / 7008441267 / 9778228370
CIPET: CSTS, BHUBANESWAR
S-3/79, Sec-A, Zone-B, Mancheswar Industrial Estate, Bhubaneswar – 751010,
Email: mcti@cipet.gov.in, cipetsat@gmail.com, www.cipet.gov.in

## ସଂକ୍ଷେପରେ

### ଅର୍ଦ୍ଧନିର୍ମିତ ଘରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର, ୨୫।୫ (ସୁବାସ ଚନ୍ଦ୍ର ପାଢ଼ୀ)
ସଦର ଥାନା ପୋଲିସ ଶନିବାର ପୂର୍ବାହ୍ନରେ ଲାଠି-ମହୁଡ଼ା ରାସ୍ତାରେ ଥିବା ଏକ ଅର୍ଦ୍ଧନିର୍ମିତ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ଗଣେଶ ନଗର ପ୍ରଥମ ସାରଣୀର ଏସ.ଶ୍ରୀନୁ(୩୫)। ତାଙ୍କ ପକେଟରୁ ଏକ ମୋବାଇଲ ଓ ଘଟଣାସ୍ଥଳରୁ ଶ୍ରୀନୁଙ୍କ ବାଇକ ମଧ୍ୟ ଜବତ ହୋଇଛି। ପୋଲିସ ଉପସ୍ଥିତିରେ ଏସ. ରୋହିଣୀ ତାଙ୍କ ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୧୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୌଣସି ମାନସିକ ଚାପରୁ ଯୁବକ ଜଣଙ୍କ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟହେବ ବୋଲି ପୋଲିସ କହିଛି। ଶ୍ରୀନୁ ଜଣେ ଇଲେକ୍ଟ୍ରିକାଲ ଟେକ୍ନିସିଆନ ଥିଲେ। ଶୁକ୍ରବାର ଠାରୁ ସେ ନିଖୋଜ ଥିଲେ। ପରିବାର ଲୋକ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶନିବାର ପୋଲିସ ଠାରୁ ଖବର ପାଇ ତାଙ୍କ ସ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ସ୍ୱାମୀ ଝୁଲୁଥିବା ଦେଖିବାକୁ ପାଇଥିଲେ। ଶ୍ରୀନୁ ବ୍ରହ୍ମପୁରରୁ କାହିଁକି ଲାଠୀ ମହୁଡ଼ା ରାସ୍ତାରେ ଥିବା ଏକ ଘରକୁ ଆସି ଏଭଳି ଆତ୍ମହତ୍ୟା କଲେ, ତାଙ୍କ ସହ ଅନ୍ୟ କିଏ ସେଠାକୁ ଯାଇଥିଲେ କି ନାହିଁ ସେ ଦିଗରେ ଜବତ ମୋବାଇଲ ଆଧାରରେ ପୋଲିସ ତଦନ୍ତ କରୁଛି।

### ରାତି ୮ ପରେ ଢ଼ାବା, ଚା' ଦୋକାନ ବନ୍ଦ

ଛତ୍ରପୁର, ୨୫।୫ (ଦିଲୀପ ସାମଲ):
ରାତି ୮ ପରେ ବନ୍ଦ ରହିବ ଢ଼ାବା ଓ ଚା' ଦୋକାନ। ଗଞ୍ଜାମ ଜିଲାରେ ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବାକୁ ଗଞ୍ଜାମ ପୋଲିସର କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ସମସ୍ତ ଥାନାଧିକାରୀଙ୍କୁ ଏସପି ଜଗମୋହନ ମୀନା ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ଗଣ୍ଡଗୋଳ ଦେଖାଦେଉଛି। ଏହାକୁ ଏଡ଼ାଇବା ପାଇଁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

### ଶ୍ରୀକୃଷ୍ଣଶରଣପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଖଲ୍ଲିକୋଟ, ୨୫।୫ (ପ୍ରଶାନ୍ତ କୁମାର ମିଶ୍ର)
ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ଖଲ୍ଲିକୋଟ ପୋଲିସ ଓ ସିଆର୍‌ପିଏଫ୍ ଯବାନ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ରାତ୍ର ୮ଟା ୩୦ ଯାଏ ଖଲ୍ଲିକୋଟ ଥାନା ଅଞ୍ଚଳରେ ଦୋକାନ ବଜାର ବନ୍ଦ କରିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଛି। ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ଦିଲୀପ ପାହାନ ହତ୍ୟାକାଣ୍ଡର ୧୧ଦିନ ବିତି ଗଲାଣି। ତାଙ୍କର ଶୁଦ୍ଧକ୍ରିୟା ଶେଷ ହୋଇଥିବା ବେଳେ ରବିବାର ଦ୍ୱାଦଶାହ ହେବ। ଗ୍ରାମରେ ପୋଲିସ ମୃତୟନ ଅଛନ୍ତି। ଏହି ଘଟଣାରେ ପୋଲିସ ୧୧ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରହିଛି। ତେବେ ଅଭିଯୁକ୍ତଙ୍କୁ ଦଣ୍ଡ ମିଳୁ ପରିବାର ସଦସ୍ୟଙ୍କ ସହିତ ଗ୍ରାମବାସୀ ବି ଦାବି କରିଛନ୍ତି।

# ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ପ୍ରତି ବଢୁଛି ଉତ୍ସାହ

ବ୍ରହ୍ମପୁର, ୨୫।୫ (ସ୍ମୃତି ରଞ୍ଜନ ମହାଲିକ)
କ୍ରୀଡା ଓ ଯୁବ ବ୍ୟାପାର ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଚାଲିଛି। ଏଠାରେ ଭାରୋତ୍ତୋଳନ, ବାସ୍କେଟବଲ, ଆତ୍ମରକ୍ଷା ତାଲିମ, ବକ୍ସିଂ, ସନ୍ତରଣ, ଯୋଗ, ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, କ୍ରାଫ୍ଟ ଏବଂ କମ୍ପ୍ୟୁଟର ଶିକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଗତ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ଏହି ଶିବିର ଜୁନ ୧ ତାରିଖରେ ସରିବ। ସମ୍ପୃକ୍ତ ବିଭାଗ ପକ୍ଷରୁ କେବଳ ଭାରୋତ୍ତୋଳନ, ବାସ୍କେଟବଲ, ଟେନିସ ଓ ସନ୍ତରଣ ପାଇଁ ପ୍ରଶିକ୍ଷଣ ଦିଆଯିବା ବ୍ୟବସ୍ଥା ରହିଛି। ସନ୍ତରଣ ପାଇଁ ଫି ଦେବାକୁ ପଡୁଥିବାବେଳେ କୋଚ ନ ଥିବାରୁ ଟେନିସ ପ୍ରଶିକ୍ଷଣ ଦିଆଯାଇ ପାରୁନାହିଁ। ବାସ୍କେଟବଲ ଓ ଭାରୋତ୍ତୋଳନ ମାଗଣାରେ ପ୍ରଶିକ୍ଷଣ ଦିଆଯାଉଥିବା ଷ୍ଟାଡିୟମ ଇନଚାର୍ଜ ପ୍ରକାଶ କରିଛନ୍ତି। ଅନ୍ୟ ସମସ୍ତ ଖେଳ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଉଛି। ଶିବିର ସକାଳ ୬ରୁ ସାଢ଼େ ୭ ଓ ସନ୍ଧ୍ୟା ସାଢ଼େ ୪ରୁ ସାଢ଼େ ୬ଟା ପର୍ଯ୍ୟନ୍ତ ହେଉଛି। ୧୬ବର୍ଷରୁ କମ ବାଳକ ବାଳିକା ପ୍ରଶିକ୍ଷଣ ନେଉଛନ୍ତି। ଭାରୋତ୍ତୋଳନ ଶିବିରରେ ୬୦, ବାସ୍କେଟବଲରେ ୬୦ ପୁଅ ଓ ୨୫ ଝିଅ ରହିଛନ୍ତି। ଷ୍ଟାଡିୟମରେ ଏଭଳି ଶିବିର ଦ୍ୱିତୀୟ ଥର କରାଯାଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଏଥିରେ ଯୋଗଦେବାକୁ ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିଛି। ଭାରୋତ୍ତୋଳନରେ ୫ ଓ ବାସ୍କେଟବଲ ଶିବିରରେ ଜଣେ ମାତ୍ର କୋଚ ଅଛନ୍ତି। ଶିବିରକୁ ଆସୁଥିବା ଛାତ୍ରୀଛାତ୍ର ଓ କୋଚମାନେ ପ୍ରଶିକ୍ଷଣକୁ ନେଇ ଉତ୍ସାହିତ ହେବା ସହ ସେମାନଙ୍କ ମତ ପ୍ରକାଶ କରିଛନ୍ତି।



## ସେମାନେ ଯାହା କୁହନ୍ତି......



"ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରକୁ ଆସି ଖୁସି ଲାଗୁଛି। କୋଚମାନେ ବହୁତ ଭଲ ପ୍ରଶିକ୍ଷଣ ଦେଉଛନ୍ତି। ଶାରୀରିକ ବ୍ୟାୟାମଠାରୁ ଆରମ୍ଭ କରି ଯୋଗାଭ୍ୟାସ ମଧ୍ୟ କରାଯାଉଛି। ଭାରୋତ୍ତୋଳନରେ ଭାଗ ନେବାକୁ ପିଲାବେଳୁ ଥିବା ଇଚ୍ଛା ପୂରଣ ହୋଇଛି।

**ଜେ. ଦୀପିକା, ପ୍ରଶିକ୍ଷାର୍ଥୀ**



"ପ୍ରଥମ ଥର ପାଇଁ ଶିବିରକୁ ଆସିଛି। ଏଠାରେ ସମସ୍ତ ବିଭାଗରେ ପ୍ରଶିକ୍ଷଣ ଦିଆଯାଉଛି। ଆଗାମୀ ଦିନରେ ଏହି କ୍ରୀଡା ଅଭ୍ୟାସ ଜାରି ରଖିବି। କୋଚଙ୍କ ପକ୍ଷରୁ ସମସ୍ତ ସହଯୋଗ ରହୁଛି।

**ରୋସନି ସାହୁ, ପ୍ରଶିକ୍ଷାର୍ଥୀ**



"ଶିବିରରେ ପିଲାଙ୍କ ଉତ୍ସାହ ରହିଛି। ଭାଗ ନେବା ପାଇଁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଛାତ୍ରୀଛାତ୍ରଙ୍କୁ ଶାରୀରିକ ଫିଟନେସ ପାଇଁ ସମସ୍ତ ପ୍ରକାର ପ୍ରଶିକ୍ଷଣ ଦିଆଯାଉଛି। ଭାରୋତ୍ତୋଳନ ପାଇଁ ଛାତ୍ରୀଛାତ୍ରଙ୍କ ଉତ୍ସାହ ଅଧିକ ରହିଛି।

**ପଦ୍ମିନୀ ପାଢୀ, ଭାରୋତ୍ତୋଳନ କୋଚ**



"ଛାତ୍ରୀଛାତ୍ରଙ୍କୁ ଦୌଡିବା, ଷ୍ଟ୍ରେଚିଂ, ମାନସିକ ସ୍ଥିରତା ଓ ଯୋଗ ଭଳି ପ୍ରଶିକ୍ଷଣ ଦିଆଯାଉଛି। ଭାରୋତ୍ତୋଳନ ପାଇଁ ଛାତ୍ରୀଛାତ୍ରଙ୍କ ଉତ୍ସାହ ଅଧିକ ରହିଛି। ପ୍ରତି ବର୍ଷ ସଂଖ୍ୟା ବଢୁଥିବାରୁ ସେମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ଦିଆଯାଉଛି।

**ମିନତୀ ଦାଶ, ଭାରୋତ୍ତୋଳନ କୋଚ**



"ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଯେଉଁମାନେ ଠିକ ଭାବେ ଖେଳୁଛନ୍ତି, ସେମାନଙ୍କୁ ଆଗାମୀ ଦିନରେ ବିଭିନ୍ନ ସ୍ତରରେ ଖେଳିବା ପାଇଁ ପ୍ରସ୍ତୁତ କରାଯାଉଛି। ଶିବିର ପରେ ମଧ୍ୟ ଛାତ୍ରୀଛାତ୍ର ପ୍ରଶିକ୍ଷଣ ଜାରି ରଖିଲେ ଜଣେ ଉତ୍ତମ କ୍ରୀଡାବିତ ହୋଇପାରିବେ।

**କାଜଲ ସାହୁ, ବାସ୍କେଟବଲ କୋଚ**

# ସ୍ଥାୟୀ ଲୋକ ଅଦାଲତ ସଚେତନତା

ବ୍ରହ୍ମପୁର ୨୫।୫ (ସୁବାସ ଚନ୍ଦ୍ର ପାଢ଼ୀ ):
ଗଞ୍ଜାମ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ରୂପଶ୍ରୀ ଚୌଧୁରୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଡିଏଲ୍‌ଏସଏ ପକ୍ଷରୁ ସ୍ଥାୟୀ ଲୋକ ଅଦାଲତ ସଚେତନତା କାର୍ଯ୍ୟକ୍ରମ ହୋଇଛି। ବ୍ରହ୍ମପୁର ମ୍ୟୁନିସିପାଲିଟି କନଫେରନ୍ସ ହଲଠାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)ସଚିବ ଦେବଶ୍ରୀ ସାହୁ ପରିଚାଳନା କରିଥିଲେ। ଏଥିରେ ବାସୁଦେବ ପଣ୍ଡା (ଚେୟାରପର୍ସନ, ପି.ଏଲ.ଏ ପି.ୟୁ.ଏସ, ବ୍ରହ୍ମପୁର), ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡା, ଟି.କେ ରେଢ୍ଢୀ (ମେମ୍ବର,ମନିଟରିଂ ଏବଂ ମେଣ୍ଟରିଙ୍ଗ, ଡି.ଏଲ.ଏସ.ଏ ଗଞ୍ଜାମ ), ପ୍ରାଧିକରଣ ସଦସ୍ୟା ଡ଼ଃ ମିନାକ୍ଷୀ ଦେବୀ ଓ ସବିତା ସାହୁକାର ଉପସ୍ଥିତ ଥିଲେ। ସାଧାରଣ ଜନତାଙ୍କ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ପିଏଲଏ) ସମ୍ପର୍କିତ ତଥ୍ୟ ଲୋକଙ୍କ ନିକଟକୁ ଆଣିବା, ପିଏଲଏ ଦ୍ୱାରା ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ଅଧ୍ୟାୟ-ଷଷ୍ଠ(କ) ଅଧୀନରେ ସ୍କିମର ଲାଭ ଏବଂ ବିକଳ୍ପ ବିବାଦର ସମାଧାନ ସହ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ଆଦି ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଏମସିର ସ୍ୱଚ୍ଛ ସାଥୀ ସ୍ୱଚ୍ଛ ସୁପରଭାଇଜର ଏବଂ ବିଏମଇସିର ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ଡକାୟତି ଉଦ୍ୟମ ପଣ୍ଡ: ୪ ଗିରଫ, ୨ ଚମ୍ପଟ

ରମ୍ଭା, ୨୫।୫ (ବନବାସୀ ସେଠୀ)
ରମ୍ଭା ଥାନା ହୁମ୍ମା ଫାଣ୍ଡି ଅଞ୍ଚଳର ହୁମ୍ମା ସହର ତଳ ସାହି ନିକଟ ଧାନ କ୍ଷେତରେ ଗୁରୁବାର ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ହୁମ୍ମା ଗିରିଧାରୀ ନଗରର କେ.କାମେଶ୍ୱର ରେଡ୍ଡି, ତଳ ସାହିର ପିଣ୍ଟୁ ବେହେରା, ପ୍ରକାଶ ମହାନ୍ତି, ପବିତ୍ର ମହାନ୍ତ। ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହୁମ୍ମା ସହର ତଳ ସାହି ନିକଟ ଧାନ କ୍ଷେତରେ ଡକାୟତି କରିବାକୁ ଯୋଜନା କରୁଥିଲେ। ଖବର ପାଇ ପୋଲିସ ଚଢ଼ାଉ କରି ଘଟଣାସ୍ଥଳରୁ ଖଣ୍ଡା, ଏକ କଟୁରି, ଦୁଇଟି ଲୁହାରଡ଼ ସହ ଅନ୍ୟ ସାମଗ୍ରୀ ଜବତ କରିବା ସହ ୬ ଡକାୟତ ମଧ୍ୟରୁ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଦୁଇ ଫେରାର ହେବାରେ ସଫଳ ହୋଇଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ ଏକ ଧନୀ ଘରକୁ ଟାର୍ଗେଟ କରି ଯୋଜନାବଦ୍ଧ ଭାବେ ଡକାୟତି ଉଦ୍ୟମ କରୁଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଏ ନେଇ ରମ୍ଭା ଥାନାରେ ନଂ. ୩୨୭/୨୪ ମାମଲା ରୁଜୁ କରାଯାଇଛି।



ଗିରଫ ଅଭିଯୁକ୍ତ ସହ ଜବତ ମାରଣାସ୍ତ୍ର।

# ୮୪ କେଜି ଗଞ୍ଜେଇ, ୨ କାର ଜବତ: ୫ ଗିରଫ

ବ୍ରହ୍ମପୁର, ୨୫।୫ (ସୁବାସ ଚନ୍ଦ୍ର ପାଢ଼ୀ):
ବ୍ରହ୍ମପୁରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ମିଳିବା ପରେ ଅବକାରୀ ଗୋଇନ୍ଦା କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠିତ ହୋଇଥିଲା। ଶନିବାର ଭୋରୁ ବିଭାଗୀୟ ଡିଏସ୍‌ପି ସ୍ନେହଲତା ନାୟକଙ୍କ ନେତୃତ୍ୱରେ ଏହି ଟିମ ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରିଥିଲା। ବ୍ରହ୍ମପୁର ଅଭିମୁଖେ ଆସୁଥିବା ଓଡି୦୫ଜେ-୧୧୭୩ ଓ ଓଡି୦୫ଏଚ-୦୭୭୦ ନମ୍ବର ବିଶିଷ୍ଟ ଦୁଇଟି କାରକୁ ଟିମ ଯାଞ୍ଚ କରିଥିଲା। ସେଥିରୁ ୮୪ କେଜି ଗଞ୍ଜେଇ ବାହାରିଥିଲା। ଦୁଇଟି କାରରେ ବସିଥିବା କନ୍ଧମାଳ ଜିଲ୍ଲା ନୂଆଗାଁ ଥାନାଞ୍ଚଳର କମଳଲୋଚନ ବେହେରା (୩୬), ରାଜକିଶି ମାଝି (୨୨), ଦାରିଙ୍ଗବାଡି ଥାନାଞ୍ଚଳର ଦିବ୍ୟଲୋଚନ ସିଂ, ବାଲିଗୁଡାର ମଧୁ ଭକ୍ତ (୨୨), କେ.ନୂଆଗାଁ ଥାନାଞ୍ଚଳର ବବ୍ରୁ କହଁର (୪୮)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ପୋଲିସ ୩ଟି ମୋବାଇଲ ଜବତ କରିଛି। ଜେରାବେଳେ ଚାଲାଣକାରୀମାନେ କନ୍ଧମାଳରୁ ଗଞ୍ଜେଇ ବ୍ରହ୍ମପୁର ଆଣି ଏଠାରେ ମହଜୁଦ ପାଇଁ ଯୋଜନା କରିଥିଲେ ବୋଲି ଜଣାପଡିଛି। ଜବତ ଗଞ୍ଜେଇ ଓ ଗାଡିର ମୂଲ୍ୟ ୩୦ ଲକ୍ଷ ହେବ ବୋଲି ଡିଏସପି କହିଛନ୍ତି। ମାମଲା ନଂ. ୧୬୯/୨୪-୨୫ରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।



ଗଞ୍ଜେଇ ଓ କାର ସହ ଗିରଫ ଅଭିଯୁକ୍ତ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମୃତ ଭାବି ଆତ୍ମସମର୍ପଣ କଲେ ୨ ଆକ୍ରମଣକାରୀ

ଛତ୍ରପୁର, ୨୫।୫ (ଦିଲୀପ ସାମଲ):
ଛତ୍ରପୁର ଥାନା ଅନ୍ତର୍ଗତ ପୋଟଲାମପୁର ଗ୍ରାମରେ କୌଣସି କାରଣକୁ ନେଇ ଜଣେ ଯୁବକଙ୍କୁ ଦୁଇଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ପରେ ସେ ମରିଯାଇଥିବା ଭାବି ଦୁଇ ଅଭିଯୁକ୍ତ ଛତ୍ରପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଶନିବାର କାଜୁ ତୋଟାକୁ କେନ୍ଦ୍ରକରି ପୋଟଲାମପୁର ଗ୍ରାମର କେଶବ ନାହାକଙ୍କୁ ସେହି ଗ୍ରାମର ଭାଗିରଥି ପଲାଇ ଓ ମହେଶର ପଲାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କେଶବଙ୍କ ମୃତ୍ୟୁ ହୋଇଯାଇଥିବା ଭାବି ସେଠାରେ ଫୋପାଡ଼ି ଚାଲିଯାଇଥିଲେ। ପରେ ଅଭିଯୁକ୍ତ ଦ୍ୱୟ ଛତ୍ରପୁର ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ କେଶବଙ୍କୁ ତାଙ୍କ ମାମୁ ଓ ସମ୍ପର୍କୀୟ ଉଦ୍ଧାର କରି ପ୍ରଥମେ ମ୍ୟୁନିସିପେଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲକୁ ପଠାଇଛନ୍ତି । କେଶବଙ୍କ ଅବସ୍ଥା ଗୁରୁତର ଅଛି । ଏନେଇ କେଶବଙ୍କ ମାମୁ ପଙ୍କଜ ତରେଇ ଛତ୍ରପୁର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରି ଭାଗିରଥି ଓ ମହେଶରଙ୍କୁ ଗିରଫ କରିଥିବା ସୂଚନା ମିଳିଛି ।

# ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ

ବ୍ରହ୍ମପୁର, ୨୫।୫ (ସ୍ମୃତି ରଞ୍ଜନ ମହାଲିକ):
ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଶନିବାର ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ଉପସଭାପତି ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ରୂପେ ଉତ୍କଳ ଆଶ୍ରମର ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଅମ୍ଳାନ କୃତୀ ଉପରେ ଆଲୋକପାତ କରିଥିଲେ। ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁଶ୍ରୀ ରଘୁନାଥ ମହାପାତ୍ର ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ସଂସଦର ସମ୍ପାଦକ ମିହିର ପାଣିଗ୍ରାହୀ, ଉପଦେଷ୍ଟା କୁରେଶ ଚନ୍ଦ୍ର ଚୌଧୁରୀ, ଇଂ. ଅଭୟେନ୍ଦୁ ପଟ୍ଟନାୟକ ଓ ପ୍ରଭାତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲାର ବରିଷ୍ଠ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଚନ୍ଦନ ଗନ୍ତାୟତ, ଶିବ ଶଙ୍କର ଷଡଙ୍ଗୀ, ପ୍ରଭାତ ପାତ୍ର, ଭବାନୀ ମିଶ୍ର ଓ ସନ୍ତୋଷ ବେହେରା ପ୍ରମୁଖ ଭିକାରୀ ବଳଙ୍କ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ମଞ୍ଚ ଉପସ୍ଥାପକ କାର୍ତ୍ତିକ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଭାତ ପ୍ରତିନିଧି, ବଳରାମ ପ୍ରଧାନ, ସରୋଜ ମିଶ୍ର ଓ କେ. ରବି ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୫୦ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର, ୨୫।୫ (ଅଶୋକ କୁମାର ସାହୁ):
ସାମାଜିକ ଅନୁଷ୍ଠାନ ସବୁଜ ବାହିନୀ ଓ ରାମନାଥ ରଜନୀ ଇନଷ୍ଟିଚ୍ୟୁଟ ଅଫ ସ୍କୋଲାର୍ସ ମିଳିତ ଭାବେ ସ୍ଥାନୀୟ ପ୍ରେମ ନଗର ୪ର୍ଥ ଗଳିଠାରେ 'ଆସନ୍ତୁ ଗଢ଼ିବା ରକ୍ତ ସମ୍ପର୍କ' କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜନ କରିଥିଲେ। ଶିବିରରୁ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଗ୍ରୀଷ୍ମ ଋତୁ ପାଇଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଦେଖା ଦେଇଛି। ଏହି ସମୟରେ ଲୋକଙ୍କ ମଧ୍ୟରେ ରକ୍ତଦାନ ପାଇଁ ସଚେତନତା କରିବା ସହ ଲୋକଙ୍କୁ ରକ୍ତଦାନ ମହତ୍ତ୍ୱ ଉପରେ ସଂଘର ସଦସ୍ୟମାନେ କହିଥିଲେ। ସଂଘର ସଭାପତି ଶିବରାମ ପାଣିଗ୍ରାହୀ ଏହି ଶିବିର ଆୟୋଜନ କରି ଆସୁଛନ୍ତି। ଏମ. ଦିଲୀପ କୁମାର, କେ. ସୁଶିଲ କୁମାର, ଏସ. ରବି କୁମାର,ପି. ବିନୋଦ, ଗଣେଶ ପାଣିଗ୍ରାହୀ, ସତ୍ୟମ ସାହୁ, ଟି. ଶ୍ରୀକାନ୍ତ, ସୂର୍ଯ୍ୟନାରାୟଣ ପାତ୍ର, ସତ୍ୟନାରାୟଣ ଦାସ, ଦୀପକ କୁମାର୍ ପାତ୍ର, ନିରଞ୍ଜନ ପଣ୍ଡା,ନରେଶ ଆଚାରି, ଅଜୟ କୁମାର ସାହୁ ଓ ରବି ସାହାଣୀ ପ୍ରମୁଖ ରକ୍ତଦାନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସେହିପରି ସିମାଦ୍ରି ବାଲାଜୀ, ଏସ ବର୍ଦ୍ଧରାଜୁ, କେ ରୋହନ, କେ. ସୁଜନୀ, ମଣି ଆଚାରି, ଆଶିଷ କୁମାର ସାହାଣୀ, ଚିନ୍ମୟ ସାହୁ ପ୍ରମୁଖ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ।

# ମା' ବ୍ୟାଘ୍ରଦେବୀଙ୍କ ଅନୁମତି ନିଆଗଲା

ଛତ୍ରପୁର, ୨୫।୫ (ଦିଲୀପ ସାମଲ):
ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକୀ ଯାତ୍ରା ଆସନ୍ତା ୨୭ରୁ ଆରମ୍ଭ ହେବ। ପ୍ରଥା ଅନୁସାରେ ମା' ବ୍ୟାଘ୍ରଦେବୀ ଠାକୁରାଣୀଙ୍କ ଯାତ୍ରା ପରେ ହିଁ ଛତ୍ରପୁର ସହରରେ ମା' ରାମାୟାଣାମ୍ମାଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ଚଳିତ ବର୍ଷ ନିର୍ବାଚନର ପର୍ବ ରହିଥିବାରୁ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ହେବାରେ ବିଳମ୍ବ ହୋଇଛି। ସାଧାରଣତଃ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ପୁଲିସ ପକ୍ଷରୁ ଆୟୋଜିତ ହୋଇଥାଏ। ନିର୍ବାଚନ ଏବଂ ଭୋଟ ଗଣତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ବିଳମ୍ବରେ ଅନୁଷ୍ଠିତ ହେବ। ଏଣୁ ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ମା' ବ୍ୟାଘ୍ରଦେବୀଙ୍କ ଅନୁମତି ତଥା ଆଦେଶ ଗ୍ରହଣ କରାଯାଇଛି। ଶନିବାର ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା କମିଟିର ମ୍ୟାନେଜର ସି.ଏଚ. ଦୟାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ପୂଜା କମିଟିର ସଦସ୍ୟମାନେ ଚଣ୍ଡିଛକ ସ୍ଥିତ ମା' ରାମାୟାଣାମ୍ମାଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା କରି ଏକ ଶୋଭାଯାତ୍ରା ମାଧ୍ୟମରେ ପୁରୁଣା ପୁଲିସ ଲାଇନ ସ୍ଥିତ ମା' ବ୍ୟାଘ୍ରଦେବୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ଆରମ୍ଭ କରିବା ପାଇଁ ମା' ବ୍ୟାଘ୍ରେଦେବୀଙ୍କ ଠାରୁ ଆଜ୍ଞା ଲୋଡ଼ାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଠାକୁରାଣୀ ଯାତ୍ରା କମିଟିର ଆସିଷ୍ଟାଣ୍ଟ ମ୍ୟାନେଜର ଏମ.ସମରେନ୍ଦ୍ର ସେନାପତି, ଏସ.କ୍ରିଷ୍ଣା ରାଓ, କୋଷାଧ୍ୟକ୍ଷ ପି.ରାଜୁ ରେଡ୍ଡୀ, ଏନ.ଦୁର୍ଗା ପ୍ରସାଦଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ ।



ମା' ବ୍ୟାଘ୍ରଦେବୀ ପୀଠରେ କମିଟି ସଦସ୍ୟବୃନ୍ଦ।

# ଋଷିକୁଲ୍ୟା ସହ ସଂଯୋଗୀକରଣ ହେଲାନି ମହାନଦୀ

## ୧୬ ବର୍ଷ ତଳେ ଦାବି ନେଇ ହୋଇଥିଲା କୃଷକ ଆନ୍ଦୋଳନ

ବ୍ରହ୍ମପୁର, ୨୫।୫ (ନରସିଂହ ସାହୁ):
ଗଞ୍ଜାମ ଜିଲାରେ ଦୀର୍ଘ ବର୍ଷର ଦାବି ଋଷିକୂଲ୍ୟା ସହ ସଂଯୋଗୀକରଣ ହେଉନି ମହାନଦୀ। ଏହା କାର୍ଯ୍ୟକାରୀ ହେଲେ ଜିଲାର ଜୀବନରେଖା ଋଷିକୂଲ୍ୟା ଚିରସ୍ରୋତା ହୋଇପାରିବ ଏବଂ ପିଇବା ପାଣି ସଙ୍କଟର ସ୍ଥାୟୀ ସମାଧାନ ସାଙ୍ଗକୁ କୃଷି କାର୍ଯ୍ୟକ୍ରମ ନିମନ୍ତେ ସେଚ ବ୍ୟବସ୍ଥାରେ ସହାୟକ ହେବ। ବିଜେଡି ସରକାର ଅମଳରେ ବିଭିନ୍ନ ଯୋଜନା ଲାଗି ଶତାଧିକ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ନଦୀ ସଂଯୋଗୀକରଣ ପାଇଁ ଆଖିବୁଜି ଦିଆଯାଇଛି। ବଂଶଧାରା ସହିତ ଋଷିକୂଲ୍ୟାକୁ ସଂଯୋଗୀକରଣ ପାଇଁ ମଧ୍ୟ କେତେକ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ ବର୍ଷା ଦିନର ଜଳ ବଙ୍ଗୋପସାଗରକୁ ଯାଉଛି। ଫଳରେ ଖରା ଓ ଶୀତ ଦିନରେ ଋଷିକୂଲ୍ୟା ଶୁଖିଯାଉଥିବାରୁ ଭୂ-ତଳ ଜଳସ୍ତର ହ୍ରାସ ପାଇ ସଙ୍କଟ ଘନୀଭୂତ ହେଉଛି।

ନଦୀ ସଂଯୋଗୀକରଣ ଦାବି ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ୨୦୦୭ ନଭେମ୍ବର ୩ରେ ବିଶାଳ କୃଷକ ରାଲି ଓ ସମାବେଶ ଛତ୍ରପୁରରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ରାଜ୍ୟରେ ମେଣ୍ଟ ଶାସନ ଚାଲିଥିଲା। ଭାଜପାର ମନ୍ତ୍ରୀମାନେ ଯୋଗ ଦେଇଥିଲେ ଓ ସଂଯୋଗୀକରଣ ନିମନ୍ତେ ଗର୍ଜନ କରିଥିଲେ। ଏହାର ୧୭ ବର୍ଷ ବିତିବାକୁ ଯାଉଛି ଏବଂ ଯୋଜନା ଆନ୍ଦୋଳନରେ ସୀମିତ ରହିଯାଇଛି। ବିଡ଼ମ୍ବନାର ବିଷୟ ରାମ ପଣ୍ଡା ବିଜେଡିରେ ମିଶିବା ପରେ ନବୀନ ସରକାର ତାଙ୍କୁ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ କରି ଗୁରୁ ଦାୟିତ୍ୱ ଦେଇଥିଲେ। ତେବେ ପଣ୍ଡା ନଦୀ ସଂଯୋଗୀକରଣ ଯୋଜନାକୁ ଆଗେଇ ପାରିନଥିଲେ। ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ରାମ ପଣ୍ଡା ବିଜେଡି ଛାଡ଼ି ପୁଣି ଭାଜପାକୁ ଫେରିଛନ୍ତି।

କନ୍ଧମାଳ ଓ ଗଞ୍ଜାମ ସୀମା ଋଷିମାଳ ପର୍ବତରୁ ସୃଷ୍ଟି ଋଷିକୂଲ୍ୟା ସୋରଡ଼ା, ଧରାକୋଟ, ଆସିକା, କବିସୂର୍ଯ୍ୟନଗର, ହିଞ୍ଜିଳି ଓ ପୁରୁଷୋତ୍ତମପୁର ଏବଂ ଗଞ୍ଜାମ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହେଉଛି। ସେଠାରୁ ବଙ୍ଗୋପସାଗରରେ ମିଶିଯାଉଛି। ବ୍ରିଟିଶ ଶାସନରେ ଋଷିକୂଲ୍ୟା ନଦୀର ଧରାକୋଟ ନିକଟରେ ଜାନିବିଲି ଆନିକଟ ନିର୍ମିତ ହୋଇଥିଲା। ସେହି ଡ୍ୟାମରୁ ବ୍ରହ୍ମପୁର ସମେତ ଅନେକ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ହେଉଛି। ନିୟମିତ ବାଲି ଚୋରାଚାଲାଣ ଯୋଗୁ ଜଳ କ୍ଷମତା କମି ଯାଉଥିବା ପରିବେଶବିତଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ରୋକିବା ଦିଗରେ କଡ଼ା ପଦକ୍ଷେପ ନିଆଯାଉନଥିବାରୁ କ୍ରମଶଃ ସ୍ଥିତି ସଂଗୀନ ହେବାରେ ଲାଗିଛି।

ଇତିମଧ୍ୟରେ ସରକାର ସୋରଡ଼ା ନିକଟ ଋଷିକୂଲ୍ୟାର ଉପର ମୁଣ୍ଡରେ ଶିଳ୍ପ ସଂସ୍ଥାକୁ ପାଣି ଯୋଗାଇବା ଲାଗି ପିପଲପଙ୍କା ଡ୍ୟାମ ନିର୍ମାଣ ପାଇଁ ଯୋଜନା କରିଛନ୍ତି। ଭଞ୍ଜନଗର ଜଳ ସମ୍ପଦ ବିଭାଗ ଦ୍ୱାରା ପ୍ରସ୍ତୁତ ନକ୍ସା ନିମନ୍ତେ ଆବଶ୍ୟକ ୧୦୦୦ରୁ ଅଧିକ କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ଏହା କାର୍ଯ୍ୟକାରୀ ହେଲେ କୃଷି କାର୍ଯ୍ୟକ୍ରମ ଲାଗି ସମସ୍ୟା ହେବ ଏବଂ ଅନେକ ଆଦିବାସୀ ଗ୍ରାମଗୁଡ଼ିକ ବୁଡ଼ିବ ଓ ଶତାଧିକ ପରିବାର ବିସ୍ଥାପିତ ହେବେ। ତେଣୁ ପିପଲପଙ୍କା ପରିବର୍ତ୍ତେ ଋଷିକୂଲ୍ୟା ଓ ମହାନଦୀ ସଂଯୋଗ ନିମନ୍ତେ ଦାବି ଉଠିଛି। ସରକାର ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି।

# ପିଆଜ ଦରବୃଦ୍ଧିରେ ଲଗାମ କଷିବେ ସରକାର

ଭୁବନେଶ୍ୱର,୨୫।୫(ଅନୁରାଧା ମହାରଣା)



ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟର ପନିପରିବା ବଜାରରେ ପିଆଜ ଦର ବୃଦ୍ଧି ପାଉଛି। ବିଭନ୍ନ ରାଜ୍ୟରେ ପିଆଜ କିଲୋଗ୍ରାମ ପ୍ରତି ପ୍ରାୟ ୫୦ରୁ ୬୦ ଟଙ୍କାରେ ପହଞ୍ଚିଲାଣି। ଯଦିଓ ଅନେକ କ୍ଷେତ୍ରରେ ସ୍ଥାନୀୟ କାରଣରୁ ପିଆଜ ମୂଲ୍ୟ ବୃଦ୍ଧି ପାଉଛି ମାତ୍ର ସାଧାରଣ ଲୋକଙ୍କୁ ଏହି ଖର୍ଚ୍ଚ ବହନ କରିବା କଷ୍ଟକର ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ବର୍ଷାଋତୁରେ ପିଆଜ ଦର ଆକାଶଛୁଆଁ ହେବ ବୋଲି ଆଶଙ୍କା କରାଯାଉଛି। ସରକାରୀ ସୂଚନାନୁଯାୟୀ ମହାରାଷ୍ଟ୍ର, କର୍ନାଟକ ଏବଂ ଆନ୍ଧ୍ରପ୍ରଦେଶ ଭଳି ପ୍ରମୁଖ ଉତ୍ପାଦନକାରୀ ରାଜ୍ୟରେ ସ୍ୱଳ୍ପ ଉତ୍ପାଦନ ରେକର୍ଡ କରାଯାଇଛି। ଏହି କାରଣରୁ ବିଶ୍ୱର ବୃହତ୍ତମ ପିଆଜ ରପ୍ତାନିକାରୀ ଭାରତର ଉତ୍ପାଦନ ୨୦୨୩-୨୪ ରେ ୧୬ ପ୍ରତିଶତ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏଥର ପିଆଜ ଉତ୍ପାଦନ ୨ କୋଟି ୫୪.୭ ଲକ୍ଷ ଟନ୍ ହେବ ବୋଲି ଆଶା କରାଯାଉଛି ଯାହାର ପରିମାଣ ପୂର୍ବ ଅପେକ୍ଷା କମ୍ ।

ତେବେ ପିଆଜ ଦରରେ ଲଗାମ ଲଗାଇବା ଦିଗରେ ସରକାରୀ ଅଧିକାରୀ ବଡ଼ ସୂଚନା ଦେଇଛନ୍ତି। ଚଳିତ ବର୍ଷ ୧ ଲକ୍ଷ ଟନ୍ ବଫର ଷ୍ଟକ୍ ସୃଷ୍ଟି କରିବାକୁ ପିଆଜର ବିକିରଣ ପ୍ରକ୍ରିୟାକରଣକୁ ସରକାର ଯଥେଷ୍ଟ ବୃଦ୍ଧି କରିବାକୁ ଯୋଜନା କରୁଥିବା ସୂଚନା ରହିଛି। ଏହି ପଦକ୍ଷେପ ମାଧ୍ୟମରେ ସରକାର ପିଆଜର ଦର ବୃଦ୍ଧି ବନ୍ଦ କରିବାକୁ ଚାହୁଁଛନ୍ତି। ଖାଦ୍ୟ ସାମଗ୍ରୀ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ବୋଲି ବିବେଚନା କରାଯାଉଛି ଏବଂ ଏହାର ଅଭାବ ଏଡ଼ାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖବର ସାମ୍ନାକୁ ଆସୁଛି । ଏନେଇ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ସଚିବ ନିଧି ଖରେ କହିଛନ୍ତି , ପିଆଜ ସଂରକ୍ଷଣ କିମ୍ବା ହୋର୍ଡିଂ ହେତୁ ତଥା ଯୋଗାଣରେ ସମସ୍ୟା ହେତୁ ମୂଲ୍ୟ ଅସ୍ଥିରତା ଦେଖାଯାଏ। ଏହାକୁ ରୋକିବା ପାଇଁ ସରକାର ପିଆଜର ସ୍ୱଜୀବନ(ସେଲ୍ଫ ଲାଇଫ୍) ବଢ଼ାଇବା ପାଇଁ ବହୁ ପରିମାଣରେ ରେଡିଏଶନ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ଯୋଜନା କରୁଛନ୍ତି। ଏନେଇ ୫୦ଟି ବିକିରଣ କେନ୍ଦ୍ର ଚିହ୍ନଟ କରାଯାଉଛି। ଯଦି ଏହା ସଫଳ ହୁଏ, ତେବେ ଚଳିତ ବର୍ଷ ୧ ଲକ୍ଷ ଟନ ବିକିରଣ ପ୍ରକ୍ରିୟାକୃତ ପିଆଜ ଗଚ୍ଛିତ କରିବାରେ ସକ୍ଷମ ହେବେ ବୋଲି କେନ୍ଦ୍ର ଆଶା ରଖିଛି। ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ସରକାରୀ ଏଜେନ୍ସି ନାଫେଡ୍ ଏବଂ ଏନ୍‌ସିସିଏଫ୍‌କୁ ନୂଆ ରେଡିଏଶନ୍ ଫ୍ୟାସିଲିଟି ସନ୍ଧାନ କରିବାକୁ ପରାମର୍ଶ ଦେଇଛି। ବଫର ଷ୍ଟକ୍ ସୃଷ୍ଟି କରିବାକୁ ଏହି ଏଜେନ୍ସିଗୁଡ଼ିକ ଚଳିତ ବର୍ଷ ୫ ଲକ୍ଷ ଟନ୍ ପିଆଜ କିଣୁଛନ୍ତି। ସୋନିପତ, ଠାଣେ, ନାସିକ ଏବଂ ମୁମ୍ବାଇ ଭଳି ପ୍ରମୁଖ ଉପଭୋକ୍ତା କେନ୍ଦ୍ରଗୁଡ଼ିକରେ ରେଡିଏଶନ ସେଣ୍ଟର ଉପଲବ୍ଧ କରାଇବା ପାଇଁ ଯୋଜନା ରହିଛି। ଖରେ ଏହା ମଧ୍ୟ କହିଛନ୍ତି, ବଫର ଷ୍ଟକ୍‌ଗୁଡ଼ିକର ଶୀଘ୍ର ପରିବହନକୁ ସୁଗମ କରିବା ପାଇଁ ପ୍ରମୁଖ ରେଳ ହବ୍‌ରେ ନିୟନ୍ତ୍ରିତ ପରିବେଶ ସଂରକ୍ଷଣ ସୁବିଧା ସ୍ଥାପନ କରିବାକୁ ମନ୍ତ୍ରଣାଳୟ ବିଚାର କରୁଛି। ଗତ ବର୍ଷ ମହାରାଷ୍ଟ୍ରର ଉତ୍ପାଦନ କ୍ଷେତ୍ର ନିକଟରେ ୧୨୦୦ ଟନ୍ ଅଳ୍ପ ପରିମାଣରେ ପିଆଜର ବିକିରଣ ପ୍ରକ୍ରିୟାକରଣ କରାଯାଇଥିଲା ।

# ଫ୍ଲିପ୍‌କାର୍ଟର ନୂତନ ଅଭିଯାନ

ଭୁବନେଶ୍ୱର,୨୫।୫

ଦେଶର ଅଗ୍ରଣୀ ଇ-କମର୍ସ ପ୍ଲାଟ୍‌ଫର୍ମ ଫ୍ଲିପ୍‌କାର୍ଟର ନୂତନ ଅଭିଯାନ 'ଅଡିଓ ପ୍ରଡକ୍ଟ'ରେ ଗ୍ରାହକ ନୋ-କଷ୍ଟ ଇଏମ୍ଆଇ ବିକଳ୍ପ ଓ ସ୍ୱତନ୍ତ୍ର ଅଫର ସମେତ ଅତୁଳନୀୟ ମୂଲ୍ୟ ଏବଂ ଡିଲ୍ ସହ ପ୍ରମୁଖ ବ୍ରାଣ୍ଡର ଅଡିଓ ପ୍ରଡକ୍ଟଗୁଡ଼ିକୁ ସୁଲଭ ମୂଲ୍ୟରେ ପ୍ଲାଟ୍‌ଫର୍ମରୁ ଏକ ବିସ୍ତୃତ ସମ୍ଭାର ଚୟନ କରିପାରିବେ। ଏପରିକି ବୋଟ୍ ଏୟାରଡୋପ୍‌ସ ୨୦୦ପ୍ଲସ୍ ଓ ବୋଲ୍ଟ ଜେଡ୍୪୦ ପ୍ରୋ, ମୋଟୋ ବଡ୍‌ସ+ ଏବଂ ଏଲ୍‌ଡିଏସି ଓ ଏଲ୍‌ଏଚ୍‌ଡିସି ସହ ନଥିଙ୍ଗ ଇୟର ୨୪-ବିଟ୍ ହାଇ-ରେସ୍ ଅଡିଓ ରିଅଲ୍‌ମି ଏୟାର ୫, ୱାନ୍‌ପ୍ଲସ୍ ନର୍ଡ ବଡ୍‌ସ ୨ ଓ ସିଏମ୍‌ଏଫ୍ ବାଏ ନଥିଙ୍ଗ ବଡ୍‌ସଗୁଡ଼ିକ ଉପଲବ୍ଧ। ଏହି ସମସ୍ତ ବଡ୍‌ସରେ ବାହାରର ବିଭ୍ରାନ୍ତକୁ ରୋକିବା ପାଇଁ ନଏଜ୍ କ୍ୟାନ୍ସେଲେଶନ ଟେକ୍ନୋଲୋଜି ରହିଛି। ଯଥା ରିଅଲ୍‌ମି ଏୟାର ୫ରେ ସର୍ବାଧିକ ୫୦ଡିବି, ସିଏମ୍‌ଏଫ୍ ବାଏ ନଥିଙ୍ଗରେ ୪୨ଡିବି ଓ ୱାନ୍‌ପ୍ଲସ୍ ନର୍ଡ ବଡ୍‌ସ ୨ରେ ୨୫ଡିବିର ନଏଜ କ୍ୟାନ୍ସେଲେଶନ ସାମିଲ ସହ ଏଗୁଡ଼ିକର ବ୍ୟାଟେରି ଲାଇଫ୍ ମଧ୍ୟ ଉନ୍ନତ ରହିଛି।

# ୩୮.୨୩୮ କୋଟିର ନୂଆ ପ୍ରିମିୟମ

ଭୁବନେଶ୍ୱର,୨୫।୫

SBI Life
Apne liye. Apno ke liye.

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ୨୦୨୩-୨୪ ଆର୍ଥିକ ବର୍ଷରେ ୨୯% ବୃଦ୍ଧି ସହ ୩୮,୨୩୮କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ପଞ୍ଜୀକରଣ କରିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ପ୍ରିମିୟମ ୨୯,୫୮୯କୋଟି ଟଙ୍କା ଥିଲା। ତେବେ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ସିଙ୍ଗଲ ପ୍ରିମିୟମ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪୪% ବୃଦ୍ଧି ପାଇଛି। ଏସ୍‌ବିଆଇ ଲାଇଫ୍‌ର ସୁରକ୍ଷା ନୂତନ ବ୍ୟବସାୟ ପ୍ରିମିୟମ ୨୦୨୩-୨୪ ଆର୍ଥିକ ବର୍ଷରେ ୧୫% ବୃଦ୍ଧି ହୋଇ ୪୧୬୫ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ଏହି ଅବଧିରେ ୯୫୧ କୋଟି ଟଙ୍କା ରହିଥିବା ବେଳେ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ୧୪% ବୃଦ୍ଧି ହୋଇ ୨୩,୮୩୨ କୋଟି ଟଙ୍କା ରହିଛି। ଏସ୍‌ବିଆଇ ଲାଇଫ୍‌ର ଟିକସ ପରବର୍ତ୍ତୀ ଲାଭ ୨୦୨୩-୨୪ରେ ୧୮୯୪ କୋଟି ଟଙ୍କା ରହିଥିବା ବେଳେ କମ୍ପାନୀର ସଲ୍‌ଭେନ୍ସି ଅନୁପାତ ୧.୯୬ ରହିଛି, ଯାହା ୧.୫୦ର ନିୟାମକ ଆବଶ୍ୟକତା ବିରୋଧରେ କମ୍ପାନୀର ଦୃଢ଼ ସ୍ଥିତିକୁ ପ୍ରତିଫଳନ କରୁଛି। ଏସ୍‌ବିଆଇ ଲାଇଫ୍‌ର ଏୟୁଏମ୍ ଏହି ଆର୍ଥିକ ବର୍ଷରେ ୨୭% ବୃଦ୍ଧି ସହ ୩୮,୯୨୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଯାହା ୨୦୨୨-୨୩ ଆର୍ଥିକ ବର୍ଷରେ ୩୦୭,୩୩୯ କୋଟି ଟଙ୍କା ଥିଲା। କମ୍ପାନୀର ୩୧୬,୦୩୮ ଜଣ ପ୍ରଶିକ୍ଷିତ ଇନ୍‌ସ୍ୟୁରାନ୍ସ ପ୍ରଫେସନାଲଙ୍କର ଏକ ବିବିଧ ବିତରଣ ନେଟ୍‌ୱର୍କ ଏବଂ ଦେଶବ୍ୟାପୀ ୧୦୪୦ କାର୍ଯ୍ୟାଳୟ ସହ ବିସ୍ତୃତ ଉପସ୍ଥିତି ରହିଛି । କମ୍ପାନୀ ବ୍ୟାଙ୍କ ଆସ୍ୟୁରାନ୍ସର ମଜଭୁତ ଚ୍ୟାନେଲ, ଏଜେନ୍ସି ଚ୍ୟାନେଲ ଏବଂ କର୍ପୋରେଟ୍ ଏଜେଣ୍ଟ, ବ୍ରୋକର, ପଏଣ୍ଟ ଅଫ୍ ସେଲ୍ ପର୍ସନ୍‌ସ (ପିଓଏସ୍), ଇନ୍ସୁରାନ୍ସ ମାର୍କେଟିଂ ଫାର୍ମ, ୱେବ୍ ଆଗ୍ରିଗେଟର ଓ ପ୍ରତ୍ୟକ୍ଷ ବ୍ୟବସାୟର ସ୍ୱତନ୍ତ୍ର ଉପଯୋଗ ମାଧ୍ୟମରେ ଉତ୍ତମ ସମାଧାନ ପ୍ରଦାନ କରୁଛି।

# ବଜାଜ୍ ଫିନ୍‌ସର୍ଭ ମଲ୍ଟି ଆସେଟ ଆଲୋକେଶନ ଫଣ୍ଡ୍

ଭୁବନେଶ୍ୱର,୨୫।୫

ବଜାଜ୍ ଫିନ୍‌ସର୍ଭ ଆସେଟ୍ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ନୂତନ ଉତ୍ପାଦ 'ବଜାଜ୍ ଫିନ୍‌ସର୍ଭ ମଲ୍ଟି ଆସେଟ ଆଲୋକେଶନ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ହେଉଛି, ଏକ ଓପନ୍-ଏଣ୍ଡେଡ୍ ସ୍କିମ୍, ଯାହା ନିବେଶକମାନଙ୍କୁ ଏକ ବହୁମୁଖୀ ନିବେଶ ମାଧ୍ୟମ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଫଣ୍ଡ୍ ଉଚ୍ଚ ଲାଭାଂଶ ଅମଳ ରଣନୀତି ସହିତ ଇକ୍ୱିଟି, ଉନ୍ନତ ସମୟ ପରିଚାଳନା ସହ ଋଣ, ସାମଗ୍ରୀ, ରିଅଲ ଇଷ୍ଟେଟ୍ ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ (ଆର୍‌ଇଆଇଟି) କିମ୍ବା ଇନ୍‌ଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ (ଆଇଏନ୍‌ଭିଆଇଟି) ସମେତ ବିଭିନ୍ନ ସମ୍ପତ୍ତି ଶ୍ରେଣୀ ପାଇଁ ଏକ୍ସପୋଜର ଦେଉଛି। ବଜାଜ୍ ଫିନ୍‌ସର୍ଭ ମଲ୍ଟି ଆସେଟ୍ ଆଲୋକେଶନ ଫଣ୍ଡ ଭିନ୍ନ ଭିନ୍ନ ଆବଣ୍ଟନ ସହ ବିଭିନ୍ନ ସମ୍ପତ୍ତି ଶ୍ରେଣୀରେ ନିବେଶ କରିଥାଏ। ଏହା ୩୫%ରୁ ୮୦% ମଧ୍ୟରେ ଏକ ଇକ୍ୱିଟି ଆବଣ୍ଟନ ସହ ଏକ ବିବିଧ ପୋର୍ଟଫୋଲିଓ ବଜାୟ ରଖିଛି। ଏକ ଲାଭାଂଶ ଅମଳ ରଣନୀତି, ମଲ୍ଟି-ଥିମ୍ ଓ ମଲ୍ଟି-ସେକ୍ଟର ଓ ମଲ୍ଟି-କ୍ୟାପ୍ ଆଭିମୁଖ୍ୟ ନିୟୋଜିତ କରିଛି।ଏ ସମ୍ପର୍କରେ ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, ବଜାଜ ଫିନ୍‌ସର୍ଭ ମଲ୍ଟି ଆସେଟ୍ ଆଲୋକେଶନ ଫଣ୍ଡ ନିବେଶକଙ୍କୁ ଏକ ଏକକ ନିବେଶ ମାର୍ଗ ମାଧ୍ୟମରେ ଏକାଧିକ ସମ୍ପତ୍ତି ଶ୍ରେଣୀ ପାଇଁ ପହଞ୍ଚ ହାସଲ କରିବା ଲାଗି ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଛି। ଏହା ହେଉଛି ଲାଭାଂଶ ଅମଳ ରଣନୀତି ପ୍ରଦାନ କରୁଥିବା ଭାରତର ପ୍ରଥମ ମଲ୍ଟି ଆସେଟ୍ ଫଣ୍ଡ ଯାହା ନିବେଶକଙ୍କୁ ସ୍ଥିରତା ଓ ଅଭିବୃଦ୍ଧିର ଏକ ମିଶ୍ରଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଆମର ଲକ୍ଷ୍ୟ ହେଉଛି ଏକ ସାମଗ୍ରିକ ପୋର୍ଟଫୋଲିଓ ପ୍ରଦାନ କରିବା ଯାହା ବିଭିନ୍ନ ବଜାର ପରିସ୍ଥିତିର ମୁକାବିଲା କରିପାରୁଥିବ ଓ ନିରନ୍ତର ରିଟର୍ନ ଦେଇପାରୁଥିବ।

ଏହି ନୂଆ ଫଣ୍ଡ୍ ଅଫର ପ୍ରାରମ୍ଭିକ ସବ୍‌ସ୍କ୍ରିପଶନ ୨୦୨୪ ମେ ୨୭ରେ ବନ୍ଦ ହେବ। ଏହାପରେ ଏହା ୨୦୨୪ ଜୁନ୍ ୬ କିମ୍ବା ତା' ପୂର୍ବରୁ ବିଦ୍ୟମାନ ଆଧାରରେ ସବ୍‌ସ୍କ୍ରିପଶନ ପାଇଁ ଖୋଲା ରହିବ।

# ଜୟ ଆଲୁକ୍କାସ୍‌ର ହ୍ୟୁଷ୍ଟନ୍ ଆଉଟ୍‌ଲେଟ୍ ପୁନଃ ଉଦ୍‌ଘାଟିତ




ଭୁବନେଶ୍ୱର,୨୫।୫ (ଅଭୟ ଦାଶ)

## ଆମେରିକା ହ୍ୟୁଷ୍ଟନ୍ ଶୋ'ରୁମ୍‌ର ନବୀକରଣ

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଅନ୍ତଃରାଷ୍ଟ୍ରୀୟ ଗହଣା ବ୍ରାଣ୍ଡ୍ 'ଜୟ ଆଲୁକ୍କାସ'ର ଆମେରିକାସ୍ଥିତ ହ୍ୟୁଷ୍ଟନ୍‌ଠାରେ ଥିବା ଆଉଟ୍‌ଲେଟର ପୁନଃ ଉଦ୍‌ଘାଟନ ନିକଟରେ ହୋଇଯାଇଛି। ଏପରିକି ଆମେରିକାର ଟେକ୍ସାସ୍ଥିତ ହ୍ୟୁଷ୍ଟନ୍ ଶୋ'ରୁମ୍(ଆଉଟ୍‌ଲେଟ)ର ନବୀକରଣ ବିଶ୍ୱସ୍ତରୀୟ ମାନର ହୋଇଥିବାବେଳେ ଏଠାରେ ବ୍ରାଣ୍ଡର ସମସ୍ତ ଡିଜାଇନ ଓ କଲେକ୍ସନ ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ (ଉତ୍ସବ)ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଫୋର୍ଟ ବେଣ୍ଡ କାଉଣ୍ଟି ଜଜ୍ କେ.ପି. ଜର୍ଜ ଏବଂ କାଉଣ୍ଟି କୋର୍ଟ ଆଇନ ୩ର ପ୍ରିଜାଇଡିଂ ଜଜ୍ ଜୁଲି ମାଥ୍ୟୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଆଲୁକ୍କାସ୍ ସମୂହର ଚେୟାରମ୍ୟାନ୍ ଜୟ ଆଲୁକ୍କାସ୍‌ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ଶୋ'ରୁମ୍ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ସମୂହର ଚେୟାରମ୍ୟାନ୍ ଜୟ ଆଲୁକ୍କାସ କହିଥିଲେ, ହ୍ୟୁଷ୍ଟନ୍‌ଠାରେ ଆମର ନବୀକରଣ ହୋଇଥିବା ଶୋ'ରୁମ୍‌ର ପୁନଃ ଉଦ୍‌ଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ।

# ଏପିବିର ବିଜ୍‌ନେସ୍ ସଲ୍ୟୁଶନ ସୁଇଟ୍

ଭୁବନେଶ୍ୱର,୨୫।୫

ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ (ଏପିବି)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ବିଜ୍‌ନେସ୍ ସଲ୍ୟୁଶନ ସୁଇଟ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହାକୁ ଦେଶବ୍ୟାପୀ କମ୍ପାନୀର ମର୍ଚ୍ଚାଣ୍ଟ ପାର୍ଟନର ବା ବ୍ୟବସାୟ ସହଯୋଗୀମାନଙ୍କ ପାଇଁ ବ୍ୟାଙ୍କିଙ୍ଗ୍ ଓ ପେମେଣ୍ଟ ଅନୁଭୂତିକୁ ବୈପ୍ଳବିକ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଅଭିନବ ଶୃଙ୍ଖଳା ବାଧାମୁକ୍ତ ଭାବେ ବ୍ୟାଙ୍କିଙ୍ଗ୍ ଓ ପେମେଣ୍ଟ କାର୍ଯ୍ୟଗୁଡ଼ିକୁ ଗୋଟିଏ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମରେ ଏକତ୍ରିତ କରୁଛି, ଯାହା ବ୍ୟବସାୟୀ ସହଯୋଗୀମାନଙ୍କୁ ଅତୁଳନୀୟ ସୁବିଧା ଓ ଦକ୍ଷତା ପ୍ରଦାନ କରୁଛି।

ଏକ ପ୍ଲାନ୍ ମଧ୍ୟରେ ସୁସଜ୍ଜିତ ଏହି ସାଉଣ୍ଡ ବକ୍ସ ମାଗଣା ବୀମା ଲାଭ ପ୍ରଦାନ କରୁଛି। ଏହିଶୃଙ୍ଖଳାରେ ବ୍ୟବସାୟୀମାନେ ବ୍ୟାଙ୍କର ବିଶ୍ୱସନୀୟ ସହଯୋଗୀଙ୍କ ନିକଟରେ ଋଣ ପାଇଁ ଆବେଦନ କରିପାରିବେ।

ଏପିବି ପକ୍ଷରୁ ସାଉଣ୍ଡବକ୍ସର ଶୁଭାରମ୍ଭ କରାଯାଇଛି, ଯାହାକୁ ମର୍ଚ୍ଚାଣ୍ଟ ଶପ୍‌ଗୁଡ଼ିକରେ କ୍ୟୁଆର୍ କୋଡ୍ ମାଧ୍ୟମରେ କରାଯାଇଥିବା ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପାଇଁ ସ୍ପଷ୍ଟ ଅଡିଓ ନୋଟିଫିକେଶନ ପ୍ରଦାନ କରିବା ଲାଗି ଡିଜାଇନ କରାଯାଇଛି। ଏପରିକି ବ୍ୟବସାୟୀମାନେ ପେମେଣ୍ଟ୍ କନ୍‌ଫର୍ମେଶନ ବା ନିଶ୍ଚିତତା ପାଇଁ ଏକାଧିକ ଭାଷା ମଧ୍ୟରୁ ଚୟନକରି ନିଜର ଅନୁଭୂତିକୁ ପର୍ସନାଲାଇଜ କରିପାରିବେ। ବର୍ତ୍ତମାନ ସାଉଣ୍ଡବକ୍ସ କେବଳ ହିନ୍ଦୀ ଓ ଇଂରାଜୀ ଭାଷା ପାଇଁ ବିକଳ୍ପ ପ୍ରଦାନ କରୁଛି। ଖୁବ୍‌ଶୀଘ୍ର ଏହା ୯ଟି ଭାଷାର ବିକଳ୍ପ ପ୍ରଦାନ କରିବ। ବ୍ୟାଙ୍କ ପକ୍ଷରୁ ହାର୍ଡୱେୟାର ମାଲ୍‌ଫଙ୍କଶନ ପାଇଁ ୧୨ମାସ ମଧ୍ୟରେ ମାଗଣା ରିପ୍ଲେସ୍‌ମେଣ୍ଟ୍ ସହ ଏହି ସ୍ୱଦେଶୀ ସାଉଣ୍ଡବକ୍ସ ଡୋର୍‌ଷ୍ଟେପ୍ ଇନଷ୍ଟଲେଶନ ସୁବିଧା ଦିଆଯାଉଛି।

ଏ ସମ୍ପର୍କରେ ଏପିବିର ଏମ୍‌ଡି ଓ ସିଇଓ ଅନୁବ୍ରତ ବିଶ୍ୱାସ କହିଛନ୍ତି, ଆମେ ଆମର ନୂତନ ପ୍ରକଳ୍ପ ବିଜ୍‌ନେସ୍ ସଲ୍ୟୁଶନ ସୁଇଟ୍‌ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହା ହେଉଛି ବାସ୍ତବରେ ଏକ ଅଭିନବ, ଭିନ୍ନ ଓ ପ୍ରାସଙ୍ଗିକ ଉତ୍ପାଦ ଯାହାକୁ ଆମର ବ୍ୟବସାୟୀ ସହଯୋଗୀମାନଙ୍କ ବ୍ୟାଙ୍କିଙ୍ଗ୍ ଓ ପେମେଣ୍ଟ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି।

# ଉତ୍କଳ ହୋଣ୍ଡାର ସ୍ମାର୍ଟ ୱାର୍କଶପ୍

ଭୁବନେଶ୍ୱର,୨୫।୫



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ନୂତନ ଅଭିଯାନ 'ସ୍ମାର୍ଟ ୱାର୍କଶପ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଗ୍ରାହକଙ୍କୁ ଗୁଣାତ୍ମକ ଓ ବିକ୍ରିପରବର୍ତ୍ତୀ ସେବା (ସର୍ଭିସିଂ) ଯୋଗାଇଦେବା ପାଇଁ କମ୍ପାନୀ ପକ୍ଷରୁ ଏଭଳି ଏକ ସୁବିଧାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକର କ୍ୟାଣ୍ଟେନମେଣ୍ଟରୋଡ୍‌ସ୍ଥିତ ଉତ୍କଳ ହୋଣ୍ଡା ପରିସରରେ ନିର୍ମିତ ସ୍ମାର୍ଟ ୱାର୍କଶପ୍‌ର ଅନାବରଣ କରାଯାଇଛି। ଏହି ଅବସରରେ ଏଚ୍‌ଏମ୍‌ଏସ୍‌ଆଇର ସଭାପତି ଟାକୁୟା ତ୍ସୁମୁରା ସାନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ସହ ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁତ୍ସୁମୁ ଓଟାନି ଶାନ୍, ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର ଶାନ୍‌ଙ୍କ ସମେତ ଉତ୍କଳ ଅଟୋ (ଉତ୍କଳ ହୋଣ୍ଡା) କଟକର ଏମ୍‌ଡି ଅଖିଳ ପୋଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ ଉତ୍କଳ ହୋଣ୍ଡା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବରୁ ବୁକିଂ କରିଥିବା ଗ୍ରାହକ କମ୍ପାନୀର ବିଭିନ୍ନ ମଡେଲର ଚାବି ହୋଣ୍ଡାର ସଭାପତିଙ୍କଠାରୁ ଗ୍ରହଣ କରିଥିଲେ। ଏପରିକି ଶୋ'ରୁମ୍‌ର ଶ୍ରେଷ୍ଠ କର୍ମଚାରୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ସମ୍ମାନିତ କରିଥିଲେ।

# ଆଜି ସରିବ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ

ଭୁବନେଶ୍ୱର,୨୫।୫

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ' ରବିବାର ବିଧିବଦ୍ଧ ଭାବେ ଶେଷ ହେଉଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ଇତିମଧ୍ୟରେ ୯୩ ଦିନ ଅତିକ୍ରମ କରିସାରିଛି। ଏପରିକି ମେଳାର ଚାହିଦା ଓ ବଜାର (ପ୍ରଦର୍ଶନୀ)ର ଆବଶ୍ୟକତାକୁ ଆଖି ଆଗରେ ରଖି ମେଳାର ଅବଧିକୁ ଶେଷ ଥର ପାଇଁ ୨୦୨୪ ମେ ୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ପୂର୍ବରୁ ୨ ଥର ମେଳାର ଅବଧି ବୃଦ୍ଧି କରାଯାଇଥିଲା। ସେହିଭଳି ମେଳାର କାରବାର ଉତ୍ସାହଜନକ ରହିଥିବାରୁ ବ୍ୟବସାୟୀ ଓ ବୁଣାକାର ସମିତିଗୁଡ଼ିକ ପକ୍ଷରୁ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡିକର ବ୍ୟାପକ ସମ୍ଭାର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି ବୋଲି ମେଳାର ଆୟୋଜକ ଓ ବ୍ୟବସାୟୀମାନେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ସନ୍ଧ୍ୟା ହେଲେ ସହରବାସୀ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଭିଡ଼ ଜମାଉଛନ୍ତି। ଏପରିକି ଘର ସାଜସଜ୍ଜା ପାଇଁ ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଷ୍ଟଲ୍‌ରେ ପ୍ରବଳ ଭିଡ଼ ଜମିଛୁ। ଏପରିକି ସୁଲଭ ମୂଲ୍ୟରେ ଗୁଣାତ୍ମକ ହ୍ୟାଣ୍ଡଲୁମ୍ ପୋଷାକର ସମ୍ଭାର ଗ୍ରାହକମାନେ ପାଉଥିବାବେଳେ ବୟନିକା ଷ୍ଟଲ୍ ପକ୍ଷରୁ ମଧ୍ୟ ଆକର୍ଷଣୀୟ ୧୦+୨୦%ର ସ୍ୱତନ୍ତ୍ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।

ସେହିପରି ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ ପ୍ରତ୍ୟହ ଦିବା ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି।

ଉଲ୍ଲେଖଯୋଗ୍ୟ, ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଓଡ଼ିଶାର ବୟନିକା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ ଏବଂ ଜମ୍ମୁ-କାଶ୍ମୀର ଭଳି ରାଜ୍ୟର ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ ବ୍ୟବସାୟୀମାନେ ମୋଟ ୭୫ଟି ଷ୍ଟଲ୍ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଥିବା କାମଧେନୁ ଖଦି ଉଲ୍ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

## ଫୁର୍‌ସତ୍

# ଇନ୍ଦୋରର ସ୍ୱଚ୍ଛତାକୁ ଆମେରିକୀୟ ବ୍ଲଗରଙ୍କ ପ୍ରଶଂସା

ଇନ୍ଦୋର






ଦୀର୍ଘବର୍ଷ ଧରି ଇନ୍ଦୋର ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ନିଜର ପ୍ରଥମ ସ୍ଥାନ ବଜାୟ ରଖିପାରିଛି। ଚଳିତ ବର୍ଷ ଜାନୁଆରୀରେ ମଧ୍ୟ ଇନ୍ଦୋର ଏହି ଟାଇଟେଲକୁ ବଜାୟ ରଖିଛି। ଏହାସହ ଲଗାତର ସପ୍ତମଥର ପାଇଁ ଇନ୍ଦୋର ସ୍ୱଚ୍ଛତା କ୍ଷେତ୍ରରେ ଦେଶର ଅଗ୍ରଣୀ ସହର ହୋଇପାରିଛି। ନିଜର ସୁଚିନ୍ତିତ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ରୂପାନ୍ତରଣ ମାଧ୍ୟମରେ ଇନ୍ଦୋର ଏହି ପରିଚୟ ହାସଲ କରିଛି, ଯାହା କେବଳ ଭାରତର ବିଭିନ୍ନ ସହର ପାଇଁ ନୁହେଁ, ଅନ୍ୟ ଦେଶ ଲାଗି ମଧ୍ୟ ଉଦାହରଣ ପାଲଟିଛି। ଅନେକ ଦେଶ ଇନ୍ଦୋରର ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିଷ୍କାର ପରିଚ୍ଛନ୍ନତା ଦ୍ୱାରା ପ୍ରଭାବିତ ହେଉଛନ୍ତି। ସମ୍ପ୍ରତି ମ୍ୟାକ୍ସ ମ୍ୟାକ୍‌ଫାର୍‌ଲିନ୍ ନାମକ ଜଣେ ଆମେରିକୀୟ ବ୍ଲଗର୍ ଇନ୍ଦୋର ଗସ୍ତରେ ଆସି ଏହାର ସ୍ୱଚ୍ଛତାକୁ ପ୍ରଶଂସା କରିବା ସହ ଏ ସମ୍ପର୍କିତ ଭିଡିଓ ପ୍ରସ୍ତୁତ କରିଛନ୍ତି। ଏହି ଭିଡିଓରେ ସହରର ରାସ୍ତା କଡ଼ରେ ଥିବା ବିଭିନ୍ନ ଷ୍ଟ୍ରିଟ୍ ଫୁଡ୍‌ରେ ଲୋକମାନେ ଖାଉଥିବାବେଳେ ମ୍ୟାକ୍‌ଫାର୍‌ଲିନ୍ ସେଠାକାର ପରିବେଶକୁ ନିଜ କ୍ୟାମେରାରେ କଏଦ କରିଥିଲେ। ସେଠାରେ ଗ୍ରାହକଙ୍କୁ ଷ୍ଟିଲ୍ ପ୍ଲେଟ୍‌ରେ ଖାଦ୍ୟ ପରଷା ଯାଉଥିବା ମ୍ୟାକଫାରଲିନ୍ ତାଙ୍କ ଭିଡିଓରେ ଦର୍ଶାଇଛନ୍ତି। ସେହିପରି ନିକଟରେ ବିଭିନ୍ନ ବର୍ଜ୍ୟବସ୍ତୁ ପକାଇବା ପାଇଁ ଅଲଗା ରଙ୍ଗର ୩ଟି ଡଷ୍ଟବିନ୍ ରଖାଯିବା ସହ ୱାଶ୍-ବେସିନ୍ ମଧ୍ୟ ଉପଲବ୍ଧ ରହିଛି। ଏହି ବେସିନ୍ ବ୍ୟବହାର କରି ଲୋକମାନେ ଖାଦ୍ୟ ଖାଇବା ପରେ ହାତ ଧୋଉଛନ୍ତି। ଇନ୍ଦୋରର କୌଣସି ମଧ୍ୟ ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିଥିଲେ, ସହରବାସୀ ଏହାକୁ ସ୍ୱମୋଟ ତୁରନ୍ତ ସଫା କରି ଦେଉଥିବା ମ୍ୟାକ୍‌ଫାର୍‌ଲିନ୍ ନିଜ ଭିଡିଓରେ କହିଛନ୍ତି। ସେହିପରି ସେ ଭିଡିଓ କରୁଥିବା ସମୟରେ ଜଣେ ବ୍ୟକ୍ତି ରାସ୍ତାରେ ପଡ଼ିଥିବା ଏକ ପ୍ଲେଟ୍‌କୁ ଡଷ୍ଟବିନ୍‌ରେ ପକାଉଥିବା ମଧ୍ୟ ଦେଖିବାକୁ ମିଳିଛି। ମ୍ୟାକ୍‌ଫାର୍‌ଲିନଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଇନ୍ଦୋର ସହରର ସ୍ୱଚ୍ଛତାକୁ ବହୁ ୟୁଜର୍ସ ପସନ୍ଦ କରିବା ସହ ଏପରି ବ୍ୟବସ୍ଥା ସାରା ଦେଶରେ ଲାଗୁ ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି।

# 'ଭୈୟା ଜୀ'ରେ ମନୋଜଙ୍କ ଆକ୍ସନ ଅବତାର

ମୁମ୍ବାଇ



ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ଚମତ୍କାର ଅଭିନୟ ପାଇଁ ମନୋଜ ବାଜପେୟୀ ବେଶ୍ ଜଣାଶୁଣା। ତେବେ ପ୍ରଥମ ଥର ପାଇଁ 'ଭୈୟା ଜୀ' ଫିଲ୍ମରେ ମନୋଜଙ୍କୁ ଆକ୍ସନ ହିରୋ ରୂପେ ଦେଖିବାକୁ ମିଳିଛି। ଏହି ଚଳଚ୍ଚିତ୍ର ଗତ ୨୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ପ୍ରଥମ ଦିନ ଏହି ଫିଲ୍ମ ବକ୍ସ ଅଫିସରେ ଭଲ ବ୍ୟବସାୟ କରିଛି।

'ଭୈୟା ଜୀ' ଫିଲ୍ମରେ ମନୋଜଙ୍କ ଆକ୍ସନ୍ ଅବତାରକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଏହି ଫିଲ୍ମ ରିଲିଜ୍ ହେବା ମାତ୍ରେ ପ୍ରଶଂସକଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ଦେଖାଦେଇଛି। ଅପୂର୍ବ ସିଂ କାର୍କିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମନୋଜଙ୍କୁ ପ୍ରଥମଥର ପାଇଁ ତୀବ୍ର ଆକ୍ସନ ସିନ୍ କରୁଥିବା ଦେଖିବାକୁ ମିଳିବ। ଫିଲ୍ମଟି ପ୍ରଥମ ଦିନ ବକ୍ସ ଅଫିସରେ ଭଲ ବ୍ୟବସାୟ କରିଛି। ଉଦ୍‌ଘାଟନୀ ଦିନ ଏହି ଚଳଚ୍ଚିତ୍ର ୧.୩ କୋଟିରୁ ଅଧିକ ଆୟ କରିଛି। 'ଭୈୟା ଜୀ' ଚଳଚ୍ଚିତ୍ର ମନୋଜଙ୍କ ୧୦୦ ତମ ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ତାଙ୍କ ସହ ସୁବିନ୍ଦର ପାଲ୍ ବିକି, ଜୋୟା ହୁସେନ୍, ବିପିନ୍ ଶର୍ମା ଏବଂ ଯତୀନ ଗୋସ୍ୱାମୀ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ସେହିପରି ଦୀପକ କିଙ୍ଗ୍ରାନି ଏହି ଫିଲ୍ମର କାହାଣୀ ଲେଖିଛନ୍ତି। ଚଳଚ୍ଚିତ୍ରରେ ମନୋଜଙ୍କର ଭାଇଙ୍କୁ ଜଣେ ଶକ୍ତିଶାଳୀ ଓ ବାହୁବଳୀ ବ୍ୟକ୍ତି ହତ୍ୟା କରିଥିବାବେଳେ, ସେ ନିଜ ଭାଇଙ୍କ ମୃତ୍ୟୁର ପ୍ରତିଶୋଧ ନେଉଥିବା ନେଇ ଫିଲ୍ମରେ ନଜର ଆସିବେ।

# ପ୍ରମୁଖ ପ୍ରାର୍ଥୀଙ୍କ ମତଦାନ


ସମ୍ବଲପୁର ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ।


କଟକ ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର।


କଟକ ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ।


ଭୁବନେଶ୍ୱର ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ।


ଢେଙ୍କାନାଳ ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି।


ଆନନ୍ଦପୁର ବିଧାନସଭା ଆସନ କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନା।


ପୁରୀ ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର।


ଭୁବନେଶ୍ୱର ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ।


ସମ୍ବଲପୁର ବିଧାନସଭା ଆସନ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର।


ସମ୍ବଲପୁର ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ।


ଘଷିପୁରା ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର।


କଟକ-ବାରବାଟୀ ବିଧାନସଭା ଆସନ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦୋଶ।


କେନ୍ଦୁଝର ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ।


କେନ୍ଦୁଝର ସଦର ବିଧାନସଭା ଆସନ ଭାଜପା ପ୍ରାର୍ଥୀ ମୋହନ ମାଝି।


କେନ୍ଦୁଝର ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ଅନନ୍ତ ନାଏକ।

## ଅଟୋରେ ଆସି ଭୋଟ ଦେଲେ ପାଣ୍ଡିଆନ




ଭୁବନେଶ୍ୱର, ୨୫।୫(ଅସମାପିକା ସାହୁ)

ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶନିବାର ହୋଇଯାଇଛି। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମତଦାନ ସାବ୍ୟସ୍ତ କରିଛନ୍ତି। ତେବେ ସେ ଅଟୋରେ ଆସି ଭୋଟ୍ ଦେବା କଥାକୁ ନେଇ ଚର୍ଚ୍ଚା ହୋଇଥିଲା। ସୋସିଆଲ ମିଡିଆରେ ଏହି ତାଙ୍କ ଭିଡିଓ ଭାଇରାଲ ହୋଇଥିଲା। ଶନିବାର ସକାଳୁ ସକାଳୁ ଅଟୋରେ ବସି ଭୁବନେଶ୍ୱର ୟୁନିଟ-୬ର ୪୪ ନମ୍ବର ବୁଥରେ ପହଞ୍ଚିଥିଲେ। ସାଧାରଣ ଜନତାଙ୍କ ଭଳି ଲମ୍ବା ଲାଇନରେ ଛିଡ଼ା ହେବା ପରେ ପାଣ୍ଡିଆନ ମତଦାନ ସାବ୍ୟସ୍ତ କରିଛନ୍ତି। ଭୋଟ ଦେବା ପରେ ପ୍ରତିକ୍ରିୟା ଦେଇ ପାଣ୍ଡିଆନ କହିଛନ୍ତି, ସମସ୍ତେ ଆସି ବହୁ ସଂଖ୍ୟାରେ ଭୋଟ ଦିଅନ୍ତୁ ଏବଂ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୁଅନ୍ତୁ। କିଛିଦିନ ତଳେ ଅଟୋ ଚାଳକ ସଂଘକୁ ଭେଟିଥିଲି। ସେମାନଙ୍କ ଅନୁରୋଧ ରକ୍ଷା କରି ଅଟୋରେ ଭୋଟ ଦେବା ପାଇଁ ଆସିଲି। ବହୁତ ଭଲ ଲାଗିଲା। ଆମେ ଛାତ୍ରାବସ୍ଥାରେ ମଧ୍ୟ ଅଟୋରେ ଯିବା ଆସିବା କରୁଥିଲୁ ବୋଲି ପାଣ୍ଡିଆନ କହିଛନ୍ତି।

## ୨୫ ବର୍ଷ ହେଲା ବିଜେଡି ଠକି ଆସୁଛି: ସ୍ମୃତି ଇରାନୀ

ବାଲେଶ୍ୱର, ୨୫।୫(ମାନସ ବିଶ୍ୱାଳ)

ଦୀର୍ଘ ୨୫ବର୍ଷ ହେଲା ବିଜେଡି ସରକାର ଓଡ଼ିଶାବାସୀଙ୍କୁ ଠକି ଆସୁଛି। ନବୀନ ବାବୁ ବହୁ କୋଟି ଟଙ୍କାର ଖଣିଜ ଦ୍ରବ୍ୟ ଦୁର୍ନୀତି କରିଛନ୍ତି। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ହଜିଲା। ଚାବି ପାଇଁ ବସିଥିବା କମଶିନ ରିପୋର୍ଟ ମଧ୍ୟ ହଜିଗଲା। ଏଭଳି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ମହିଳା, ଶିଶୁ ବିକାଶ ଓ ସଂଖ୍ୟାଲଘୁ ବିଭାଗ ମନ୍ତ୍ରୀ ସ୍ମୃତି ଇରାନୀ। ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ହାଟ ପଡ଼ିଆରେ ଭାଜପା ପକ୍ଷରୁ ଶନିବାର ଅପରାହ୍ନରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଥିଲେ, ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି, ଆସନ୍ତା ଜୁନ୍ ୧ ତାରିଖରେ ଭାଜପାକୁ ଭୋଟ୍ ଦିଅନ୍ତୁ। ଚାବି କେଉଁଠି ଗଲା, ତାହାର ଗୁମର ଖୋଲନ୍ତୁ। ଭାଜପା ସରକାର ଆସିଲେ ରତ୍ନଭଣ୍ଡାର ଚାବି ଖୋଜାଯିବ, ତଦନ୍ତ ହେବ। ରତ୍ନଭଣ୍ଡାର ମାମଲାରେ ଯିଏ ସମ୍ପୃକ୍ତ ଥିବ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଖୋଦ୍ ବିଜେଡି ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଦଳର ପୋଲ୍ ଖୋଲୁଛନ୍ତି। ସେ ବିଜେଡିରେ ଥିଲେ, ଭାଜପାକୁ ଆସିଲେ, ଏବେ ପୁଣି ବିଜେଡିକୁ ଗଲେ। ଯାହାର ନିଜର ଠିକଣା ନାହିଁ, ସିଏ ଆପଣଙ୍କ ପାଇଁ କ'ଣ ବୁଝିବେ ବୋଲି କଟାକ୍ଷ କରିଥିଲେ। କରୋନା ସମୟଠାରୁ ଆଜି ପର୍ଯ୍ୟନ୍ତ ମୋଦି ସରକାର ଗରିବଙ୍କୁ ଚାଉଳ ଦେଉଛନ୍ତି। ରାଶନ୍ ଦେବେ ମୋଦି ଆଉ ଫଟୋ ଲଗାଇବେ ନବୀନ। ରାଶନ ଦେବେ ମୋଦି ଏବଂ ବ୍ୟାଗ ଦେବେ ତାମିଲନାଡୁର ଠିକାଦାର ବୋଲି ସ୍ମୃତି ଇରାନୀ କହିଥିଲେ।


ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଉଦ୍‌ବୋଧନ ଦେଉଛନ୍ତି।

### ବାଲେଶ୍ୱରରେ ଭାଜପାର ବିଜୟ୍ ସଂକଳ୍ପ ସମାବେଶ

ଜିଲା ସଭାପତି ଉମାକାନ୍ତ ମହାପାତ୍ର ସମାବେଶରେ ସଭାପତିତ୍ୱ କରିଥିବା ବେଳେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଭାଜପା ସରକାରଙ୍କ ଦ୍ୱାରା ବାଲେଶ୍ୱରରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀଙ୍କୁ ମଧ୍ୟ ଟାର୍ଗେଟ୍ କରି ସେ ଭାଜପାରେ ଥିବାବେଳେ ବିଜେଡି ସରକାରଙ୍କ ବିରୋଧରେ ଯେଉଁସବୁ ମନ୍ତବ୍ୟ ରଖିଥିଲେ ଅଡ଼ିଓ ମାଧ୍ୟମରେ ଉପସ୍ଥିତ ଲୋକମାନଙ୍କୁ ଶୁଣାଇଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ ଦତ୍ତ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାପତି ସିପ୍ରାରେଖା ମହାପାତ୍ର, ବାଲେଶ୍ୱର ଲୋକସଭା କ୍ଷେତ୍ର ସଂଯୋଜକ ଶୁଭଙ୍କର ମହାପାତ୍ର, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ଭୋଟ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୫।୫(ସୁନିତ୍ ମିଶ୍ର)

ଓଡ଼ିଶାର ୩ୟ ପର୍ଯ୍ୟାୟ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ କ୍ୟାମ୍ପସ-୨ର ବୁଥ୍ ନଂ. ୫୯ରେ ଭୋଟ ଦେଇଛନ୍ତି। ତାଙ୍କ ସ୍ତ୍ରୀ ମୃଦୁଳା ଟି ପ୍ରଧାନ ମଧ୍ୟ ଏହିଠାରେ ମତାଧିକାର ସାବ୍ୟସ୍ତ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲହୋଇ ବେଶ୍ ଆନନ୍ଦିତ। ଭାରତର ଗଣତନ୍ତ୍ର ଦୁନିଆର ପ୍ରଭାବଶାଳୀ ଓ ପାରଦର୍ଶୀ ମଧ୍ୟ। ଲୋକତନ୍ତ୍ରରେ ପ୍ରତ୍ୟେକ ଭୋଟ ଗୁରୁତ୍ୱପୂର୍ଣ୍ଣ। ପ୍ରଜାତନ୍ତ୍ରରେ ଭୋଟଠାରୁ ପ୍ରଭାବଶାଳୀ ଆଉ କିଛି ନାହିଁ। ସମ୍ବଲପୁର ଓ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଲୋକଙ୍କ ମଧ୍ୟରେ ବହୁ ଉତ୍ସାହ ରହିଛି। ସମସ୍ତେ ଭୋଟ ଦେବା ସହ ଆମ ଗଣତନ୍ତ୍ରକୁ ଆହୁରି ସଶକ୍ତ କରନ୍ତୁ। ମହିଳା ଓ ଯୁବ ଭୋଟରଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ସେ ନିବେଦନ କରିଛନ୍ତି। ଲୋକମାନେ ଏଥର ପରିବର୍ତ୍ତନ ମୁହାଁ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ନିବେଦନ କରିଛନ୍ତି, ରାଜ୍ୟବାସୀ ତାଙ୍କ ଉପରେ ଆଶୀର୍ବାଦ କରିବେ। ଦେଶରେ ମୋଦିଙ୍କ ନେତୃତ୍ୱରେ ୩ୟ ଥର ଭାଜପା ସରକାର ହେବ। ଓଡ଼ିଶାର ୨୧ରୁ ୨୧ ଲୋକ ସଭା ଆସନ ଭାଜପା ଜିତିବ। ଓଡ଼ିଶାରେ ମଧ୍ୟ ଭାଜପା ବହୁମତ ହାସଲକରି ନୂଆ ସରକାର ଗଠନ କରିବ। ମୋଦି ସରକାରରେ ଗରିବ, ଯୁବକ, ମହିଳା, କୃଷକ, ବଞ୍ଚିତ ବର୍ଗର ଲୋକଙ୍କ କଲ୍ୟାଣ ହେବ।

ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମାଆ ସମଲେଶ୍ୱରୀ ମନ୍ଦିରରେ ପ୍ରଥମେ ଦର୍ଶନ କରିଥିଲେ। ପରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବୁଥ୍‌ରୁ ବୁଥ୍ ବୁଲି ଜନସାଧାରଣ ଓ କାର୍ଯ୍ୟକର୍ତ୍ତାଙ୍କୁ ଭେଟିଥିଲେ। ସମ୍ବଲପୁର ଲୋକ ସଭା ଓ ବିଧାନସଭା ଆସନ ଗୁଡ଼ିକରେ ଭାଜପା ପ୍ରାର୍ଥୀ ବିଜୟୀ ହେବା ନେଇ ଧର୍ମେନ୍ଦ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ବିଧାୟକ ସୁଶାନ୍ତ ବେହେରାଙ୍କୁ ଗିରଫ ଦାବିକଲା ଭାଜପା

ଭୁବନେଶ୍ୱର, ୨୫।୫(ବ୍ୟୁରୋ)

ବିଜେଡି ପରାଜୟ ଭୟରେ ହିଂସା ଘଟାଇବା ଆରମ୍ଭ କରିଛି। ୨୫ ବର୍ଷ ପରେ ଓଡ଼ିଶା ପରିବର୍ତ୍ତନ ମୁହାଁ ହୋଇଛି। ଏଥିରେ ବିଜେଡି ବିଧାୟକ ତଥା ନେତା ବିଚଳିତ ହେବାର ଦେଖିବାକୁ ମିଳୁଛି। ନିର୍ବାଚନ ବୁଥ୍ ବାହାରେ ଚିତ୍କାର କରିବା ସହ କୋଶଳା ପଞ୍ଚାୟତ ଶିମିଳିସାହି ବୁଥ୍‌ରେ ଭାଜପା କର୍ମୀଙ୍କୁ ଅନୁଗୁଳ ଜିଲା ଛେଣ୍ଡିପଦାର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ ବେହେରା ଧକ୍କା ମାରୁଛନ୍ତି ଜନପ୍ରତିନିଧି ଆଇନ ନିର୍ମାତା ହେବା କଥା ହେଲେ ଭୋଟ୍ ପାଇଁ ସେ ଆଇନ ଭାଙ୍ଗିଛନ୍ତି। ଯେଉଁ ଦଳର ବିଧାୟକଙ୍କ ଆଚରଣ ଗୁଣ୍ଡାଙ୍କ ଭଳି ସେ ଦଳର ନେତା ଓ କର୍ମୀଙ୍କ ଆଚରଣ ବା କେମିତି ହେବ। ନିର୍ବାଚନ ସମୟରେ ଶାସକ ଦଳର ନେତାଙ୍କ ହିଂସାର ଏମିତି ମାଳ ମାଳ ଚିତ୍ର ସାମ୍ନାକୁ ଆସିଛି। ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବା ସହ ସୁଶାନ୍ତ ବେହେରାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ରାଜ୍ୟର ୩ୟ ପର୍ଯ୍ୟାୟ ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଜେଡି ସମସ୍ତ କଳବଳ କୌଶଳ ଲଗାଇ ଦେଇଛି। ସୁଶାନ୍ତ ବେହେରାଙ୍କୁ ତୁରନ୍ତ ଗିରଫ କରିବାକୁ ଭାଜପା ପ୍ରତିନିଧିମଣ୍ଡଳୀ ଦାବି କରିଛି।

# ଭୋଟ ଦେଇଥିବା ପ୍ରମୁଖ ବ୍ୟକ୍ତି


ପୁରୀଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ


ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ


ଢେଙ୍କାନାଳରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ


ହରିଆଣାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ


ଢେଙ୍କାନାଳରେ ପୂର୍ବତନ ଏମ୍‌ପି ତଥାଗତ ସତପଥୀ



ଢେଙ୍କାନାଳରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ


ଭୁବନେଶ୍ୱରରେ କେନ୍ଦ୍ରାପଡ଼ା ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା



ଭୁବନେଶ୍ୱରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ

# ବିଜେଡି ଏକ ସ୍ଥିର ସରକାର ଗଢିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୫ (ବନ୍ଦନା ସେଠୀ)**

ରାଜ୍ୟରେ ୩ୟ ପର୍ଯ୍ୟାୟ ମତଦାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟ୍ ଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି। ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏରୋଡ୍ରମ୍ ପ୍ରାଇମେରୀ ସ୍କୁଲର ୧୧୪ ନମ୍ବର ବୁଥ୍‌ରେ ମୁଖ୍ୟମନ୍ତ୍ରୀ ଭୋଟ୍ ଦେଇଥିଲେ। ଗଣତନ୍ତ୍ରର ଏହି ମହାପର୍ବରେ ସମସ୍ତ ଭୋଟର ନିଜ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ସେ ଅପିଲ କରିଥିଲେ। ବୁଥ୍‌ରୁ ବାହାରିବା ପରେ ମୁଖ୍ୟମନ୍ତ୍ରୀ କହିଲେ, ବିଜେଡି ଉଭୟ ବିଧାନସଭା ଓ ଲୋକ ସଭା ଆସନରେ ବିପୁଳ ବିଜୟ ହାସଲ କରିବ ବୋଲି ଆଶା କରୁଛି। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ସମର୍ଥନରେ ବିଜୁ ଜନତା ଦଳ ଏକ ସ୍ଥିର ସରକାର ଗଢିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ପାଖରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ଚାଲିଚାଲି ନିଜ ବୁଥ୍ ପର୍ଯ୍ୟନ୍ତ ଯାଇଥିଲେ। ବାଟରେ ଧାଡ଼ିରେ ଠିଆ ହୋଇଥିବା ଲୋକଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇବା ସହ ଭୋଟ ଦେବାକୁ ଆସିଥିବାରୁ ଧନ୍ୟବାଦ ଦେଇଥିଲେ। ଭୋଟ୍ ଦେବା ପରେ ମୁଖ୍ୟମନ୍ତ୍ରୀ ସେଠାରେ ଥିବା ସେଲ୍‌ଫି କର୍ନର୍‌ରେ ଫଟୋ ମଧ୍ୟ ଉଠାଇଥିଲେ। ଏହାପରେ ବୁଥ୍‌ରୁ ବାହାରି ଲୋକଙ୍କ ସହ ସେଲ୍‌ଫି ମଧ୍ୟ ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଉପସ୍ଥିତ ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା। ସମ୍ପୃକ୍ତ କେନ୍ଦ୍ରରେ ୧୧୩ରୁ ୧୧୭ ପର୍ଯ୍ୟନ୍ତ ୫ଟି ବୁଥ୍‌ରେ ମତଦାନ କରାଯାଇଥିଲା।

# ୩ୟ ପର୍ଯ୍ୟାୟର ୬ ଲୋକ ସଭା ଆସନରେ ଜିତୁଛି: ଭାଜପା

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ୩ୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଓଡ଼ିଶାର ସାଧାରଣ ନାଗରିକ ସରକାର ପରିବର୍ତ୍ତନ କରିବା ପାଇଁ ନିଷ୍ପତି ନେଇଥିବା ଜନମତରୁ ସ୍ପଷ୍ଟ ଜଣାପଡୁଛି। ଜୁନ୍ ୧୦ରେ ଭାଜପା ସରକାର ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ପୁଅ କିମ୍ବା ଝିଅ ହେବେ, ଏଥିରେ କୌଣସି ଦ୍ୱିମତ ନାହିଁ। ନୂତନ ଭୋଟର, ଯୁବପିଢ଼ି ତଥା ମାତୃଶକ୍ତି ଉତ୍ସାହର ସହ ମତଦାନ ସାବ୍ୟସ୍ତ କରିଛନ୍ତି। ଏହା ସ୍ପଷ୍ଟ ହେଉଛି ୩ୟ ପର୍ଯ୍ୟାୟର ୬ଟି ଲୋକ ସଭା ସମ୍ପୂର୍ଣ୍ଣ ରୂପେ ଭାଜପା ଜିତୁଛି। ଲୋକଙ୍କ ଉତ୍ସାହରୁ ସ୍ପଷ୍ଟ ହେଉଛି ଭାଜପା ସରକାର ସୁନିଶ୍ଚିତ। ଏଥିଲାଗି ରାଜ୍ୟବାସୀଙ୍କୁ ବିଶେଷ କରି ୬ ଲୋକ ସଭା ଏବଂ ବିଧାନସଭା ଭୋଟରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଆସନ୍ତା ୧ରେ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ଭାଜପା ସର୍ବାଧିକ ଆସନ ଲାଭ କରିବ ବୋଲି ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଗତ ୨ଦିନ ତଳେ ଡିଜି ପୋଲିସ ଓ ଶାସନ ସଚିବଙ୍କୁ ସେ ଏକ ଚିଠି ଲେଖିଥିଲେ କିନ୍ତୁ ଏଯାଏଁ କୌଣସି ଉତ୍ତର ଆସିନାହିଁ। ବିଜେଡି ମୁଖିଆ 'ଫିଟ୍ ଆଣ୍ଡ୍ ଫାଇନ' ଅଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେ କୌଣସି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପ୍ରଶ୍ନ କରି ନ ଥିଲେ। ସେ କହିଥିଲେ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଅଣଓଡ଼ିଆ ଗୁମାସ୍ତାଙ୍କ କବଳରେ ବନ୍ଧକ ଅଛନ୍ତି। ତାଙ୍କୁ ପୋଲିସ ଓ ମୁଖ୍ୟ ଶାସନ ସଚିବ ମୁକ୍ତ କରନ୍ତୁ। ସେହିପରି ଗଣମାଧ୍ୟମ ପ୍ରତିନିଧି ଏବଂ ଅବସରପ୍ରାପ୍ତ ବିଚାରପତିଙ୍କ ସହ ପୋଲିସ ଡିଜି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ, ବାର୍ତ୍ତାଳାପ କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ବନ୍ଧକ ରହିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କ ପଦକ୍ଷେପ ନେଇ ରାଜ୍ୟବାସୀ ଜାଣିବାକୁ ଉତ୍କଣ୍ଠାର ସହ ଅନେକ ବସିଛନ୍ତି ବୋଲି ସମୀର କହିଛନ୍ତି।

# ନେତା ଯେମିତି, ସେନାପତି ସେମିତି: ପାଣ୍ଡିଆନ

**ଯାଜପୁର/ଧର୍ମଶାଳା/ବରୀ/ ବିଞ୍ଝାରପୁର/ କାଏମା/ଚଣ୍ଡିଖୋଲ/ବଡ଼ଚଣା/ ଯାଜପୁର ଟାଉନ ହର୍ଷବର୍ଦ୍ଧନ ବେହେରା/ ବଟକୃଷ୍ଣ ପରିଡ଼ା/ମହେନ୍ଦ୍ର ସ୍ୱାଇଁ/ ରାମକୃଷ୍ଣ ଦାସ/ଶିବପ୍ରସାଦ ମହାନ୍ତି/ ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲ୍ଲୀପ ମହାନ୍ତି/ ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି),୨୫।୫**

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ଯାଜପୁର ଜିଲା ସଂସଦୀୟ କ୍ଷେତ୍ର ଗସ୍ତ କରି ବିଭିନ୍ନ ନିର୍ବାଚନୀ ସଭାରେ ବିରୋଧୀ ଦଳ ଭାଜପାର ନେତାମାନଙ୍କ ଉପରେ ବର୍ଷିଛନ୍ତି। ଯାଜପୁର ସହରର କୁସୁମା ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପାଣ୍ଡିଆନ କହିଛନ୍ତି ଯେ, ବବିବାବୁ (ପ୍ରଣବ ପ୍ରକାଶ ଦାସ) ବିଜେଡି ଓ ରାଜ୍ୟ ପାଇଁ ବହୁତ ପରିଶ୍ରମ କରୁଛନ୍ତି। ବବିବାବୁ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସେନାପତି। ମୁଖ୍ୟମନ୍ତ୍ରୀ ଯାଜପୁର ଓ ବବିବାବୁଙ୍କୁ ବହୁତ ଭଲ ପାଆନ୍ତି। ଆସ୍କାରେ ଗତଥର ମୁଖ୍ୟମନ୍ତ୍ରୀ ଜଣେ ମିଶନଶକ୍ତି ମା'ଙ୍କୁ ଲୋକ ସଭା ସାଂସଦ କରିଥିଲେ। ବବିବାବୁ ଜଣେ ମିଶନଶକ୍ତି ମା'ଙ୍କୁ ଏଠାରେ ପ୍ରାର୍ଥୀ କରିଛନ୍ତି। ନେତା ଯେମିତି, ସେନାପତି ସେମିତି ବୋଲି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଯାଜପୁର ସଭାରେ ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ, ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପାଣ୍ଡିଆନ ଶନିବାର ଯାଜପୁର ଲୋକ ସଭା କ୍ଷେତ୍ରର ସୁକିନ୍ଦା, ଯାଜପୁର, ବିଞ୍ଝାରପୁର, ବରୀ, ଧର୍ମଶାଳା ଓ ବଡ଼ଚଣାରେ ନିର୍ବାଚନ ପ୍ରଚାର କରି ଦଳୀୟ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତାଇବାକୁ ଅନୁରୋଧ କରିଛନ୍ତି। ଧର୍ମଶାଳାରେ ସେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଶାଣିତ ଆକ୍ରମଣକରି ତାଙ୍କ ପ୍ରତ୍ୟେକ ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଇରାନୀ କେନ୍ଦ୍ରାପଡ଼ାରେ କହିଛନ୍ତି ଯେ, ନବୀନବାବୁଙ୍କୁ ଲୋକେ ଆଉ ଆଶୀର୍ବାଦ ଦେବେ ନାହିଁ। କେନ୍ଦ୍ରାପଡ଼ାରେ ଭାଜପା ବହୁତ ମାର୍ଜିନରେ ଜିତିବ। ହେଲେ କେନ୍ଦ୍ରମନ୍ତ୍ରୀ ଜାଣିବା ଉଚିତ, ବିଜେପୁର ଉପ-ନିର୍ବାଚନରେ ଓ ୨୦୧୯ ସାଧାରଣ ନିର୍ବାଚନ ପାଇଁ ୨୦୧୮ରେ ସେ ଯେଉଁ ଆକଳନ କରି ଭାଷଣ ଦେଇଥିଲେ ସବୁ ଓଲଟା ହେଲା। ସ୍ମୃତି ଇରାନୀ ଯାହା କହନ୍ତି, ତାହା ଓଲଟା ଫଳ ଦିଏ। ସେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଥିଲେ। ଯଦି ଓଡ଼ିଶାରେ ୧୦ଟି ଟେକ୍ସଟାଇଲ ପାର୍କ କରିଥାଆନ୍ତେ, ତା'ହେଲେ ତାଙ୍କ କଥା ଲୋକେ ଶୁଣିଥାନ୍ତେ। ସଂଖ୍ୟାଲଘୁ ବିଭାଗର ମନ୍ତ୍ରୀ ଥିଲେ। ଯଦି କେନ୍ଦ୍ରାପଡ଼ାରେ ସଂଖ୍ୟାଲଘୁମାନଙ୍କ ପାଇଁ କିଛି ସଂସ୍ଥା କରିଥାନ୍ତେ, ତା'ହେଲେ ଲୋକେ ଶୁଣିଥାନ୍ତେ। ମହିଳା ଓ ଶିଶୁବିକାଶ ବିଭାଗର ମନ୍ତ୍ରୀ ଅଛନ୍ତି। କିନ୍ତୁ ଅଙ୍ଗନୱାଡି କର୍ମୀମାନଙ୍କୁ କେନ୍ଦ୍ର ଯାହା ଦଉଛି, ଆମେ ଚାରି ୪ ଗୁଣ ଦଉଛୁ। ନିର୍ବାଚନ ସମୟରେ ବିରୋଧୀମାନେ ଆସିବେ। ମିଠା ମିଠା କଥା କହିବେ, ମିଛ କଥା କହିବେ, ଅପପ୍ରଚାର କରିବେ, କୁମ୍ଭୀର କାନ୍ଦଣା କାନ୍ଦିବେ। ସତର୍କ ରହିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଆସୁଛନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଗାଳି ଦେଉଛନ୍ତି। ଓଡ଼ିଶାବାସୀଙ୍କ ପ୍ରିୟ ଜନନେତାଙ୍କୁ ଗାଳି ଦେଲେ ଆପଣମାନେ ସହିବେ କି। ଆମେ ସମସ୍ତେ ଏକ ହୋଇ ଏହାର ମୁହଁତୋଡ଼ ଜବାବ ଦେବା ବୋଲି ପାଣ୍ଡିଆନ କହିଛନ୍ତି।




## ଯାଜପୁର ଲୋକସଭା କ୍ଷେତ୍ରରେ ପ୍ରଚାର

### କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ କଡ଼ା ଜବାବ ଦେଲେ

ଧର୍ମଶାଳା ନିର୍ବାଚନମଣ୍ଡଳୀର ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ଆୟୋଜିତ ବିଶାଳ ଜନସମାବେଶରେ ପାଣ୍ଡିଆନ ସ୍ୱର୍ଗତ କଳ୍ପତରୁ ଦାସଙ୍କୁ ମନେପକାଇ ସେ କରିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତାଙ୍କୁ ପ୍ରେରଣା ଦିଏ ବୋଲି କହିଛନ୍ତି। ବିଧାୟକ ପ୍ରାର୍ଥୀ ପ୍ରଣବ ନିଜ ବକ୍ତବ୍ୟରେ ଧର୍ମଶାଳାବାସୀ ସର୍ବଦା ବିଜେଡିରେ ପରିବାର ସଦସ୍ୟ ଭଳି ରହିଛନ୍ତି। ତାଙ୍କ ବାପା ଏବଂ ତାଙ୍କୁ ଯେଉଁ ଭଲ ପାଇବା ଓ ଆଶୀର୍ବାଦ ଦେଇଛନ୍ତି ସେଥିପାଇଁ ସେ ଧର୍ମଶାଳାବାସୀଙ୍କ ପାଖରେ ଚିରଋଣୀ ଓ ସେବାପାଇଁ ସେ ସମର୍ପିତ ଥିବା ପ୍ରକାଶ କରିଥିଲେ। ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ପୁଣିଥରେ ଯାଜପୁରବାସୀଙ୍କର ସେବା କରିବା ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକର ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ ସଭାପତି ଜଳଧର ମହାନ୍ତି, ରସୁଲପୁର ବ୍ଲକ ସଭାପତି ଲୋକନାଥ ପଣ୍ଡା ପ୍ରମୁଖ ସହଯୋଗ କରିଛନ୍ତି। ବିଞ୍ଝାରପୁରସ୍ଥିତ ଯଜ୍ଞ ପଡ଼ିଆରେ ଆୟୋଜିତ ସଭାରେ ବିଜେଡି ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ଜନହିତ ଯୋଜନା ସମ୍ପର୍କରେ ଆଲୋକପାତ କରିଛନ୍ତି। ବରୀ ନିର୍ବାଚନମଣ୍ଡଳୀ ଅଟିରା ପଞ୍ଚାୟତସ୍ଥିତ ସନ୍ଥନ ମଠ ନିକଟରେ ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ସଭା ମଞ୍ଚରେ ପହଞ୍ଚିଥିଲେ। ସଭାରେ ବିକଶିତ ବରୀ ଗଠନ କ୍ଷେତ୍ରରେ ସହଯୋଗ କରିବାକୁ ପାଣ୍ଡିଆନ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବଡ଼ଚଣା ନିର୍ବାଚନମଣ୍ଡଳୀର ଚଣ୍ଡିଖୋଲ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଏତେ ଭଲ ପାଇବା ଦେଖି ବିରୋଧୀଙ୍କ ମୁଣ୍ଡ କାମ କରୁନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରୁଥିବା ଲୋକମାନଙ୍କୁ ମୁହଁତୋଡ ଜବାବ ସେ ଆହ୍ୱାନ ଦେଇଛନ୍ତି। ସଭାରେ ରାଜ୍ୟ ବିଜେଡି ସମ୍ପାଦକ ଜନ୍ମେଜୟ ଲେଙ୍କା, କ୍ୟାପଟେନ ରାଜନାରାୟଣ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷା ଗଣେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଛେଣ୍ଡିପଦା ବିଧାୟକ-ଭାଜପା କର୍ମୀ ମୁହାଁମୁହିଁ

**ଛେଣ୍ଡିପଦା,୨୫।୫ (ଅଜିତ ଧଳ)/ ଅନୁଗୋଳ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଛେଣ୍ଡିପଦା ବିଧାନସଭା କ୍ଷେତ୍ରରେ ଶନିବାର ଭୋଟ ଗ୍ରହଣ ବେଳେ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରି କି କୋଶଳା ସିମିଳିସାହି ଠାରେ ଥିବା ୮୪ ନମ୍ବର ବୁଥ୍ ନିକଟରେ ଛେଣ୍ଡିପଦା ବିଧାୟକ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଓ ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଘଟଣା ନେଇ ଉଭୟ ପକ୍ଷରୁ ଥାନାରେ ୩ଟି ଅଭିଯୋଗ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ସମିଳିସାହି ନିକଟ ୮୪ନଂ. ମତଦାନ କେନ୍ଦ୍ରକୁ ଛେଣ୍ଡିପଦା ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବୁଲିବାକୁ ଯାଇଥିବା ବେଳେ ସେଠାରେ ଭୋଟ ଦେବାକୁ ଧାଡ଼ିରେ ଠିଆ ହୋଇଥିବା କୋଶଳା ଗ୍ରାମର ଭାଜପା କର୍ମୀ ସିଦ୍ଧାର୍ଥ ଶଙ୍କରଙ୍କ ସହ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ପରେ କଥା କଟାକଟି ହେବା ସହିତ ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣା ବେଳର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଏ ନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଧାୟକଙ୍କୁ ଭାଜପା କର୍ମୀ ସିଦ୍ଧାର୍ଥ ଗାଳିଗୁଲଜ କରିଥିବା ଓ ଜୀବନରେ ମାରିଦେବା ପାଇଁ ଆକ୍ରମଣ କରିଥିବା ସମ୍ପର୍କରେ ଥାନାରେ ୨ଟି ଅଭିଯୋଗ ହୋଇଛି। ଅପରପକ୍ଷରେ ଭାଜପା କର୍ମୀ ସିଦ୍ଧାର୍ଥଙ୍କୁ ବିଧାୟକ ସୁଶାନ୍ତ ବେହେରା ଆକ୍ରମଣ କରିଥିବା ଓ ଜୀବନ ପ୍ରତିବିପଦ ଥିବା ନେଇ ଛେଣ୍ଡିପଦା ଥାନାରେ ସିଦ୍ଧାର୍ଥ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଅନୁଗୋଳ ଡିଆଇଜି ଉମା ଶଙ୍କର ଦାସ କହିଛନ୍ତି, ଉଭୟ ପକ୍ଷରୁ ଥାନାକୁ ଅଭିଯୋଗ ହୋଇଛି। ମତଦାନ କାର୍ଯ୍ୟରେ ସମସ୍ତେ ବ୍ୟସ୍ତ ଥିବାରୁ କେବଳ ପ୍ରାଥମିକ ତଦନ୍ତ କରାଯାଇଛି। ଘଟଣାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭୋଟଦାନରୁ ବଞ୍ଚିତ ହେଲେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର

**ଢେଙ୍କାନାଳ,୨୫।୫(ରତନ ନାୟାର)**

ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକ, ଗବେଷକ ଓ ଭାଷାବିତ୍ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଶନିବାର ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ସେ ଓ ତାଙ୍କ ସ୍ତ୍ରୀ ଛାୟାରାଣୀ ମିଶ୍ର ଏବଂ ପୁତ୍ର ଅସିତ କୁମାର ମିଶ୍ର ଭୋଟ ପରିଚୟପତ୍ର ନେଇ ଢେଙ୍କାନାଳ ସହର କାଠଗଡ଼ା ସେବାଶ୍ରମ ବିଦ୍ୟାଳୟରେ ଥିବା ୧୬୯ନଂ. ବୁଥ୍‌କୁ ଯାଇଥିଲେ। ହେଲେ ଭୋଟର ତାଲିକାରେ ପଦ୍ମଶ୍ରୀ ମିଶ୍ରଙ୍କ ସହିତ ତାଙ୍କ ସ୍ତ୍ରୀ ଓ ପୁଅଙ୍କ ନାମ ନ ଥିଲା। ହ୍ୱିଲ ଚେୟାରରେ ଯାଇ ବୁଥ୍‌ରେ ପହଞ୍ଚିଥିବା ପଦ୍ମଶ୍ରୀର ମିଶ୍ର ଭୋଟର ଲିଷ୍ଟରେ ନାମ ନ


ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

**ଭୋଟର ପରିଚୟପତ୍ର ଅଛି, ତାଲିକାରେ ନାମ ନାହିଁ**

ଥିବା ଜାଣି ନିରାଶ ହୋଇ ଫେରିଥିଲେ। ଏହାକୁ ନେଇ ସେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଚରମ ବିଶୃଙ୍ଖଳା କରିଥିବା ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ସେ ଜାତୀୟ ନିର୍ବାଚନ କମିଶନର, ରାଜ୍ୟ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ଜଣାଇଛନ୍ତି। ତାଙ୍କୁ ମତଦାନ କରିବାକୁ ସୁଯୋଗ ଦିଆଯାଉ ବୋଲି ସେ ନିବେଦନ କରିଛନ୍ତି। ଏହି ଘଟଣା ସହରରେ ଆଲୋଚନାର ବିଷୟ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା



ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସାରା ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ୱର ବଦଳାଇ ୭ ଆଦିବାସୀ ଛାତ୍ରୀଙ୍କୁ ବଳାତ୍କାର

**ଭୋପାଳ, ୨୫।୫**

ମଧ୍ୟପ୍ରଦେଶର ସିଦ୍ଧି ଜିଲାରେ ବ୍ରଜେଶ ପ୍ରଜାପତି(୩୦) ନାମକ ଜଣେ ଯୁବକ ଛାତ୍ରବୃତ୍ତି ଦେବାର ପ୍ରଲୋଭନ ଦେଖାଇ ୭ ଆଦିବାସୀ ଛାତ୍ରୀଙ୍କୁ ବଳାତ୍କାର କରିଛନ୍ତି। ବ୍ରଜେଶ ଏକ ଭଏସ୍ ଚେଞ୍ଜିଂ ଆପ୍ଲିକେଶନ ବ୍ୟବହାରରେ ନିଜ ସ୍ୱର ପରିବର୍ତ୍ତନ କରି ଜଣେ ମହିଳା ପ୍ରଫେସରଙ୍କ ପରିଚୟରେ ଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବାର ପ୍ରଲୋଭନ ଦେଖାଉଥିଲେ। ପୋଲିସ ବ୍ରଜେଶ ଓ ତାଙ୍କ ୨ ସହଯୋଗୀଙ୍କୁ ଶନିବାର ଗିରଫ କରିଛି। ଉଭୟ ସହଯୋଗୀ

### ଛାତ୍ରବୃତ୍ତି ଦେବାକୁ ଅଭିଯୁକ୍ତ ପ୍ରଲୋଭନ ଦେଖାଉଥିଲେ

ପୀଡ଼ିତା ଛାତ୍ରୀମାନଙ୍କର ଫୋନ୍ ନମ୍ବର ବ୍ରଜେଶଙ୍କୁ ଯୋଗାଉଥିଲେ। ଘଟଣାକୁ ନେଇ ୪ ଜଣ ଛାତ୍ରୀଙ୍କ ଅଭିଯୋଗ ମିଳିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବ୍ରଜେଶ ଉକ୍ତ ୪ ଛାତ୍ରୀଙ୍କ ସହ ଅନ୍ୟ ୩ ଛାତ୍ରୀଙ୍କୁ ବଳାତ୍କାର କରିଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ସିଦ୍ଧି ପୋଲିସ ଅଧୀକ୍ଷକ ରବିନ୍ଦର ବର୍ମା କହିଛନ୍ତି। ଅଭିଯୁକ୍ତ ଜଣକ ପେସାରେ ଜଣେ ଶ୍ରମିକ ହୋଇଥିବାବେଳେ ସେ ୟୁଟ୍ୟୁବ୍ ବ୍ୟବହାର କରି ବିଭିନ୍ନ ଭଏସ୍ ଚେଞ୍ଜିଂ ଆପ୍ଲିକେଶନ ବିଷୟରେ ଜାଣିବାକୁ ପାଇଥିଲେ। ସେ ନିଜକୁ ଜଣେ ମହିଳା ପ୍ରଫେସର ଭାବେ ପରିଚୟ ଦେଇ ଆଦିବାସୀ ଛାତ୍ରୀମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନକୁ ଡକାଉଥିଲେ। ସେ ଦିନକୁ ପ୍ରାୟ ୧୦ରୁ ୨୦ ଛାତ୍ରୀଙ୍କ ସହ ଫୋନ୍ ଯୋଗେ କଥାହୋଇ ନିଜ ଜାଲରେ ଫସାଇବାକୁ ଚେଷ୍ଟା କରୁଥିବା ପୋଲିସ ସୂଚନା ଦେଇଛି।

# ପରିବର୍ତ୍ତନ ପାଇଁ ନୂଆ ଭୋଟରଙ୍କ ମତଦାନ

ନୂଆଦିଲ୍ଲୀ,୨୫।୫(ପି.ଟି.): ଦିଲ୍ଲୀର ୨.୫୨ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ ଭୋଟର ଶନିବାର ବେଶ୍ ଆଗ୍ରହର ସହ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେମାନେ ମୁଖ୍ୟତଃ ପରିବର୍ତ୍ତନ ଏବଂ ଉତ୍ତମ ଭବିଷ୍ୟତ ପାଇଁ ଭୋଟ ଦେଇଛନ୍ତି। ସରକାରୀ ସେକ୍ଟରରେ ଭଲ ନିଯୁକ୍ତି ସୁଯୋଗ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ନିମନ୍ତେ ସେମାନେ ସର୍ବସମ୍ମତିକ୍ରମେ ଦାବି କରିଛନ୍ତି। ଅଧିକାଂଶ ବୁଥ୍‌ରେ ନୂଆ ଭୋଟରମାନଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଝିଅ ମିରାୟା ପ୍ରଥମ ଭୋଟର ଭାବେ ତାଙ୍କ ଭାଇ ରୈହାନଙ୍କ ସହ ଲୋଧି ରୋଡ୍ ବୁଥ୍‌ରେ ଭୋଟ ଦେଇଥିବାବେଳେ ପରିବର୍ତ୍ତନ ପାଇଁ ଭୋଟ ଦେବାକୁ ଯୁବବର୍ଗ ଆଗେଇ ଆସିବାକୁ କହିଛନ୍ତି।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


# Classified Everyday

0674-2580101, 2549949





## BRIDE WANTED

ଭୁବନେଶ୍ୱର ବାସିନ୍ଦା ୩୪ ବର୍ଷୀୟ ୫ ଫୁଟ ୩ ଇଞ୍ଚ, ବି.ଟେକ୍ ସଫ୍ଟୱେୟାର ଇଞ୍ଜିନିୟର ଟେକ୍ ମହିନ୍ଦ୍ରା ପୁନେରେ କାର୍ଯ୍ୟରତ ବ୍ରାହ୍ମଣ ପାତ୍ର ପାଇଁ ଶିକ୍ଷିତା ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 9556676181, 9861244882. D-348

Wanted beautiful qualified nonworking Bengali Kayastha bride for IIT Delhi, M.Tech passout Software Engineer, 29yrs, 5'8", 14 Lakh package in MNC, Dhanu Rasi. Contact- 9078024981 (WA). D-341

## GROOM WANTED

Khandayat bride- age 31y/ 5.3"/ B.Tech. SBI employee. Father Central Government retired class-I employee. Settled in Bhubaneswar. Looking for a suitable groom. Bank or Government employee preferable. Caste no bar. Mob- 9438135083/ 9348578447. D-350

Suitable Brahmin Groom for Girl 27yrs 5.3' Magha Simha Masters Development Economics IIT Madras, Senior Manager Startup, Bengaluru Send HBP - 7855990091. D-360

ବୟସ 32 Primary School ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-85335

Doctor bride MBBS 24+, 5'4" very fair, early marriage. 7008468672. D-379




## SALE

Honda City 2023 Model platinum White Colour MT (I-VTEC). 9439241474. D-75743




## SALE

Ready to move 3BHK Duplex sale Gudiapokhari, Bank Loan- 9827152441. D-377

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9437631769.** D-307

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75744

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932.** D-322

**Plot sale near Pitapalli, Janla, Tamando, Bhubaneswar Rs-1299/-sqft. 6372670155.** D-75959

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871859.** D-367

**Duplex sale at Bhubaneswar @ 57 lakhs only. Contact- 9777433701.** D-75958

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।




Newly open health benefits SPA special offer @ 999 Bapujinagar. 8018429809. D-76123

Relax, refresh your body, Mind by expert therapist. Contact- 9938843929. D-76122

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Fully relaxed body massage trained therapist. Central SPA. 9556483961. D-75741

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

Monalisa massage Club: All types Body massage with hiprofile smart lady rooms service available. 9708545108. D-376

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

IN THE COURT OF DISTRICT JUDGE, KHORDHA AT BHUBANESWAR
TEST CASE NO.- 57/2022
NOTICE

Smt. Arya Prava Manaswini, aged about 52 years, W/o- Dr. Arun Kumar Mahapatra, D/o Late Kanhu Charan Pati, Flat No- B-501, Jalvayu Towers, Plot No- D16, Action Area ID, New Town, North 24 Praganas, West Bengal-700160 ....petitioner

Vrs

1. Debajani Pati, aged about 40 years, W/o Late Sidharath Pati, Daughter in Law of Late Kanhu Charan Pati, 2. Snehansh Pati, aged about 15 years, S/o Late Sidharath Pati, Grandson of Late Kanhu Charan Pati, 3. Snehasikta Pati, aged about 13 years, D/o Late Sidharath Pati, Grand Daughter of Late Kanhu Charan Pati, O.P.No 1 to 3 are resident of village Panchupada, P.S.- Rasol, Tahasil- Hindol, Dist.- Dhenkanal. As the O.P. -2 & 3 are Minor Represented through their Mother Debajani Pati (O.P.-1) ....Opposite parties

WHERE AS an application U/s 276 of Indian Succession Act 1995 for probate of WILL of Kanhucharan Pati, S/o Late Hatakishore Pati of Plot No. 499, Mahela Samiti Lane, Upar Bhoi Sahi, Laxmisagar, P.O.-Budheswari, Bhubaneswar-751006, Dist.- Khordha, has been made by Smt. Arya Prava Manaswini, aged about 52 years, W/o Dr. Arun Kumar Mahapatra, D/o Late Kanhu Charan Pati, Flat No- B-501, Jalvayu Towers, Plot No- D16, Action Area ID, New Town, North 24 Praganas, West Bengal.

AND WHERE AS 20th Day of the June 2024 has been fixed for hearing of the case. Notice is hereby given that any person having any interest in the property of the deceased testator may if he/she desires to appear in the Court of the said date and participate in the proceeding before the grant of probate.

Schedule of Property
SCHEDULE-A

Dist.-Khurdha, Tahasil- Bhubaneswar, Mouza-Laxmisagar-2, P.S.- New Capital, Khata No-565/31, Plot No-585/1261, Area Ac.0.012 decimals, Kisam-Gharabari-2, Plot No-931 Area Ac.0.047 decimals, Kisam-Gharabari, Plot No-586, Area Ac.0.017 decimals, Kisam- Kharabari-2, Total one Mouza, one Khata and total Area Ac.0.076 decimals.

Given under my hand & seal of the Court on this the 20th Day of May-2024.

District Judge Khurdha,
At- Bhubaneswar
D-373

IN THE COURT OF DISTRICT JUDGE, KHORDHA AT BHUBANESWAR
TEST CASE NO.- 07/2016
NOTICE

Harapriya Dash, @Dass, aged about 48 years, D/o Late Radha Ranjan Dass, At- Plot No-1151/1610/2368, Jayadurga Nagar, P.O.- Budheswari Colony, P.S.- Laxmisagar, Bhubaneswar-751006, Dist.- Khordha ....Petitioner

Vrs

1. Taruna Kumar Dass, aged about 52 years, S/o Late Radha Ranjan Dass, Plot No-1151/1610/2368, Jayadurga Nagar, P.O.- Budheswari Colony, P.S.- Laxmisagar, Bhubaneswar-751006, Dist.- Khordha, 2. Arun Kumar Dass, aged about 56 years, S/o Late Radha Ranjan Dass, At Ram Laxmi Nagar, Station Road, Near Krushak Bazar, Chhatrapur, P.O./ P.S.-Chhatrapur, Dist. Chhatrapur, PIN-761020 ....Opposite parties.

WHERE AS an application U/s 276 of Indian Succession act 1925 for probate of WILL of Radha Ranjan Dass, Son of Late Apanna Dass of Plot No-1151/1610/2368, Jayadurga Nagar, P.O.- Budheswari Colony, Bhubaneswar, Dist.- Khordha has been made by Harapriya Dash@ Dass, aged about 48years, D/o Late Radha Ranjan Dass, At Plot No-1151/1610/2368, Jayadurga Nagar, P.O.- Budheswari Colony, Bhubaneswar, Dist.- Khurdha.

AND WHERE AS 25th Day of the June 2024 has been fixed for hearing of the case. Notice is hereby given that any person having any interest in the property of the deceased testator may if he/she desires to appear in the Court of the said date and participate in the proceeding before the grant of probate.

Schedule of Property
SCHEDULE-A

Dist.- Khordha, Tahasil- Bhubaneswar, Mouza- Bhubaneswar Sahar, Unit-32, Govinda Prasad, Now Known as Jayadurga Nagar, Sabik Khata No- 231, Plot No-1151/1610/2368, Hal Khata No- 1057/175, Area Ac.0.049decimals, Kisam- Gharabari Duei, having three storied old building over the same.

Given under my hand & seal of the Court on this the 20th Day of May-2024.

District Judge Khurdha,
At-Bhubaneswar
D-372



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରବି ଦଶ ଘଡ଼ି ସୋମ ଚଉଠା,**
**ବାର ମଙ୍ଗଳ ପଣ୍ଡିତ ଷଠା,**
**ଗୁରୁ ଚଉଦ ମନ୍ତ୍ରୀ ଆଠ,**
**ଉଦୟ ଅସ୍ତ ଶନିର ଘାଟ।**

ଜ୍ୟୋତିଷ ଶାସ୍ତ୍ରରେ ବୁଧକୁ ପଣ୍ଡିତ ଓ ଶୁକ୍ରକୁ ମନ୍ତ୍ରୀ ଭାବେ ଗ୍ରହଣ କରାଯାଇଥାଏ। ସପ୍ତାହର ବିଭିନ୍ନ ବାରର ଉପରୋକ୍ତ ବର୍ଣ୍ଣିତ ସମୟ ବା କାଳରେ ଯାତ୍ରାଦି ଅନୁକୂଳ କ୍ଷତିକାରକ ହୋଇଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରଜପୁତ୍ !**
**ଆପଣା କାମକୁ ମଜଭୁତ୍।**

ଯାହାର ଯାହା ବୃତ୍ତି ହୋଇଥାଏ ସେହି ବିଷୟରେ ତା'ର ଅଭିଜ୍ଞତା ଅଧିକ ରହିଥାଏ। ଫଳସ୍ୱରୂପ ଉକ୍ତ କାର୍ଯ୍ୟକୁ ସେ ଅତି ସହଜରେ ନେଇଆଣି ଥୋଇଦେଇ ପାରିଥାଏ। ପରନ୍ତୁ ଅନଭ୍ୟସ୍ତ ବ୍ୟକ୍ତି ନୂତନ କାର୍ଯ୍ୟରେ ହାତ ଦେଲେ ସେଥିରେ କ୍ଷତି ସହିଥାଏ। ତେଣୁ ଯିଏ ଯେଉଁ କାମ କରୁଥାଏ ସେହି କାମରେ ସେ ସେତେ ପାରଙ୍ଗମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପାକିସ୍ତାନର ପୂର୍ବତନ ମନ୍ତ୍ରୀଙ୍କୁ କେଜ୍‌ରିୱାଲଙ୍କ କଡ଼ା ଜବାବ

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ଲୋକ ସଭା ନିର୍ବାଚନରେ ଘୃଣା ଓ ଚରମପନ୍ଥୀ ଶକ୍ତିକୁ ପରାସ୍ତ କରିବା ପାଇଁ ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଚୌଧରୀ ଫୱାଦ ହୁସେନ୍ ଆହ୍ୱାନ ଦେଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କୁ କଡ଼ା ଭାଷାରେ ଜବାବ ଦେଇଛନ୍ତି। ନିର୍ବାଚନ ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଆତଙ୍କବାଦର ସବୁଠୁ ବଡ଼ ପ୍ରାୟୋଜକକୁ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ବରଦାସ୍ତ କରାଯିବ ନାହିଁ ବୋଲି କେଜ୍‌ରିୱାଲ କହିଛନ୍ତି। ଶନିବାର କେଜ୍‌ରିୱାଲ ତାଙ୍କ ପରିବାର ସଦସ୍ୟଙ୍କ ସହ ଭୋଟ ଦେବା ପରେ ଏକ୍ସ'ରେ ଫଟୋ ଶେୟାର କରିଛନ୍ତି। ସେ ଏକଛତ୍ରବାଦ, ଦରଦାମ୍ ବୃଦ୍ଧି ଓ ବେରୋଜଗାରୀ ବିରୋଧରେ ଭୋଟ ଦେଇଥିବା କହିଛନ୍ତି। ତାଙ୍କ ପୋଷ୍ଟକୁ ଶେୟାର କରି ହୁସେନ କହିଥିଲେ, ଘୃଣା ଓ ଚରମପନ୍ଥୀ ଶକ୍ତିକୁ ଶାନ୍ତି ଓ ସଦ୍‌ଭାବନା ପରାଜିତ କରୁ। ଏହାକୁ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ହୁସେନ୍‌ଙ୍କ ପୋଷ୍ଟ ଅନାବଶ୍ୟକ ବୋଲି ସେ କହିଛନ୍ତି। ଆମ ଦେଶର ପ୍ରସଙ୍ଗ ସମାଧାନ କରିବାକୁ ମୁଁ ଓ ମୋ ଦେଶବାସୀ ସମ୍ପୂର୍ଣ୍ଣ ସମର୍ଥ ବୋଲି ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ଆବାହକ କହିଛନ୍ତି।


CLASSIFIED DISPLAY

MORE SPACE ' SAME PRICE

TARIFF | GST 5%

ଆଉଟ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଲେଟ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840


# ମନେ ପଡ଼ନ୍ତି

## ୨୧ତମ ଶ୍ରାଦ୍ଧବାର୍ଷିକୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତଃ ଜୟକୃଷ୍ଣ ମହାନ୍ତି**

(ବରିଷ୍ଠ ଆଦର୍ଶ ଶିକ୍ଷାବିତ)

ଏରବଙ୍ଗ, ଗୋପ, ପୁରୀ

ଚାହୁଁ ଚାହୁଁ ଏକୋଇଶ ବର୍ଷ ବିତିଗଲା। ଆପଣଙ୍କ ଅବର୍ତ୍ତମାନରେ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, କେବଳ ଏତିକି ପ୍ରାର୍ଥନା।

ଆପଣଙ୍କ ପରିବାର ଏବଂ ବନ୍ଧୁବର୍ଗ।

ଧ-୭୬୦୧୦

## ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଭୂବନ ବିହାରୀ କର**

ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪

ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।

ଇତି ଆପଣଙ୍କର- ମିଚ୍ଛୁ, ରିଚ୍ଛୁ ଓ ସିଙ୍କୁ

ଧ-୩୭୧

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ୱିଲିୟମ୍ ଲାଇ ଚିଙ୍ଗ୍ ଟେ ............ ଦେଶର ନୂତନ ରାଷ୍ଟ୍ରପତି ଦାୟିତ୍ୱ ନେଇଛନ୍ତି ?
୨– ମହିଳା ବିଶ୍ୱକପ୍ ୨୦୨୭ ................ ଠାରେ ଆୟୋଜନ କରାଯିବ ?
୩– ........... ସମ୍ବନ୍ଧିତ ପାଠ୍ୟକ୍ରମକୁ ପାଲେଓକ୍ଲାଇମେଟୋଲୋଜି କୁହାଯାଏ ?
୪– ପୃଥିବୀର ସବୁଠୁ ଗଭୀରତମ ନଦୀ................ ?
୫– ଆମେରିକାର ଜାତୀୟ କ୍ରୀଡ଼ା .................. ?

## ଗତ ଥରର ଉତ୍ତର

୧ ଡଲଫିନ୍
୨ ଇଦାଶିଶା ନଙ୍ଗରାଇ୍
୩ ମେ’ ୧୧ ଏବଂ ୧୨ ତାରିଖ
୪ ଗୁଜରାଟ
୫ ନକ୍ଷତ୍ର ସଭା

## ଉତ୍ତରଦାତା


ମାନସ ରଞ୍ଜନ ପଟ୍ଟନାୟକ
ଭୁବନେଶ୍ୱର


ବିଶ୍ୱରଞ୍ଜନ ମହାନ୍ତି
ତାଳଚେର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବଡ଼ ରିସର୍ଚ୍ଚ ସେଣ୍ଟର

୧– ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍.................... ବେଜିଂ, ଚାଇନା
୨– ହାର୍ଭାର୍ଡ ୟୁନିଭର୍ସିଟି.................................. କେମ୍ବ୍ରିଜ୍, ଆମେରିକା
୩– ମ୍ୟାକ୍ସ ପ୍ଲାଙ୍କ୍ ସୋସାଇଟି.................................. ମ୍ୟୁନିଚ୍, ଜର୍ମାନୀ
୪– ନ୍ୟାଶନାଲ୍ ସେଣ୍ଟର ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ................ ପ୍ୟାରିସ୍, ଫ୍ରାନ୍ସ
୫– ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି.............................. କାଲିଫର୍ନିଆ, ଆମେରିକା
୬– ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି........... କେମ୍ବ୍ରିଜ୍, ଆମେରିକା
୭– ହେଲ୍‌ମହଜ୍ ଆସୋସିଏଶନ୍ ଅଫ୍ ଜର୍ମାନ ରିସର୍ଚ୍ଚ ସେଣ୍ଟର.... ବନ୍, ଜର୍ମାନୀ
୮– ଦି ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍ ................................ କେମ୍ବ୍ରିଜ୍, ଇଂଲଣ୍ଡ
୯– ଦି ୟୁନିଭର୍ସିଟି ଅଫ୍ ଟୋକିଓ ................................ ଟୋକିଓ, ଜାପାନ
୧୦– ପେକିଙ୍ଗ୍ ୟୁନିଭର୍ସିଟି ........................................ ବେଜିଂ, ଚାଇନା


ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍

## ଜାଣନ୍ତୁ ଦୁନିଆ

# ବିଗ୍ ବେନ୍



ଲଣ୍ଡନରେ ଥିବା ପୃଥିବୀ ପ୍ରସିଦ୍ଧ ବିଗ୍ ବେନ୍ ଘଣ୍ଟା ବିଷୟରେ ସମସ୍ତେ ଶୁଣିଥିବେ ଅବା କେହି କେହି ଦେଖିଥିବେ ନିଶ୍ଚୟ। ହେଲେ ଏହି ଘଣ୍ଟା ବିଷୟରେ ଅନେକ ରୋଚକ ତଥ୍ୟ ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ଲଣ୍ଡନର ୱେଷ୍ଟମିନିଷ୍ଟର ପ୍ୟାଲେସ୍‌ର ଉତ୍ତର କୋଣରେ ରହିଛି ଦି କ୍ଲକ୍ ଟାୱାର, ଯାହାର ଚାରିପାଖରେ ରହିଛି ଚାରୋଟି ବୃହଦାକାର ଘଣ୍ଟା ; ଯାହାକି ବିଗ୍ ବେନ୍ ନାମରେ ପୃଥିବୀ ପ୍ରସିଦ୍ଧ।
- ଏଠାରେ ଥିବା ପ୍ରତିଟି ଘଣ୍ଟାର ମିନିଟ୍ କଣ୍ଟାର ଲମ୍ୱ ୧୪ ଫୁଟ୍ ହୋଇଥିବା ବେଳେ ଏହାର ଓଜନ ପ୍ରାୟ ୧୩.୭ ଟନ୍। ସେହିପରି ଘଣ୍ଟାର ଲମ୍ୱ ୯ ଫୁଟ୍।
- ୩୧୫ ମିଟର ଉଚ୍ଚତା ବିଶିଷ୍ଟ ଏହି ଟାୱାରର ନାମ ୨୦୧୨ରେ ପରିବର୍ତ୍ତନ କରାଯାଇ ଏଲିଜାବେଥ୍ ଟାୱାର ରଖାଯାଇଛି।
- ଏଠାରେ ଥିବା ପ୍ରତିଟି ଘଣ୍ଟାରେ ୩୨୪ ଖଣ୍ଡ ଲେଖାଏ କାଚ ଅର୍ଥାତ୍ ସମୁଦାୟ ୧୨୯୨ ଖଣ୍ଡ କାଚ ବ୍ୟବହାର କରାଯାଇଛି।
- ଏହାର ନିର୍ମାଣ କାର୍ଯ୍ୟ ୧୮୪୩ରେ ଆରମ୍ଭ ହୋଇ ୧୮୫୯ରେ ସମାପ୍ତ ହୋଇଥିଲା।
- ପାର୍ଲିଆମେଣ୍ଟ ସେସନ୍ ଚାଲିଥିବା ବେଳେ ଘଣ୍ଟାଗୁଡ଼ିକ ଭଲ ଭାବେ ଦିଶିବା ଲାଗି ରାତିରେ ଟାୱାରରେ ଏକ ବୃହଦାକାର ଲ୍ୟାଣ୍ଟର୍ଣ୍ଣ (ଏଇର୍ଟନ୍ ଲାଇଟ୍) ଲଗାଯାଇଛି।



# କ୍ୟାରିୟର ପ୍ଲାନିଂ



**ପ୍ରତ୍ୟେକ ଯୁବତୀଯୁବକ ନିଜ କ୍ୟାରିୟରକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ଆଉ ଏହାକୁ ପୂର୍ଣ୍ଣ କରି ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଲୋଡ଼ା ସଠିକ୍ କ୍ୟାରିୟର ପ୍ଲାନିଂ...**

ବିଦ୍ୟାର୍ଥୀ ସର୍ବଦା ଉଚ୍ଚାଭିଳାଷୀ। ନିଜ ଭବିଷ୍ୟତ ଗଠନକୁ ନେଇ ସେମାନଙ୍କ ମନରେ ଥାଏ ଅନେକ ସ୍ୱପ୍ନ, ଯାହାକୁ ପୂର୍ଣ୍ଣ କରିବା ଲାଗି ଆବଶ୍ୟକ ସଠିକ କ୍ୟାରିୟର ପ୍ଲାନିଂ। ତେଣୁ କ୍ୟାରିୟର ପ୍ଲାନିଂ କରୁଥିଲେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେଲେ କ୍ୟାରିୟରରେ ସଫଳତା ହାସଲ କରିବା ସହଜ ଓ ସରଳ ହୋଇପାରିବ ଜାଣିରଖନ୍ତୁ ସେ ସମ୍ପର୍କରେ...

### ସ୍ଥିର କରନ୍ତୁ ଲକ୍ଷ୍ୟ

ନିଜର ଭବିଷ୍ୟତ ଲକ୍ଷ୍ୟ କ’ଣ ପ୍ରଥମେ ତାହା ସ୍ଥିର କରନ୍ତୁ। ବାରମ୍ବାର ମାନସିକତା ନ ବଦଳାଇ ଗୋଟିଏ ଲକ୍ଷ୍ୟ ରଖି ଏହାକୁ ହାସଲ କରିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ସଠିକ୍ କ୍ୟାରିୟର ପ୍ଲାନିଂ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସବୁଠୁ ବଡ଼ କଥା ହେଉଛି କାହା କଥା ଶୁଣି ମନକୁ ପ୍ରଭାବିତ କରନ୍ତୁ ନାହିଁ କିମ୍ବା ଲକ୍ଷ୍ୟ ବଦଳାଇବାର ଭୁଲ ଆଦୌ କରନ୍ତୁ ନାହିଁ।

### ନିଅନ୍ତୁ କାଉନ୍‌ସିଲରଙ୍କ ସାହାଯ୍ୟ

କେଉଁ ଦିଗ ଆପଣଙ୍କ ପାଇଁ ଉପଯୁକ୍ତ ନିଷ୍ପତ୍ତି ନେବାରେ କଷ୍ଟ ହେଉଛି, ତେବେ ଆପଣ ଏକ୍ସପର୍ଟ କିମ୍ବା କ୍ୟାରିୟର କାଉନ୍‌ସିଲରଙ୍କ ସାହାଯ୍ୟ ନିଅନ୍ତୁ। ଏହାଦ୍ୱାରା ଆପଣଙ୍କୁ କ୍ୟାରିୟର ପ୍ଲାନିଂ କରିବା ଖୁବ୍ ସହଜ ହୋଇପାରିବ।

### ରୁହନ୍ତୁ ଅପ୍‌ଡେଟ୍

କ୍ୟାରିୟର କରିବାକୁ ରୁଚି ଥିବା କ୍ଷେତ୍ରରେ ନିଜକୁ ସର୍ବଦା ଅପ୍‌ଡେଟ୍ ରଖନ୍ତୁ। ପାଠପଢ଼ା ଦିଗରେ କେବେ ଅନ୍‌ଲାଇନ୍ କ୍ଲାସ୍, ପରୀକ୍ଷା, ନୂଆ ଆଡ୍‌ମିଶନ୍ ଆଦି ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରତିଟି ଖବର ଜାଣନ୍ତୁ। ଠିକ୍ ସେହିପରି ଜବ୍ କ୍ଷେତ୍ରରେ କେଉଁଠାରେ କେଉଁ ପୋଷ୍ଟ ବାହାରୁଛି, ଏହାର ଫର୍ମ, ଇଣ୍ଟରଭ୍ୟୁ ସମୟ ଆଦି ମଧ୍ୟ ଭଲ ଭାବେ ଜାଣିରଖନ୍ତୁ।

### ମାନସିକସ୍ତରରେ ସୁଦୃଢ଼ ହୁଅନ୍ତୁ

ନିଜର ଲକ୍ଷ୍ୟ ସ୍ଥିର କରନ୍ତୁ। ନିଜ ଭିତରେ ଥିବା ଦୁର୍ବଳତାକୁ ଚିହ୍ନନ୍ତୁ ଏବଂ ଏହାକୁ ଦୂର କରିବାକୁ ଉଦ୍ୟମ କରନ୍ତୁ। ଯେତେ ବାଧାବିଘ୍ନ ଆସିଲେ ବି କୌଣସି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ନ ହୋଇ ନିଜକୁ ମାନସିକ ସ୍ତରରେ ସୁଦୃଢ଼ କରନ୍ତୁ। ପାଠପଢ଼ା ଏବଂ ନିଜ କ୍ୟାରିୟରକୁ ଫୋକସ୍ କରନ୍ତୁ। କାରଣ ମନୋବଳ ଦୃଢ଼ ହେଲେ ହିଁ ଆପଣ ସଫଳତା ହାସଲ କରିପାରିବେ, ସେଥିରେ ସନ୍ଦେହ ନାହିଁ।

### ସାଧନା ଜାରି ରଖନ୍ତୁ

କ୍ୟାରିୟରକୁ ମଜଭୁତ କରିବାକୁ ଚାହୁଁଥିଲେ ପ୍ରଥମେ ଆକ୍ସନ ପ୍ଲାନ କରନ୍ତୁ। ଅର୍ଥାତ୍ କେବଳ ପ୍ଲାନିଂ ନ କରି କେତେ ସମୟ ପଢ଼ିବେ, କୋଚିଂ କେଉଁଠି ନେବେ, କେଉଁ କେଉଁ ପରୀକ୍ଷା ଦେବେ ଆଦିର ଟାଇମ୍ ଟେବୁଲ୍ ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରନ୍ତୁ। ଘରେ ଥାଇ ମଧ୍ୟ ଦିନକୁ ଅତିକମ୍‌ରେ ୭–୮ ଘଣ୍ଟା ପଢ଼ନ୍ତୁ। ବର୍ତ୍ତମାନ ବିଭିନ୍ନ ଅର୍ଗାନାଇଜେଶନ୍ ପକ୍ଷରୁ ଶର୍ଟଟର୍ମ ଅନ୍‌ଲାଇନ୍ କୋର୍ସ ମଧ୍ୟ କରାଯାଉଛି। ସୋସିଆଲ୍ ସାଇଟ୍, ଭିଡିଓ ଗେମ୍ ଆଦିରେ ଅଧିକ ସମୟ ନ ବିତାଇ ଏଭଳି ଅନ୍‌ଲାଇନ୍ କ୍ଲାସ୍ ଜଏନ୍ କଲେ ଉପକୃତ ହୋଇପାରିବେ। ମନେରଖନ୍ତୁ, ଥରେ କମ୍ଫର୍ଟ ଜୋନ୍‌ରୁ ବାହାରି ପୁନର୍ବାର ନିଜ ସାଧନା ଜାରି ରଖିଲେ କ୍ୟାରିୟର ସଫଳତା ପାଇବା ସହଜ ହୋଇଯିବ।

### ଜ୍ଞାନ ପରିସର ବୃଦ୍ଧି କରନ୍ତୁ

ମଣିଷ ଯେତେ ଅଧିକ ଶିଖିବ, ସେତେ ଅଧିକ ଆଗକୁ ବଢ଼ିବା ସହଜ ହେବ। ତେଣୁ ବର୍ତ୍ତମାନ ସମୟକୁ ଆଦୌ ଅଯଥାରେ ନଷ୍ଟ ନ କରି ନିଜର ଜ୍ଞାନ ପରିସର ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ବର୍ତ୍ତମାନ ଇଣ୍ଟରନେଟ୍ ଏକ ବଳିଷ୍ଠ ମାଧ୍ୟମ। ଆପଣ ଚାହିଁଲେ ନିଜ କ୍ୟାରିୟର ସ୍ୱପ୍ନ ସାକାର କରିବା ଲାଗି କ’ଣ କରିବା ଆବଶ୍ୟକ, ସେ ସମ୍ପର୍କରେ ବିଭିନ୍ନ କ୍ୟାରିୟର କାଉନ୍‌ସିଲରଙ୍କ ମତାମତ ବି ଅନ୍‌ଲାଇନ୍‌ରେ ନେଇପାରିବେ, ଯାହାକି ଆପଣଙ୍କୁ ଏଥିପାଇଁ ପ୍ରସ୍ତୁତ କରିବା ସରଳ ହୋଇପାରିବ।



### ଜାଣିରଖନ୍ତୁ

- ପ୍ରଥମେ ନିଜ ରୁଚି କେଉଁ ଦିଗରେ ରହିଛି, ସେହି ଅନୁଯାୟୀ ଲକ୍ଷ୍ୟ ସ୍ଥିର କରନ୍ତୁ।
- ନିଜର ଦୁର୍ବଳତା ଚିହ୍ନି ଏହାକୁ ଧୀରେ ଧୀରେ ପରିବର୍ତ୍ତନ କରନ୍ତୁ ଏବଂ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଅନ୍ତୁ।
- ଯେଉଁ ଦିଗରେ କ୍ୟାରିୟର କରିବେ, ସେଥିପାଇଁ ଯଥା ସମୟରେ ଆବଶ୍ୟକ ଶିକ୍ଷା ଓ ପ୍ରଶିକ୍ଷଣ ଗ୍ରହଣ କରନ୍ତୁ।
- ଉକ୍ତ କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା କୌଣସି ଦକ୍ଷ ବ୍ୟକ୍ତି କିମ୍ବା ଏକ୍ସପର୍ଟଙ୍କଠାରୁ ପରାମର୍ଶ ନେଲେ କାର୍ଯ୍ୟ ଆହୁରି ସହଜ ଏବଂ ସରଳ ହୋଇପାରିବ।
- ସବୁବେଳେ ନୂତନ ଜ୍ଞାନକୌଶଳ ଜାଣିବା ପ୍ରତି ଗୁରୁତ୍ୱ ଦିଅନ୍ତୁ। ଏହାଦ୍ୱାରା ଜ୍ଞାନର ପରିସର ଯେତେ ଅଧିକ ହେବ, ସଫଳତା ହାସଲ କରିବା ସେତେ ସହଜ ହେବ।





## ୟୁଥ୍ ଆଲର୍ଟ

# ୱାକ୍ସିଂ କରୁଥିଲେ..

**ଗୋରା ଓ ଗ୍ଲୋଇଂ ଆଟ୍ରାକ୍ଟିଭ୍ ଲୁକ୍ ପାଇବା ପାଇଁ ବର୍ତ୍ତମାନ ଅନେକ ଯୁବତୀଯୁବକ ୱାକ୍ସିଂ କରୁଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି, ଏହା ତ୍ୱଚା ଉପରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଇପାରେ। ତେଣୁ ୱାକ୍ସିଂ କରାଉଥିଲେ କେତେକ ଦିଗ ପ୍ରତି ସତର୍କ କରିବା ଆବଶ୍ୟକ...**

- ପ୍ରଥମ କଥା ହେଉଛି ତ୍ୱଚାକୁ ସୁରକ୍ଷା ଦେବା ଲାଗି ଥିବା ଲୋମକୁ ସୌନ୍ଦର୍ଯ୍ୟ ବୃଦ୍ଧି ଆଳରେ ଉପାଡ଼ିଦେବା ଦ୍ୱାରା ଏହାର କୁପ୍ରଭାବ ଶରୀର ଉପରେ ପଡ଼ିଥାଏ।
- ତା’ଛଡ଼ା ଅନେକ ୱାକ୍ସିଂ ପ୍ରଡକ୍ଟ କେମିକାଲ୍‌ଯୁକ୍ତ, ଯାହାକି ତ୍ୱଚାକୁ ଡ୍ରାଏ କରିବା ସହ ଆଲର୍ଜି ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।
- ତଥାପି ମଧ୍ୟ ଯଦି ୱାକ୍ସିଂ କରାଉଛନ୍ତି, ତେବେ କେମିକାଲ ଫ୍ରି ହର୍ବାଲ ପ୍ରଡକ୍ଟର ସାହାଯ୍ୟ ନିଅନ୍ତୁ। ଯଦି ୱାକ୍ସିଂ କରିବା ପରେ ଉକ୍ତ ସ୍ଥାନ ଲାଲ୍ ପଡ଼ିଯାଏ, ତେବେ ଏହାକୁ ରୋକିବା ଲାଗି ଆଲୋଭେରା ଜେଲ୍ ଲଗେଇପାରିବେ। ଏହାଦ୍ୱାରା ଆପଣ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଇପାରିବେ।
- ୱାକ୍ସିଂ କରିବା ପରେ କେବେକେବେ ତ୍ୱଚା କୁଣ୍ଡେଇ ହୁଏ। ହେଲେ ଯଦି ଏହା ୨୪ ଘଣ୍ଟାରୁ ଅଧିକ ସମୟ ଧରି ହୁଏ, ତେବେ ଉକ୍ତ ସ୍ଥାନରେ ମଶ୍ଚରାଇଜର୍ କିମ୍ବା ଡାକ୍ତରଙ୍କ ପରାମର୍ଶକ୍ରମେ ମେଡିସିନ୍ ଲଗାନ୍ତୁ।
- ୱାକ୍ସିଂ ପରେ ଜଳାପୋଡ଼ା ହେଲେ ତୁରନ୍ତ ଥଣ୍ଡା ପାଣିରେ ଧୋଇଲେ କିମ୍ବା ୨୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖିଲେ କଷ୍ଟ କମ୍ ହୋଇଥାଏ। ଅଧିକ ଜଳାପୋଡ଼ା ହେଲେ ଆଣ୍ଟିବ୍ୟାକ୍ଟେରିଆ ଅଏଣ୍ଟମେଣ୍ଟ ଲଗେଇ ପାରିବେ। ଧ୍ୟାନ ରଖନ୍ତୁ, ସେହି ସ୍ଥାନରେ ବରଫ ଲଗାନ୍ତୁ ନାହିଁ।
- ଆମ ଶରୀରର ଉପର ଚର୍ମ ବା ଏପିଡର୍ମାଲ୍ ଲେୟାର ବହୁତ ପତଳା ଏବଂ ସମ୍ବେଦନଶୀଳ। ତେଣୁ ୱାକ୍ସିଂ କରିବା ପରେ ଖରାରେ ବୁଲନ୍ତୁ ନାହିଁ।
- ଅଧିକାଂଶ ୱାକ୍ସିଂ କ୍ରିମ୍‌ରେ ରାସାୟନିକ ଉପାଦାନ ମିଶିଥାଏ, ଯାହାର ପାର୍ଶ୍ୱ ପ୍ରତିକ୍ରିୟା ବି କେତେକଙ୍କଠାରେ ଦେଖାଯାଏ। ଏହାଦ୍ୱାରା ଆଲର୍ଜି ହୋଇ ଲାଲ୍ ପଡ଼ିବା, ଫଳିଯିବା, କୁଣ୍ଡେଇ ହେବା, ଜଳାପୋଡ଼ା ହେବା ଭଳି ସମସ୍ୟା ଉପୁଜିଥାଏ। ତେଣୁ କେମିକାଲ ଫ୍ରି ପ୍ରଡକ୍ଟ ବ୍ୟବହାର କରନ୍ତୁ।



# ଆଜି କୋଲକାତା-ସନରାଇଜର୍ସ ଫାଇନାଲ

ଚେନ୍ନାଇ,୨୫।୫(ପି.ଟି)


ଆଇପିଏଲ୍ ଟ୍ରଫି ସହ କୋଲକାତା ଅଧିନାୟକ ଶ୍ରେୟସ୍ ଆୟର ଓ ହାଇଦ୍ରାବାଦ୍ ଅଧିନାୟକ ପ୍ୟାଟ୍ କୁମିନ୍ସ।

## ଆଇପିଏଲ୍ ୨୦୨୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ ତମ ସଂସ୍କରଣର ଫାଇନାଲ ରବିବାର ଚେନ୍ନାଇର ଚେପକ୍ ଷ୍ଟାଡିୟମରେ କୋଲକାତା ନାଇଟ୍ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌କୁ ଫ୍ୟାନ୍‌ମାନେ କୋଲକାତାର ମେଣ୍ଟର ଗୌତମ ଗମ୍ଭୀର ଓ ହାଇଦ୍ରାବାଦ ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ ମଧ୍ୟରେ ଲଢ଼େଇ ବୋଲି ବିବେଚନା କରିଛନ୍ତି। ଏହା ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ କୋଲକାତା ବିଜୟୀ ହୋଇଥିବା ବେଳେ ଫାଇନାଲରେ ଆଉ ଥରେ ପରସ୍ପର ସମ୍ମୁଖୀନ ହେବାକୁ ଯାଉଛନ୍ତି। କୋଲକାତା ଅଧିନାୟକ ଶ୍ରେୟସ୍ ଆୟର ନିଜର ଦ୍ୱିତୀୟ ଆଇପିଏଲ୍ ଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆର ବିଶ୍ୱକପ ବିଜୟୀ ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ ଅଧୀନରେ ଖେଳିବ ସନରାଇଜର୍ସ । ସେହିପରି ଚେନ୍ନାଇର ଗ୍ରାଉଣ୍ଡ ଓ ପରିବେଶ ମଧ୍ୟ କୋଲକାତାକୁ ଅଧିକ ସୁହାଇବ। ଦଳ ନିକଟରେ କ୍ୱାଲିଟି ସ୍ପିନ ବୋଲର ରହିଥିବା ବେଳେ ଏହା ଦଳକୁ ଫାଇଦାରେ ରଖିବ। ଉଭୟ ଦଳ ଚଳିତ ଟୁର୍ନାମେଣ୍ଟରେ ଆକ୍ରମଣାତ୍ମକ ବ୍ରାଣ୍ଡର କ୍ରିକେଟ ଖେଳିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ଖାସ୍‌କରି ଆକ୍ରମଣାତ୍ମକ ବ୍ୟାଟିଂର ଏକ ନୂଆ ଟ୍ରେଣ୍ଡ ସେଟ୍ କରିଛି। ହାଇଦ୍ରାବାଦ ପକ୍ଷରୁ ଅଭିଷେକ ଶର୍ମା ଓ ଟ୍ରାଭିସ୍ ହେଡ୍ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ଖେଳାଳି ଅଧିକାଂଶ ମ୍ୟାଚରେ ହାଇଦ୍ରାବାଦକୁ ଭଲ ଆରମ୍ଭ ଦେଇଛନ୍ତି। ଏହା ସହ ହେନ୍‌ରିଚ୍ କ୍ଲାସେନ୍ ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି। ତେବେ ଏହି ୩ ଖେଳାଳିଙ୍କୁ ବାଦ୍‌ଦେଲେ ଅନ୍ୟ କୌଣସି ଖେଳାଳିଙ୍କ ନିକଟରୁ ଉପଯୋଗୀ ଅବଦାନ ମିଳି ପାରି ନାହିଁ। ବଡ ମ୍ୟାଚ୍‌ରେ ଏହା ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ। ତେବେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରୁଥିବା ରାହୁଲ ତ୍ରିପାଠୀ ଅନ୍ତିମ ଦୁଇ ମ୍ୟାଚରେ ଧୂଆଁଧାର ବ୍ୟାଟିଂ କରିଛନ୍ତି। ଅନ୍ୟ ପକ୍ଷରେ କୋଲକାତା ନାଇଟ ରାଇଡର୍ସ ୪୩୫ ରନ୍ ସଂଗ୍ରହ କରିଥିବା ଫିଲ୍ ସଲ୍ଟଙ୍କ ଅଭାବ ଅନୁଭବ କରିବ। ଚେପକ୍‌ର ଧିମା ଟ୍ରାକ୍‌ରେ ସଲ୍ଟଙ୍କ ଉପସ୍ଥିତି ଦଳକୁ ଫାଇଦା ପ୍ରଦାନ କରିଥାଏ। ଦଳ ପକ୍ଷରୁ ସୁନୀଲ ନାରିନ୍(୪୬୧ ରନ୍) ଉଭୟ ବ୍ୟାଟ୍ ଓ ବଲ୍ ଜରିଆରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆନ୍ଦ୍ରେ ରସେଲ୍ ଉପଯୋଗୀ ରନ୍ କରିଥିବା ବେଳେ ରିଙ୍କୁ ସିଂଙ୍କ ପାଇଁ ଚଳିତ ସିଜନ ସମ୍ପୂର୍ଣ୍ଣ ଅଫ୍ ରହିଛି। ଅଧିନାୟକ ଶ୍ରେୟସ୍ ଆୟର କ୍ୱାଲିଫାୟର-୧ରେ ଅର୍ଦ୍ଧଶତକ ସହ ଫର୍ମକୁ ଫେରିଛନ୍ତି। ବୋଲିଂରେ ନାରିନଙ୍କ ସହ ବରୁନ୍ ଚକ୍ରବର୍ତ୍ତୀ, ବୈଭବ ଅରୋରା ଓ ଆନ୍ଦ୍ରେ ରସେଲ ରହିଛନ୍ତି। ଅନ୍ୟ ପକ୍ଷରେ ସନରାଇଜର୍ସ ନିକଟରେ ପ୍ରମୁଖ ସମସ୍ୟା ଏହାର ସ୍ପିନ୍ ବୋଲିଂ ରହିଛି। ତେବେ କ୍ୱାଲିଫାୟର-୨ରେ ଶାହବାଜ ଅହମଦ ଓ ଅଭିଷେକ ଶର୍ମା ଯେଉଁଭଳି ଭାବରେ ବୋଲିଂ କଲେ ତାହା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଅନ୍ୟ ପକ୍ଷରେ କେକେଆର୍ ନିକଟରେ ରହିଥିବା ବୋଲିଂ ବିବିଧତା ଏହାକୁ ଫେଭରିଟ୍ କରିବ। ବରୁନ୍ ଚକ୍ରବର୍ତ୍ତୀ ୨୦ ଓ ସୁନୀଲ ନାରିନ୍ ୧୬ ଉଇକେଟ ନେଇଛନ୍ତି। ଯୁବ ଭାରତୀୟ ଅନକ୍ୟାପ୍‌ଡ ବୋଲର ହର୍ଷିତ ରାଣା ୧୭ ଉଇକେଟ ନେଇ ପ୍ରଭାବୀ ରହିଛନ୍ତି। ଚେପକ୍‌ରେ ୨୦୧୨ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇ କୋଲକାତାକୁ ପ୍ରଥମ ଟାଇଟଲ୍ ଜିତାଇବାରେ ସାହାଯ୍ୟ କରିଥିଲେ ଗମ୍ଭୀର। ଏହା ଗମ୍ଭୀରଙ୍କ ନେତୃତ୍ୱ ନେବାର ଦକ୍ଷତା ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲା। ବର୍ତ୍ତମାନ ଗମ୍ଭୀର ଭାରତୀୟ ଦଳର ମୁଖ୍ୟ କୋଚ୍ ହେବା ଦୌଡ଼ରେ ଆଗୁଆ ରହିଥିବା ଜଣାପଡିଛି। ଟାଇଟଲ ଜିତିବା ଦ୍ୱାରା ଭାରତୀୟ ଡ୍ରେସିଂ ରୁମ୍‌ରେ ଗମ୍ଭୀରଙ୍କ ଉପସ୍ଥିତି ସ୍ପଷ୍ଟ ହେବ।

# ମହିଳା କମ୍ପାଉଣ୍ଡ ଦଳକୁ ସ୍ୱର୍ଣ୍ଣ


ତୀରନ୍ଦାଜୀ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ମହିଳା କମ୍ପାଉଣ୍ଡ ଦଳ।

ୟେଚିଅନ୍ (ଦକ୍ଷିଣ କୋରିଆ), ୨୫।୫ (ପି.ଟି.)

## ତୀରନ୍ଦାଜୀ ବିଶ୍ୱକପ୍

ଜ୍ୟୋତି ସୁରେଖା ଭେନମ୍, ପରଣିତ କୌର ଓ ଅଦିତି ସ୍ୱାମୀଙ୍କୁ ନେଇ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ କ୍ରମାଗତ ତୃତୀୟ ଥର ପାଇଁ ତୀରନ୍ଦାଜୀ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମିକ୍ସଡ ଟିମ୍ ଏଠାରେ ଚାଲିଥିବା ଷ୍ଟେଜ ଦୁଇ ଇଭେଣ୍ଟରେ ଏକ ରୌପ୍ୟ ପଦକ ଲାଭ କରିଛି। ବିଶ୍ୱର ନମ୍ବର ୱାନ ଭାରତୀୟ ଦଳ ସଂଘର୍ଷପୂର୍ଣ୍ଣ ଫାଇନାଲରେ ହାଜାଲ ବୁରୁ , ଆଇସେ ବେରା ସୁଜେର ଏବଂ ବେଗମ ୟୁଭାଙ୍କୁ ନେଇ ତୁର୍କୀ ଦଳ ବିପକ୍ଷରେ ଭାରି ପଡ଼ିଥିଲା। ସେମାନେ ୬ ପଏଣ୍ଟ ବ୍ୟବଧାନ (୨୩୨-୨୨୬)ରେ ମୁକାବିଲା ଜିତି ନେଇଥିଲେ। ଜ୍ୟୋତି, ପରଣିତ ଓ ବିଶ୍ୱ ଚାମ୍ପିୟନ ଅଦିତି ମିଳିତ ଭାବେ ହ୍ୟାଟ୍ରିକ୍ ବିଶ୍ୱକପ୍ ଜିତିଛନ୍ତି। ସେମାନେ ଗତ ମାସରେ ଶାଂଘାଇଠାରେ ଇଟାଲୀକୁ ହରାଇ ସିଜନ ଓପନିଂ ବିଶ୍ୱକପ୍ ଷ୍ଟେଜ୍-୧ ଜିତିଥିଲେ। ସେମାନେ ପ୍ୟାରିସରେ ଅନୁଷ୍ଠିତ ଗତବର୍ଷ ଅନ୍ତିମ ତଥା ଷ୍ଟେଜ୍-୪ରେ ମଧ୍ୟ ଏକ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ଏସିଆନ ଗେମ୍ସ ଚାମ୍ପିୟନ ଜ୍ୟୋତି ଦ୍ୱିତୀୟ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇପାରି ନ ଥିଲେ। ସେ ଓ ପ୍ରିୟାଂଶ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ର ଓଲିଭିଆ ଡିନ୍ ଓ ସୟେର ସୁଲିଭାନଙ୍କଠାରୁ ୨ ପଏଣ୍ଟ ବ୍ୟବଧାନ (୧୫୫-୧୫୩)ରେ ହାରିଯାଇଥିଲେ। ଭାରତୀୟ ତୀରନ୍ଦାଜମାନେ କମ୍ପାଉଣ୍ଡ କାଟେଗୋରିରେ ଆଉ ଏକ ପଦକ ଜିତିବାରେ ବିଫଳ ରହିଥିଲେ। ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ପ୍ରଥମେଶ ଫ୍ୟୁଜ୍ ବିଶ୍ୱର ନମ୍ବର-୧ ନେଦରଲାଣ୍ଡ୍‌ର ମାଇକ୍ ସ୍କ୍ଲୋସରଙ୍କଠାରୁ ୨ ପଏଣ୍ଟ ବ୍ୟବଧାନରେ ହାରିଯାଇଥିଲେ।

# ବେଦବ୍ରତ ଜିତିଲେ ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀ,୨୫।୫(ପି.ଟି.)

## ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍



ଆସାମର ସ୍ୱଳ୍ପ ବୟସ୍କ ଭାରୋ ତ୍ତୋଳକ ବେଦବ୍ରତ ଭରାଲି ପେରୁରୁ ଲିମାଠାରେ ଚାଲିଥିବା ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍ ପୁରୁଷ ୭୩ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୧୭ବର୍ଷୀୟ ଭରାଲି ମୋଟ ୨୯୬ କେଜି (ସ୍ନାଚରେ ୧୩୬ ଏବଂ କ୍ଲିନ ଓ ଜର୍କରେ ୧୬୦ କେଜି) ଉତ୍ତୋଳନ କରିଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୨ କେଜି ଆଗରେ ରହିଥିଲେ। ଏସିଆନ ୟୁଥ୍ ଚାମ୍ପିୟନ ଗତବର୍ଷ ୬୭କେଜି କାଟେଗୋରିରେ ତୃତୀୟ ହୋଇଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ର୍ୟାନ୍ ମ୍ୟାକ୍‌ଡୋନାଲ୍ଡ ୧୨୫-୧୫୯-୨୮୪ ପ୍ରୟାସ ସହ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ୟୁକ୍ରେନ୍‌ର ସେର୍‌ହି କୋଟେଲଭକ୍ସି ୧୩୦-୧୫୩-୨୮୩ ସହ ବ୍ରୋଞ୍ଜ ଜିତିଥିଲେ। ସାଇରାଜ ପରଦେଶୀ ଭାରତ ପାଇଁ ଏକ ବ୍ରୋଞ୍ଜ ପଦକ ଆଣି ଦେଇଥିଲେ। ସେ ପୁରୁଷ ୮୧କେଜି ଶ୍ରେଣୀରେ ୧୩୫ କେଜି ଉତ୍ତୋଳନ କରିଥିଲେ। ଓଭରଅଲ କାଟେଗୋରିରେ ମାତ୍ର ୧ କେଜି ପାଇଁ ଟୋଟାଲ ଲିଫ୍ଟ ୩୦୦କେଜି (୧୩୫+୧୬୫) ପାଇଁ ସେ ଚତୁର୍ଥରେ ରହିଥିଲେ।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିବାହ ବିଚ୍ଛେଦ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ,୨୫।୫


ନତାଶା ଷ୍ଟାଙ୍କୋଭିକ ଓ ହାର୍ଦ୍ଦିକ ପାଣ୍ଡ୍ୟା।

ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିବାହ ବିଚ୍ଛେଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ହାର୍ଦ୍ଦିକ ଓ ନତାଶା ଷ୍ଟାଙ୍କୋଭିକ୍ ଅଲଗା ହେଉଥିବା ନେଇ ଖବର ସୋସିଆଲ ମିଡିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏପରିକି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ଏକ୍ସ'ରେ ଟ୍ରେଣ୍ଡ୍ ମଧ୍ୟ କରିଥିଲା। ନିକଟରେ ନତାଶା ଷ୍ଟାଙ୍କୋଭିକ୍ ନିଜ ଇନ୍‌ଷ୍ଟାଗ୍ରାମରୁ ପାଣ୍ଡ୍ୟା ସରନେମ୍ ହଟାଇବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ପୂର୍ବରୁ ନତାଶା ଇନ୍‌ଷ୍ଟାଗ୍ରାମରେ ନତାଶା ଷ୍ଟାଙ୍କୋଭିକ୍ ପାଣ୍ଡ୍ୟା ଲେଖୁଥିବା ବେଳେ ବର୍ତ୍ତମାନ ପାଣ୍ଡ୍ୟା ହଟାଇଛନ୍ତି। ଅନ୍ୟ ପକ୍ଷରେ ନତାଶା ପାଣ୍ଡ୍ୟାଙ୍କ ସହିତ ଥିବା ତାଙ୍କର ପୁରୁଣା ଫଟୋଗୁଡିକୁ ମଧ୍ୟ ହଟାଇ ଦେଇଛନ୍ତି। ହାର୍ଦ୍ଦିକ ଓ ନତାଶା ୨୦୨୦ରେ ବିବାହ କରିଥିବା ବେଳେ ସେମାନଙ୍କର ଅଗସ୍ତ୍ୟ ନାମକ ଏକ ପୁତ୍ର ସନ୍ତାନ ରହିଛି। ତେବେ ଅଗସ୍ତ୍ୟ ସହ ରହିଥିବା ଫଟୋକୁ ନତାଶା ହଟାଇ ନାହାନ୍ତି। ଆଇପିଏଲ୍ ୨୦୨୪ ସମୟରେ କୌଣସି ବି ମ୍ୟାଚ୍‌ରେ ନତାଶାଙ୍କ ଦେଖା ମିଳି ନ ଥିଲା। ଏପରିକି ମାର୍ଚ୍ଚ ୪ ତାରିଖରେ ନତାଶାଙ୍କ ଜନ୍ମଦିନରେ ମଧ୍ୟ ହାର୍ଦ୍ଦିକ କୌଣସି ପୋଷ୍ଟ କରି ନ ଥିଲେ। ଏହାକୁ ନେଇ ଏହି ସେଲିବ୍ରିଟି ଦମ୍ପତିଙ୍କ ମଧ୍ୟରେ ସବୁ କିଛି ଠିକ୍ ନ ଥିବା ଆଲୋଚନା ହେଉଛି। ତେବେ ଏହି ଘଟଣାକୁ ନେଇ ହାର୍ଦ୍ଦିକ ଓ ନତାଶାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନାହିଁ।

# ୧୯ତମ ଷ୍ଟେଜ୍ ଜିତିଲେ ଭେଣ୍ଡ୍ରେମ୍

ରୋମ୍ (ଇଟାଲୀ), ୨୫।୫



ଇଟାଲୀର ଆଣ୍ଡ୍ରିଆ ଭେଣ୍ଡ୍ରେମ୍ ଗିରୋ ଡି' ଇଟାଲିଆ ସାଇକେଲ ରେସିଂର ୧୯ତମ ଷ୍ଟେଜ୍ ଜିତିଛନ୍ତି। ମୋର୍ଟେଗ୍ଲିଆନୋଠାରୁ ସାପ୍ପାଡା ପର୍ଯ୍ୟନ୍ତ ୧୫୭ ଦୂରତା ବିଶିଷ୍ଟ ଏକ ପାହାଡ଼ିଆ ଅଞ୍ଚଳରେ ଅନୁଷ୍ଠିତ ରେସ୍‌କୁ ଭେଣ୍ଡ୍ରେମ୍ ୩ଘଣ୍ଟା ୫୧ ମିନିଟ ୪ ସେକେଣ୍ଡରେ ଶେଷ କରିଥିଲେ। ସ୍ପେନର ପେଲାୟୋ ସାଞ୍ଚେଜ ୫୪ ସେକେଣ୍ଡ ପଛରେ ରେସ୍ ଶେଷ କରି ଦ୍ୱିତୀୟ ଏବଂ ଜର୍ମାନୀର ଷ୍ଟିନହାଉଜର ଆହୁରି ୭ ସେକେଣ୍ଡ ପଛରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଲୋଭେନିଆର ଟାଡେଜ ପୋଗାକାର ଭେଣ୍ଡ୍ରମ୍‌ଙ୍କଠାରୁ ୧୫ ମିନିଟ ପଛରେ ରେସ୍ ଶେଷ କରିଥିଲେ। ରେସ୍‌ର ଶ୍ରେଷ୍ଠ ୧୦ଙ୍କ ମଧ୍ୟରେ ସେ ସ୍ଥାନ ପାଇପାରି ନ ଥିଲେ ହେଁ ଓଭରଅଲ ଅବା ଜେନେରାଲ କ୍ଲାସିଫିକେଶନରେ ସେ ପ୍ରଥମ ସ୍ଥାନ ସହ ତାଙ୍କ ପିଙ୍କ୍ ଜର୍ସି ବଜାୟ ରଖିପାରିଛନ୍ତି। ପ୍ରତିଯୋଗିତାର ଆଉ ଦୁଇଟି ଷ୍ଟେଜ୍ ବାକି ରହିଥିଲେ ମଧ୍ୟ ସେ ଭଲ ସ୍ଥିତିରେ ଅଛନ୍ତି। ଗିରୋ ଡି' ଇଟାଲିଆର ୨୦ତମ ଷ୍ଟେଜ୍ ଅଲ୍‌ପାଗୋଠାରୁ ବାସାନୋ ଡେଲ୍ ଗ୍ରାପା ପର୍ଯ୍ୟନ୍ତ ୧୮୪ କି.ମି ଦୂରତା ବିଶିଷ୍ଟ ପାର୍ବତ୍ୟାଞ୍ଚଳରେ ହେବ। ପୋଗାକାରଙ୍କୁ ପ୍ରଥମ ସ୍ଥାନରୁ ହଟାଇବା ଲାଗି ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଲାଗି କହିବାକୁ ଗଲେ ୨୦ତମ ଷ୍ଟେଜରେ ଶେଷ ସୁଯୋଗ ରହିଛି। ୨୧ତମ ତଥା ଅନ୍ତିମ ଷ୍ଟେଜ୍ ଏକ ଫ୍ଲାଟ ସର୍କିଟରେ ରୋମ୍‌ରେ ଆରମ୍ଭ ହୋଇ ରୋମ୍‌ରେ ହିଁ ଶେଷ ହେବ। ଜେନେରାଲ କ୍ଲାସିଫିକେଶନରେ ପୋଗାକାରଙ୍କଠାରୁ ୭ ମିନିଟ ୪୨ ସେକେଣ୍ଡ ପଛକୁ କଲମ୍ବିଆର ଡାନିଏଲ୍ ମାର୍ଟିନେଜ୍ ରହିଥିବା ବେଳେ ୮ ମିନିଟ ୪ସେକେଣ୍ଡ ପଛରେ ଗ୍ରେଟ୍ ବ୍ରିଟେନର ଜରେଣ୍ଟ ଥୋମାସ ରହିଛନ୍ତି।

# ସିନ୍ଧୁ ମହିଳା ସିଙ୍ଗଲ୍ସ ଫାଇନାଲରେ

କୁଆଲାଲମ୍ପୁର, ୨୫।୫ (ପି.ଟି.)

## ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ



ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ବର୍ଷ ହେଲା ଗୋଟିଏ ହେଲେ ଟାଇଟଲ ଜିତିପାରି ନ ଥିବା ୫ମ ସିଡ୍ ସିନ୍ଧୁ ସେମିଫାଇନାଲରେ ବିଶ୍ୱର ୨୦ ନମ୍ବର ଖେଳାଳି ଥାଇଲାଣ୍ଡର ବୁସାନାନ ଅଙ୍ଗବାମ୍‌ରଙ୍ଗଫାନ୍‌ଙ୍କୁ ୧୩-୨୧, ୨୧-୧୬, ୨୧-୧୨ରେ ହରାଇ ଦେଇଛନ୍ତି। ଏହି ମାରାଥନ ମ୍ୟାଚ ୮୮ ମିନିଟ୍ ଧରି ଚାଲିଥିଲା। ଆକ୍ସିଆଟା ଆରେନାଠାରେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୫୦୦ ଟାଇଟଲର ନିକଟତର ହୋଇପାରିଛନ୍ତି ଭାରତର ଏହି ଷ୍ଟାର ଖେଳାଳି। ଫାଇନାଲ ଜିତିଲେ ସେ ୪,୨୦,୦୦୦ ଆମେରିକୀୟ ଡଲାର ପକେଟସ୍ଥ କରିବେ। ସିନ୍ଧୁ ୨୦୨୨ ସିଙ୍ଗାପୁର ଓପନ ଜିତିଥିଲେ। ସେ ଗତବର୍ଷ ମାଡ୍ରିଡ୍ ସ୍ପେନ ମାଷ୍ଟର୍ସରେ ରନରଅପ୍ ହୋଇଥିଲେ। ବୁସାନାନଙ୍କ ବିପକ୍ଷରେ ଏହା ହେଉଛି ତାଙ୍କର ୧୮ତମ ବିଜୟ। ଥାଇଲାଣ୍ଡର ଏହି ଖେଳାଳି ସିନ୍ଧୁଙ୍କୁ ଏପର୍ଯ୍ୟନ୍ତ ଥରେ ମାତ୍ର ୨୦୧୯ ହଂକଂ ଓପନ୍‌ରେ ହରାଇ ପାରିଛନ୍ତି। ବିଶ୍ୱର ୧୫ ନମ୍ବର ମାନ୍ୟତାପ୍ରାପ୍ତ ସିନ୍ଧୁ ପ୍ୟାରିସ ଗେମ୍ସରେ ତାଙ୍କର ତୃତୀୟ ଅଲିମ୍ପିକ ପଦକ ସନ୍ଧାନରେ ଅଛନ୍ତି। ଫାଇନାଲରେ ସେ ଦ୍ୱିତୀୟ ସିଡ୍ ତଥା ବିଶ୍ୱର ୭ ନମ୍ବର ଚାଇନାର ୱାଙ୍ଗ ଝି ୟିଙ୍କୁ ଭେଟିବେ। ସିନ୍ଧୁ ଗତବର୍ଷ ଆର୍କଟିକ୍ ଓପନରେ ୱାଙ୍ଗଙ୍କଠାରୁ ହାରିଯାଇଥିଲେ, କିନ୍ତୁ ସେ ଏହି ଚାଇନିଜ ଖେଳାଳିଙ୍କୁ ଅତୀତରେ ୩ଥର ପରାଜିତ କରିଛନ୍ତି। ଅଲିମ୍ପିକ୍ସର ଗତ ଦୁଇଟି ସଂସ୍କରଣରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିବା ସିନ୍ଧୁ ମ୍ୟାଚରେ ଆକ୍ରମଣାତ୍ମକ ଖେଳିଥିଲେ। ଏଥିରୁ ସେ ଫର୍ମକୁ ଫେରିଥିବାର ସୂଚନା ମିଳୁଛି। ପ୍ୟାରିସ ଅଲିମ୍ପିକ୍ସରେ ସିନ୍ଧୁଙ୍କୁ କାରୋଲିନା ମାରିନ, ତାଇ ତିଜୁ ୟିଙ୍ଗ୍, ଚେନ୍ ୟୁ ଫେଇ ଏବଂ ଆକାନେ ୟାମାଗୁଚିଙ୍କ ଭଳି କେତେଜଣ ବଡ଼ ଖେଳାଳିଙ୍କୁ ସାମ୍ନା କରିବାକୁ ପଡ଼ିବ।

# ପୁଣି ହାରିଲା ମହିଳା ହକି ଦଳ

ଆଣ୍ଟ୍ୱେର୍ପ (ବେଲଜିୟମ), ୨୫।୫ (ପି.ଟି.)

ୟୁରୋପିଆନ ଲେଗ୍ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ବେଲଜିୟମଠାରୁ ୧-୨ ଗୋଲ୍‌ରେ ପରାସ୍ତ ହୋଇଛି। ପ୍ରତିଯୋଗିତାରେ ଏହି ଦଳ ବିପକ୍ଷରେ ଭାରତର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ନୂଆ କୋଚ୍ ହରେନ୍ଦ୍ର ସିଂ ଏବଂ ଅଧିନାୟିକା ସଲିମା ଟେଟେଙ୍କ ଅଧୀନରେ ଭାରତୀୟ ମହିଳା ଦଳ ଗୁରୁବାର ବେଲଜିୟମଠାରୁ ୦-୨ରେ ହାରିଯାଇଥିଲା। ଏହା ପୂର୍ବରୁ ଦଳ ବୁଧବାର ଆର୍ଜେଣ୍ଟିନାଠାରୁ ୦-୫ରେ ପରାସ୍ତ ହୋଇଥିଲା। ଶନିବାର ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ବେଲଜିୟମ ବାଲେନିନ୍ ଆମ୍ବ୍ରେ (୧୪ତମ ମିନିଟ) ଓ ବ୍ଲକମାନ୍ସ ଭାନେସା (୨୦ତମ)ଙ୍କ ଗୋଲ ବଳରେ ୨-୦ରେ ଆଗୁଆ ରହିଥିଲା। ଉଭୟ ଗୋଲ୍ ପେନାଲ୍ଟି କର୍ଣ୍ଣର ଜରିଆରେ ହୋଇଥିଲା। ଭାରତୀୟ ଦଳ ତରଫରୁ ଏକମାତ୍ର ଗୋଲ୍ କୁମାରୀ ସଙ୍ଗୀତା ୩୪ତମ ମିନିଟ୍‌ରେ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା। ମ୍ୟାଚରେ ବେଲଜିୟମ ୩ଟି ପେନାଲ୍ଟି କର୍ଣ୍ଣର ପାଇଥିବା ବେଳେ ଭାରତକୁ ଗୋଟିଏ ହେଲେ ଗୋଲ୍ ମିଳି ନ ଥିଲା। ବେଲଜିୟମ ବିପକ୍ଷରେ ଭାରତ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୭ ଅନ୍ତର୍ଜାତୀୟ ମ୍ୟାଚରେ ପରାଜୟ ବରଣ କରିଛି। ଭାରତ ରବିବାର ଏହାର ପରବର୍ତ୍ତୀ ମ୍ୟାଚ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ସିମରନ୍ ଶର୍ମାଙ୍କୁ ସ୍ୱର୍ଣ୍ଣ ପଦକ



୨୦୦ ମିଟର ଟି୧୨ ବର୍ଗରେ ସ୍ୱର୍ଣ୍ଣ ଜିତିଥିବା ସିମ୍‌ରନ୍ ଶର୍ମା।



୧୦୦ ମିଟର ଟି ୩୫ ବର୍ଗରେ ବ୍ରୋଞ୍ଜ ବିଜୟିନୀ ପ୍ରୀତି ପାଲ।

କୋବ,୨୫।୫(ପି.ଟି)

## ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍

### ■ ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ଷଷ୍ଠରେ ଭାରତ

ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ଅଭିଯାନ ଶେଷ କରିଛି। ଭାରତୀୟ ଆଥଲେଟମାନେ ୧୭ ପଦକ ହାସଲ କରିଥିବା ବେଳେ ଭାରତ ଷଷ୍ଠ ସ୍ଥାନରେ ରହିଥିଲା। ଅନ୍ତିମ ଦିନରେ ୨୦୦ ମିଟର ଟି୧୨ ବର୍ଗରେ ଦିଲ୍ଲୀର ସିମରନ୍ ଶର୍ମା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଶନିବାର ୨୦୦ ମିଟର ଟି୧୨ ଇଭେଣ୍ଟରେ ୨୪.୯୫ ସେକେଣ୍ଡର ଟାଇମିଂ ସହ ସିମରନ୍ ଭାରତ ପାଇଁ ଷଷ୍ଠ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଡୋମିନିକାର ଡାରଲେନିସ ଡେ ଲା ସେଭେର୍ନିଓ ୨୫.୦୮ ସେକେଣ୍ଡ ଓ ଲରିଏନ୍ ଗୋମ୍ସ ଡି ଅଗୁଇଆର ୨୫.୪୦ ସେକେଣ୍ଡର ଟାଇମିଂ ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଯେଉଁ ଆଥଲେଟଙ୍କର ଦୃଷ୍ଟିଶକ୍ତିରେ ସାମାନ୍ୟ ସମସ୍ୟା ରହିଥାଏ ସେମାନେ ଏହି ବର୍ଗରେ ଅଂଶଗ୍ରହଣ କରିଥାନ୍ତି। ଭାରତ ଚଳିତ ସଂସ୍କରଣରେ ୬ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସିମରନଙ୍କ ବ୍ୟତୀତ ଦୀପ୍ତି ଜୀବନଜୀ, ସଚିନ୍ ଖିଲାରି, ସୁମିତ ଆଣ୍ଟିଲ, ଥଙ୍ଗାଭେଲୁ ମରିୟାପ୍ପାନ ଓ ଏକତା ଭ୍ୟାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚାଇନା ୩୩ ସ୍ୱର୍ଣ୍ଣ ସହ ମୋଟ ୮୭ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲା।

ଦିଲ୍ଲୀର ବୁରାରି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସିମରନ୍‌ଙ୍କ ଜନ୍ମରୁ ଦୃଷ୍ଟିଶକ୍ତି ସମସ୍ୟା ରହିଛି। ୧୦ ମିଟରରୁ ଅଧିକ ଦୂର ତାଙ୍କୁ ଦେଖା ଦେଇ ନ ଥାଏ। ଅପରିପକ୍ୱ ଭାବରେ ଜନ୍ମ ନେଇଥିବ ସିମରନଙ୍କୁ ୭ ମାସ ଇନକ୍ୟୁବେଟରରେ ରଖାଯାଇଥିଲା। ତେବେ ଦୃଢ଼ ଇଚ୍ଛାଶକ୍ତି ବଳରେ ସିମରନ୍ ଦେଶର ଟପ୍ ଆଥଲେଟ ପାଲଟି ଯାଇଛନ୍ତି। ୨୪ ବର୍ଷୀୟା ସିମରନ୍ ପୂର୍ବରୁ ହାଙ୍ଗଝୋ ଏସିଆନ୍ ଗେମ୍ସର ୧୦୦ ଓ ୨୦୦ ମିଟର ଇଭେଣ୍ଟରେ ଦୁଇଟି ରୌପ୍ୟ ପଦକ ଜିତିଥିଲେ। ସିମରନ୍‌ଙ୍କ ସ୍ୱାମୀ ଗଜେନ୍ଦ୍ର ସିଂ ଭାରତୀୟ ସେନାରେ କାମ କରୁଥିବା ବେଳେ ତାଙ୍କର କୋଚ ମଧ୍ୟ ରହିଛନ୍ତି। ଶନିବାର ଭାରତୀୟ ଆଥଲେଟମାନେ ଆଉ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। ୧୦୦ ମିଟର ଟି ୩୫ ବର୍ଗରେ ପ୍ରୀତି ପାଲ ଓ ଏଫ୍ ୪୧ ଜାଭେଲିନ୍ ଥ୍ରୋରେ ନବଦୀପ ସିଂ ଏହି ସଫଳତା ହାସଲ କରିଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ